# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୩/୨୦୨୦ (୧୩ ପୃଷ୍ଠା) | Bhubaneswar, Monday, August 3/2020 | ★★★★★★

୪୬ଶ ଭାଗ ୨୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-








## ହାମିଲଟନ ଜିତିଲେ ବ୍ରିଟିଶ ଗ୍ରାଁ ପ୍ରି

ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ସିଲ୍‌ଭରଷ୍ଟୋନ୍‌ଠାରେ ରବିବାର ୭ମ ଥର ପାଇଁ ବ୍ରିଟିଶ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି।

୧୩

୧୦

## ଅଭିନୟରେ ମୃଣାଳଙ୍କ କମାଲ

ସିରିଏଲ 'କୁମ୍‌କୁମ୍ ଭାଗ୍ୟ'ରେ ବୁଲବୁଲ ଚରିତ୍ରରେ କମାଲ ଅଭିନୟ କରିଥିବା ଅଭିନେତ୍ରୀ ମୃଣାଳ ଠାକୁର 'ଲଭ ସୋନିଆ'ରୁ ବଲିଉଡ୍‌ରେ ଯାତ୍ରା ଆରମ୍ଭ କରିଥିଲେ।

# ଫିଟିଲାନି ରତ୍ନଭଣ୍ଡାର ଚାବି ଗୁମର

**ପୁରୀ ଅଫିସ,୨।୮**

ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନଅଳଙ୍କାରର ସୁରକ୍ଷାକୁ ନେଇ ଭକ୍ତଙ୍କ ମନରେ ଥିବା ସନ୍ଦେହ ଦୂର ହୋଇପାରୁନାହିଁ। ୨୦୧୮ରେ ରତ୍ନଭଣ୍ଡାର ଚାବି ହଜିବା ଏବଂ ପରେ ତାହାର ଡୁପ୍ଲିକେଟ୍ ମିଳିବା ଘଟଣାରୁ ଏଭଳି ସନ୍ଦେହ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଏନେଇ ବିଚାର ବିଭାଗୀୟ ତଦନ୍ତ କରି ୨୦ ମାସ ହେଲା ରିପୋର୍ଟ ପାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହାକୁ ସାର୍ବଜନୀନ କରିନାହାନ୍ତି। ସରକାରଙ୍କ ଏଭଳି ନୀରବତା ରହସ୍ୟଜନକ ମନେ ହେଉଥିବାବେଳେ ରତ୍ନ ଅଳଙ୍କାରର ସୁରକ୍ଷାକୁ ନେଇ ଭକ୍ତଙ୍କ ସନ୍ଦେହ ବଢ଼ିଯାଇଛି।

୨୦୧୮ରେ ଜଗମୋହନ ମରାମତି କାମ ସରିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ରତ୍ନଭଣ୍ଡାର ସୁରକ୍ଷା ଚିନ୍ତା ଘାରିଥିଲା। ସେହିବର୍ଷ ମାର୍ଚ୍ଚ ୨୦ରେ ପରିଚାଳନା କମିଟି ବୈଠକ ବସି ଭିତର ରତ୍ନଭଣ୍ଡାର ଗୃହର ସ୍ଥିତି ଓ ମରାମତି ଉପରେ ଆଲୋଚନା ହୋଇଥିଲା। ରତ୍ନଭଣ୍ଡାର ଛାତର ସ୍ଥିତି ଅନୁଧ୍ୟାନ ଓ ମରାମତି ସକାଶେ ହାଇକୋର୍ଟ ମାର୍ଚ୍ଚ ୨୨ରେ ନିର୍ଦ୍ଦେଶ ଦେଇଥିଲେ। ମାର୍ଚ୍ଚ



- ତଦନ୍ତ ରିପୋର୍ଟକୁ ୨୦ମାସ ବିତିଲା
- ତଦନ୍ତ ବାବଦ ଖର୍ଚ୍ଚ ହୋଇଛି ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା
- ଭକ୍ତଙ୍କ ମନରେ ସନ୍ଦେହ ବଢୁଛି

୨୮ରେ ରାଜ୍ୟ ସରକାର ମଧ୍ୟ ଏଥିଲାଗି ଅନୁମତି ଦେଇଥିଲେ। ସମସ୍ତ ଆଇନଗତ ବ୍ୟବସ୍ଥା ସରିବା ପରେ ୨୦୧୮ ଏପ୍ରିଲ ୪ରେ ରତ୍ନଭଣ୍ଡାର ଖୋଲାଯିବାକୁ ସ୍ଥିର ହୋଇଥିଲା। ୧୬ଜଣିଆ ସଦସ୍ୟ ଭିତର ରତ୍ନଭଣ୍ଡାର ଖୋଲିବାକୁ ଯାଇଥିଲେ। ମାତ୍ର ଏହାର ଚାବି ନ ଥିବାରୁ ବାହାର ଭଣ୍ଡାରରୁ ଭିତର ଭଣ୍ଡାର ସ୍ଥିତି ଦେଖି ଫେରି ଆସିଥିଲେ। ହେଲେ ସେତେବେଳେ ଚାବି ହଜିଯାଇଥିବା ବିଷୟକୁ ଗୋପନ ରଖାଯାଇଥିଲା। ସେହିବର୍ଷ ମେ ୨୮ରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକର ବିବରଣୀରେ ଚାବି ହଜିଥିବା ଦର୍ଶାଯିବା ପରେ ହଟଚମଟ ଆରମ୍ଭ ହୋଇଥିଲା। ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସରକାରଙ୍କୁ ବିରୋଧୀ ଘେରିଥିଲେ। ଜୁନ୍ ୬ରେ ରାଜ୍ୟ ସରକାର ଚାବି ହଜିବା ଘଟଣାର ତଦନ୍ତ ପାଇଁ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାସଙ୍କୁ କମିଶନ ଭାବେ ନିଯୁକ୍ତ କରିଥିଲେ। ୩ ମାସ ଭିତରେ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଥିଲା। କମିଶନ କଟକ ଓ ପୁରୀରେ ଏକାଧିକ ବୈଠକ କରି ବିଭିନ୍ନ ପକ୍ଷଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ତଦନ୍ତ ଚାଲିଥିବା ସମୟରେ ଜୁନ୍ ୧୩ରେ ଜିଲା ଟ୍ରେଜେରିରେ ଏକ ଲଫାପା ମଧ୍ୟରେ ଭିତର ରତ୍ନଭଣ୍ଡାରର ଡୁପ୍ଲିକେଟ୍ ଚାବି ରହିଥିବା ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଚାବି ହଜିବା ଓ ଡୁପ୍ଲିକେଟ୍ ମିଳିବା ଘଟଣା ରହସ୍ୟଜନକ ଥିବାରୁ ବିବାଦ ଜୋର୍ ଧରିଥିଲା। ଅନ୍ୟପକ୍ଷରେ ଧାର୍ଯ୍ୟ ସମୟ ମଧ୍ୟରେ ତଦନ୍ତ ସରିପାରି ନ ଥିଲା। ତେଣୁ ସରକାର କମିଶନଙ୍କ କାର୍ଯ୍ୟକାଳକୁ ଆଉ ୩ ମାସ ବୃଦ୍ଧି କରିଥିଲେ। ତଦନ୍ତ ବେଳେ ଜନସାଧାରଣଙ୍କଠାରୁ ୧୦ଟି ସତ୍ୟପାଠ ଆସିଥିଲା। ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ସତ୍ୟପାଠ ମାଧ୍ୟମରେ ଚାବି ହଜିବା ନେଇ କମିଶନଙ୍କ ନିକଟରେ ତଥ୍ୟ ରଖିଥିଲେ। କମିଶନଙ୍କ କାର୍ଯ୍ୟକାଳ ୨୦୧୮ ଡିସେମ୍ବର ୭ରେ ସରିବାକୁ ଥିବାବେଳେ ନଭେମ୍ବର ୩୦ରେ ୩୨୪ ପୃଷ୍ଠା ସମ୍ବଳିତ ପୂର୍ଣ୍ଣାଙ୍ଗ ରିପୋର୍ଟ ଗୃହ ବିଭାଗ ଉପସଚିବଙ୍କ ନିକଟରେ ଦାଖଲ କରାଯାଇଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭିତର ରତ୍ନଭଣ୍ଡାର ଚାବି ହଜିବା ତଦନ୍ତ ବାବଦରେ ୨୨ଲକ୍ଷ ☞ପୃଷ୍ଠା-୪

## ଅମିତ ଶାହାଙ୍କୁ କରୋନା



**ନୂଆଦିଲ୍ଲୀ, ୨।୮(ଆଇଏଏନ୍‌ଏସ୍)**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କରୋନା ଆକ୍ରାନ୍ତ ହୋଇଛନ୍ତି। ରବିବାର ସ୍ୱାବ୍ ପରୀକ୍ଷାରୁ କରୋନା ପଜିଟିଭ୍ ଆସିବା ପରେ ସେ ଦିଲ୍ଲୀର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ☞ପୃଷ୍ଠା-୪

## ସୁସ୍ଥ ହେଲେ ଅମିତାଭ



**ମୁମ୍ବାଇ ୨।୮(ପି.ଟି.)**

କରୋନା ସଂକ୍ରମିତ ହୋଇ ମୁମ୍ବାଇର ନାନାବତୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନ ରବିବାର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ☞ପୃଷ୍ଠା-୪

# ଗଞ୍ଜାମରେ ୧୦୦ ଟପିଲା ମୃତ୍ୟୁ ସଂଖ୍ୟା

### ଆଉ ୧୪୩୪ ପଜିଟିଭ୍ ଚିହ୍ନଟ, ୧୦ ମୃତ

**ଭୁବନେଶ୍ୱର, ୨।୮(ବ୍ୟୁରୋ)**

- ରାଜ୍ୟରେ ୩୪,୯୧୩ ଆକ୍ରାନ୍ତ, ମଲେଣି ୧୯୭
- କଳାହାଣ୍ଡିରେ ପ୍ରଥମ କରୋନା ମୃତ୍ୟୁ

ରାଜ୍ୟରେ କରୋନା ସ୍ଥିତି କ୍ରମଶଃ ଗମ୍ଭୀର ହେବାରେ ଲାଗିଛି। ସବୁ ଜିଲାକୁ ସଂକ୍ରମିତ କରିସାରିଥିବା ଏହି ମହାମାରୀ ଏବେ ମୃତ୍ୟୁ ବିଭୀଷିକା ରଚୁଛି। ଗୋଟିଏ ପରେ ଗୋଟିଏ ଜିଲାରୁ ମୁଣ୍ଡ ନେଉଛି। ରବିବାର ଆଉ ୧୦ଜଣ ଆକ୍ରାନ୍ତଙ୍କ ଜୀବନ ନେବା ପରେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୯୭କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ୪ଜଣ ଥିବାବେଳେ ଖୋର୍ଦ୍ଧାରୁ ୩, କଳାହାଣ୍ଡି, ସୁନ୍ଦରଗଡ଼ ଓ ଯାଜପୁରରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ଗଞ୍ଜାମ ଜିଲାରେ କରୋନା ମୃତ୍ୟୁ ୧୦୩ରେ ପହଞ୍ଚିଥିବାବେଳେ କଳାହାଣ୍ଡି ଜିଲାରେ ପ୍ରଥମ ମୃତ୍ୟୁ ହୋଇଥିବା



ଜଣାପଡ଼ିଛି। ସେହିପରି ଖୋର୍ଦ୍ଧାରେ ମୋଟ ମୃତ୍ୟୁ ୨୮ ଛୁଇଁଥିବାବେଳେ କଟକ ଓ ଗଜପତିରେ ୧୧, ସୁନ୍ଦରଗଡ଼ରେ ୧୦, ରାୟଗଡ଼ାରେ ୭, ନୟାଗଡ଼, ପୁରୀ ଓ ବାଲେଶ୍ୱରରେ ୩ଜଣ ଲେଖାଏ, କନ୍ଧମାଳ, ଅନୁଗୋଳ, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ମାଲକାନଗିରି ଓ ଜଗତ୍‌ସିଂହପୁରରେ ୨ଜଣ ଲେଖାଏ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ କଳାହାଣ୍ଡି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଇଂଲିଶ ଗୌଣ




**ତାମିଲନାଡୁ ରାଜ୍ୟପାଳଙ୍କୁ କରୋନା**

ତାମିଲନାଡୁ ରାଜ୍ୟପାଳ ବନୱାରୀଲାଲ୍ ପୁରୋହିତ କରୋନାରେ ଆକ୍ରାନ୍ତ ହୋଇ ଚେନ୍ନାଇର କାବେରୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କଠାରେ କରୋନାର ଲକ୍ଷଣ ନ ଥିଲା। ପୁରୋହିତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ପୂର୍ବରୁ ରାଜଭବନର ୮୪ଜଣ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ତେଣୁ ରାଜ୍ୟପାଳଙ୍କୁ କୋଭିଡ୍ ପରୀକ୍ଷା କରାଇବା ପାଇଁ ପରାମର୍ଶ ଦିଆଯାଇଥିଲା।

# ଓୱାଇସିଙ୍କୁ ନିମନ୍ତ୍ରଣ, ଆଡଭାନୀଙ୍କୁ ଉପେକ୍ଷା

ଅଯୋଧ୍ୟା/ନୂଆଦିଲ୍ଲୀ,୨।୮

ଯଦି ଅଯୋଧ୍ୟାର ଆରାଧ୍ୟ ଦେବତା ରାମ ତେବେ ଏହାର ରାଜନୈତିକ ଭଗବାନ ଲାଲ କୃଷ୍ଣ ଆଡଭାନୀ ବୋଲି କୁହାଯାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପାର ଅନେକ ନେତା ଅଗଷ୍ଟ ୫ରେ ହେବାକୁ ଥିବା ଭୂମି ପୂଜନ ଉତ୍ସବରେ ଯୋଗଦେଉଥିବାବେଳେ ରାମମନ୍ଦିର ଆନ୍ଦୋଳନର ପୁରୋଧା ଆଡଭାନୀ ଓ ମୁରଲୀ ମନୋହର ଜୋଷୀଙ୍କୁ ଏଠାକୁ ନିମନ୍ତ୍ରଣ କରାଯାଇ ନାହିଁ। ୧୯୯୦ ଦଶକରେ ଅଯୋଧ୍ୟା ରଥଯାତ୍ରା ଜରିଆରେ ରାମ ଜନ୍ମଭୂମି ଆନ୍ଦୋଳନକୁ ଶିଖରରେ ପହଞ୍ଚାଇଥିବା ଏହି ଦୁଇ ବରିଷ୍ଠ ନେତା ଗ୍ରାଉଣ୍ଡବ୍ରେକିଂ ସେରେମନିକୁ ଯିବେ ନାହିଁ। ନିଜ ଘରେ ବସି ଭିଡିଓ କନ୍‌ଫରେନ୍ସ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଭୂମି ପୂଜନ କାର୍ଯ୍ୟକ୍ରମ ଦେଖିବେ। କାରଣ ବର୍ତ୍ତମାନ ସୁଦ୍ଧା ପ୍ରସ୍ତୁତ କରାଯାଇଥିବା ଚୂଡ଼ାନ୍ତ ଅତିଥି ତାଲିକାରେ ଏହି ଦୁଇ ବର୍ଷୀୟାନ ନେତାଙ୍କ ନାମ ନାହିଁ। ଅନ୍ୟପଟେ ଟ୍ରଷ୍ଟ ପକ୍ଷରୁ ଉଭୟଙ୍କୁ ଫୋନ୍ କରି ନିମନ୍ତ୍ରଣ କରାଯାଇଥିବା ନେଇ ବାହାରେ ପ୍ରଚାର ଚାଲିଛି। ତେବେ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଆଡଭାନୀଙ୍କୁ କୌଣସି ପ୍ରକାର ନିମନ୍ତ୍ରଣ କରାଯାଇ ନାହିଁ ବୋଲି ତାଙ୍କ ନିକଟତମ ସୂତ୍ରରୁ ପ୍ରକାଶ।



ଅସାଦୁଦ୍ଦିନ ଓୱାଇସି

ଅନ୍ୟପକ୍ଷରେ ଉକ୍ତ କାର୍ଯ୍ୟକ୍ରମକୁ ମୂଳରୁ ବିରୋଧ କରିଆସୁଥିବା ହାଇଦ୍ରାବାଦ ଏମ୍‌ପି ତଥା ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସିଙ୍କୁ ଭାଜପା ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ତେଲଙ୍ଗାନା ଭାଜପା ନେତା ତଥା ମୁଖ୍ୟ ମୁଖପାତ୍ର କ୍ରିଷ୍ଣା ସାଗର ରାଓ ଭୂମି ପୂଜନରେ ସାମିଲ ହେବାକୁ ଓୱାଇସିଙ୍କୁ ନିମନ୍ତ୍ରଣ କରିଛନ୍ତି। ବାମପନ୍ଥୀ ନେତା ଏବଂ ଓୱାଇସି ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗଦିଅନ୍ତୁ, ଯଦ୍ୱାରା ସେମାନେ ନିଜ ନିଜ ଦଳର ଧର୍ମନିରପେକ୍ଷ ଆଭିମୁଖ୍ୟ ଓ ଭାଇଚାରା ପ୍ରତି ସେମାନଙ୍କ ବ୍ୟକ୍ତିଗତ ସହିଷ୍ଣୁତାକୁ ପ୍ରଦର୍ଶନ କରିପାରିବେ ବୋଲି କ୍ରିଷ୍ଣା ରାଓ ସାଗର କହିଛନ୍ତି।

## ଅଯୋଧ୍ୟାରେ ରାମମନ୍ଦିର ପାଇଁ ଭୂମି ପୂଜନ



୧୯୯୦ ମସିହାରେ ରାମ ରଥଯାତ୍ରାରେ ଭାଜପା ନେତା ଲାଲକୃଷ୍ଣ ଆଡଭାନୀ।

ପ୍ରକାଶ ଯେ, ୧୯୯୨ ଡିସେମ୍ବର ୬ରେ ଉତ୍ତରପ୍ରଦେଶର ଅଯୋଧ୍ୟାରେ ଥିବା ଷୋଡ଼ଶ ଶତାବ୍ଦୀର ବାବ୍ରି ମସ୍‌ଜିଦକୁ ଭାଙ୍ଗି ଦିଆଯାଇଥିଲା। ଉକ୍ତ ବିବାଦୀୟ ସ୍ଥଳକୁ ଭଗବାନ ରାମଙ୍କ ଜନ୍ମଭୂମି ବୋଲି ମନେକରୁଥିବା ହିନ୍ଦୁ କର ସେବକମାନେ ଏହି ଢାଞ୍ଚାକୁ ଧରାଶାୟୀ କରିଦେଇଥିଲେ। ଦୀର୍ଘ ଆଇନଗତ ଲଢ଼େଇ ପରେ ସୁପ୍ରିମକୋର୍ଟ ଗତ ନଭେମ୍ବର ୯ରେ ଏକ ଟ୍ରଷ୍ଟ ଗଠନ ସକାଶେ ନିର୍ଦ୍ଦେଶ ଦେବା ସହ ଉକ୍ତ ଭୂମିକୁ ରାମମନ୍ଦିର ନିର୍ମାଣ ପାଇଁ ହସ୍ତାନ୍ତର କରିବାକୁ ରାୟ ଦେଇଥିଲେ। ମସ୍‌ଜିଦ ନିର୍ମାଣ ପାଇଁ ଏକ ବିକଳ୍ପ ସ୍ଥାନରେ ୫ ଏକର ଜମି ମୁସଲମାନ ପକ୍ଷଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଗଠନ କରାଯାଇଛି। ସରକାରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ଟ୍ରଷ୍ଟ ରାମମନ୍ଦିର ନିର୍ମାଣ ପୂର୍ବରୁ ଭୂମି ପୂଜନର ଆୟୋଜନ କରିଛି।

## ଅଯୋଧ୍ୟାକୁ ଜଗିଛି ଡ୍ରୋନ୍

ଅଯୋଧ୍ୟା,୨।୮

ବୁଧବାର ହେବାକୁ ଥିବା ରାମମନ୍ଦିର ଭୂମି ପୂଜନ ଉତ୍ସବକୁ ଦୃଷ୍ଟିରେ ରଖି ଅଯୋଧ୍ୟା ନଗରୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଥିବାରୁ ଭିଆଇପି ରୁଟ୍‌ଗୁଡ଼ିକୁ ଡ୍ରୋନ୍ ଜରିଆରେ ନଜର ରଖାଯାଇଛି। ଅଯୋଧ୍ୟାରେ ରହୁଥିବା ଲୋକଙ୍କ ଗତିବିଧି ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି।

ବିଭିନ୍ନ ସ୍ଥାନରେ ସୁରକ୍ଷା ବନ୍ଦୋବସ୍ତ ସହ କୋଭିଡ୍-୧୯ ପ୍ରୋଟୋକଲ ଓ ନିବାରଣ ପଦକ୍ଷେପକୁ ଗୁରୁତ୍ୱ ଦିଆଯାଇଛି। ଅଯୋଧ୍ୟା ରେଞ୍ଜ ପୋଲିସ ଡିଆଇଜି ଦୀପକ କୁମାର କହିଛନ୍ତି, ଭୂମି ପୂଜନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତି ଦୃଷ୍ଟିରୁ ସମସ୍ତ ପ୍ରକାର ପ୍ରୋଟୋକଲର ଅନୁପାଳନ କରାଯିବ। କୋଭିଡ୍ ୱାରିୟରମାନେ ମଧ୍ୟ ମୁତୟନ ହେବେ। ବାହାରକୁ ନ ବାହାରିବା ପାଇଁ ଲୋକଙ୍କୁ ଅନୁରୋଧ କରାଯାଇଛି।



୫ରୁ ଅଧିକ ଲୋକ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇପାରିବେ ନାହିଁ। କେବଳ କରୋନା ନେଗେଟିଭ୍ ବାହାରିଥିବା ୪୫ ବର୍ଷରୁ କମ୍ ବୟସର ପୋଲିସ କର୍ମଚାରୀ ସୁରକ୍ଷା ଦାୟିତ୍ୱରେ ରହିବେ। ଏହାବାଦ୍ ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍ (ଏସ୍‌ଓଜି) ଅଧିକାରୀମାନେ ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱ ବହନ କରିବେ ବୋଲି ଉତ୍ତରପ୍ରଦେଶ ପୋଲିସ ମହାନିର୍ଦ୍ଦେଶକ ହିତେଶ ଚନ୍ଦ୍ର ଅଶ୍ୱସ୍ତି ସୂଚନା ଦେଇଛନ୍ତି।



ସରଯୂ ନଦୀକୂଳ ଅଯୋଧ୍ୟା ନଗରୀ।

## ‘ମୋଦିଙ୍କ କିଛି ଅବଦାନ ନାହିଁ’

ନୂଆଦିଲ୍ଲୀ,୨।୮

ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କିଛି ଅବଦାନ ନାହିଁ। ଏପରି କି ରାମମନ୍ଦିର ପ୍ରତିଷ୍ଠା ସପକ୍ଷରେ ସୁପ୍ରିମକୋର୍ଟ ରାୟ ଦେବାବେଳେ ମଧ୍ୟ ସର୍ବୋଚ୍ଚ ଅଦାଲତଙ୍କ ଅନୁଗ୍ରହ ପାଇବା ପାଇଁ ମୋଦି ସରକାର କୌଣସି ପ୍ରକାର ଉଦ୍ୟମ କରି ନ ଥିଲେ ବୋଲି ରାଜ୍ୟ ସଭା ସଦସ୍ୟ ସୁବ୍ରମଣ୍ୟମ ସ୍ୱାମୀ କହିଛନ୍ତି।



ସୁବ୍ରମଣ୍ୟମ ସ୍ୱାମୀ

ଅଗଷ୍ଟ ୫ରେ ପ୍ରଧାନମନ୍ତ୍ରୀ ମୋଦି ଭୂମି ପୂଜନ ଉତ୍ସବରେ ଯୋଗଦେବାକୁ ଅଯୋଧ୍ୟା ଯାଉଥିବାବେଳେ ରାମମନ୍ଦିର ନିର୍ମାଣ କ୍ଷେତ୍ରରେ ତାଙ୍କର କିଛି ଅବଦାନ ନାହିଁ ବୋଲି ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ ସ୍ପଷ୍ଟ କରିଛନ୍ତି। ସ୍ୱାମୀ କହିଛନ୍ତି, ମନ୍ଦିର ସପକ୍ଷରେ ଆମେ ଯୁକ୍ତି ଓ ବିତର୍କ କଲୁ। ସରକାର ଏପରି କିଛି କରିନାହାନ୍ତି, ଯାହାକୁ ମନ୍ଦିର ନିର୍ମାଣ ସପକ୍ଷରେ ସୁପ୍ରିମକୋର୍ଟ ରାୟ ପାଇଁ ଏକ ଫ୍ୟାକ୍ଟର ବୋଲି କୁହାଯାଇ ପାରିବ। ଅନ୍ୟପକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଓ ପି.ଭି. ନରସିଂହ ରାଓ ଏବଂ ବିଶ୍ୱହିନ୍ଦୁ ପରିଷଦର ଅଶୋକ ସିଂହଲ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣର ଏଜେଣ୍ଡାକୁ ଆଗକୁ ବଢ଼ାଇଥିଲେ ବୋଲି ସ୍ୱାମୀ ପ୍ରକାଶ କରିଛନ୍ତି।

# ଟାଇମ୍ସ ସ୍କୋୟାର ଡିସ୍‌ପ୍ଲେକୁ ଆମେରିକାରେ ବିରୋଧ

**ନ୍ୟୁୟର୍କ,୨।୮:** ଅଗଷ୍ଟ ୫ରେ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣର ଗ୍ରାଉଣ୍ଡବ୍ରେକିଂ ସେରେମନି ହେବ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ ଭାଜପା ନେତା ଯୋଗଦେବେ। ଏହି ଦିନ ଆମେରିକାର ନ୍ୟୁୟର୍କ ସହରସ୍ଥିତ ଟାଇମ୍ସ ସ୍କୋୟାରରେ ରାମଙ୍କ ଛବି ସହ ଅଯୋଧ୍ୟାରେ ପ୍ରସ୍ତାବିତ ମନ୍ଦିରର ଥ୍ରୀ-ଡି ପୋଟ୍ରେଟ୍ ପ୍ରଦର୍ଶନ କରାଯିବା ପାଇଁ ସ୍ଥିର ହୋଇଛି। ଏହାକୁ ଆମେରିକାରେ ଘୋର ବିରୋଧ କରାଯାଇଛି। ୨୦ଟି ସଙ୍ଗଠନ ଓ ବହୁ ସଂଖ୍ୟକ ବ୍ୟକ୍ତିବିଶେଷ ଏନେଇ ନ୍ୟୁୟର୍କ ମେୟର ବିଲ୍ ଡି ବ୍ଲାସିଓଙ୍କୁ ପତ୍ର ଲେଖି ଏଭଳି ଡିସ୍‌ପ୍ଲେ ନ କରାଇବାକୁ ଅନୁରୋଧ କରିଛନ୍ତି।

ଟାଇମ୍ସ ସ୍କୋୟାରରେ ଇସ୍‌ଲାମ ପ୍ରତି ଭୟ ଓ ଘୃଣା ସୃଷ୍ଟିକାରୀ ଏକ ବିଲ୍‌ବୋର୍ଡ ଲଗାଇବା ପାଇଁ ଯୋଜନା ଚାଲିଛି। ନ୍ୟୁୟର୍କରେ ରହୁଥିବା ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ମାନବିକତାରୁ ବଞ୍ଚିତ କରିବା ଏବଂ ଭାରତରେ ସଂଖ୍ୟାଲଘୁଙ୍କ ବିରୋଧରେ ମାନବାଧିକାର ଉଲ୍ଲଂଘନକୁ ପ୍ରୋତ୍ସାହନ ଦେବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ସ୍ୱାକ୍ଷରକାରୀମାନେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଆମ ମେଣ୍ଟ ଭାରତରେ ଭାଜପା ସରକାରଙ୍କ ହିନ୍ଦୁତ୍ୱ ଜାତୀୟତାବାଦକୁ ବିରୋଧ କରେ। ସମାବେଶୀ ତଥା ସମତାବାଦୀ ମୂଲ୍ୟବୋଧକୁ ପ୍ରୋତ୍ସାହନ ଦେଉଥିବା ନ୍ୟୁୟର୍କ ସିଟି ଏପରି ଘୃଣ୍ୟ ତଥା ଇସ୍‌ଲାମୋଫୋବିଆ ସୃଷ୍ଟିକାରୀ ଉତ୍ସବକୁ କିପରି ପାଳନ କରିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସ୍ୱାକ୍ଷରକାରୀଙ୍କ ମଧ୍ୟରେ ହିନ୍ଦୁଜ୍ ଫର୍ ହ୍ୟୁମାନ ରାଇଟ୍ସ ଆଣ୍ଡ କୋଲିଶନ ଏଗେନ୍‌ଷ୍ଟ ଫାସିଜମ୍ ଇନ୍ ଇଣ୍ଡିଆର ସଦସ୍ୟ ରହିଛନ୍ତି। ସ୍ୱାକ୍ଷରକାରୀ ବୁଦ୍ଧିଜୀବୀ ଓ ନାଗରିକମାନେ ବାବ୍ରି ମସ୍‌ଜିଦ ଭଙ୍ଗା ଘଟଣାକୁ ମଧ୍ୟ ନିନ୍ଦା କରିଛନ୍ତି। ୪୨୫ ବର୍ଷ ପୁରୁଣା ମସ୍‌ଜିଦ ଭଙ୍ଗାଯିବା ପରେ ଘଟିଥିବା ସାମ୍ପ୍ରଦାୟିକ ହିଂସାରେ ପ୍ରାୟ ୩,୦୦୦ ଲୋକ ପ୍ରାଣ ହରାଇଥିଲେ।

# କରୋନାରେ ୟୁପି ମନ୍ତ୍ରୀଙ୍କ ମୃତ୍ୟୁ

ଲକ୍ଷ୍ନୌ, ୨।୮(ପି.ଟି.)

ଉତ୍ତରପ୍ରଦେଶର ବୈଷୟିକ ଶିକ୍ଷାମନ୍ତ୍ରୀ କମଲ ରାଣୀ ବରୁଣଙ୍କର ରବିବାର କରୋନାରେ ମୃତ୍ୟୁ ଘଟିଛି। ସେ କରୋନାରେ ଆକ୍ରାନ୍ତ ହୋଇ ଦୁଇସପ୍ତାହ ହେଲା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କରୋନାରେ ମୃତ୍ୟୁ ହେବାରେ କମଲ ରାଣୀ ଉତ୍ତରପ୍ରଦେଶର ପ୍ରଥମ ମନ୍ତ୍ରୀ। ୬୨ ବର୍ଷୀୟ କମଲ ମଧୁମେହ, ଉଚ୍ଚ ରକ୍ତଚାପ, ହାଇପରଥାଇରଏଡଜିମ୍ ଆଦି ରୋଗରେ ପୀଡ଼ିତ ଥିଲେ।



କମଲ ରାଣୀ ବରୁଣ

ଜୁଲାଇ ୧୮ରେ କମଲଙ୍କଠାରେ କୋଭିଡ୍ ପଜିଟିଭ୍ ଜଣାପଡ଼ିବା ପରେ ତାଙ୍କୁ ଶ୍ୟାମା ପ୍ରସାଦ ମୁଖାର୍ଜୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ସଞ୍ଜୟ ଗାନ୍ଧୀ ପୋଷ୍ଟଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ (ଏସ୍‌ଜିପିଆଇଏମ୍‌ଏସ୍)କୁ ସ୍ଥାନାନ୍ତର କରାଯାଇଥିଲା। ହସ୍ପିଟାଲରେ ଭର୍ତ୍ତି ହେବା ସମୟରେ ସେ ଜ୍ୱର, କାଶରେ ପୀଡ଼ିତ ଥିବା ସହ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିଲେ। ତାଙ୍କୁ ଅଧିକ ଅମ୍ଳଜାନ ଆବଶ୍ୟକ ଥିବାରୁ ପ୍ରଥମ ଦିନରୁ ଆଇସିୟୁରେ ରଖାଯାଇଥିଲା ବୋଲି ଏସ୍‌ଜିପିଆଇଏମ୍‌ଏସ୍ ନିର୍ଦ୍ଦେଶକ ଡ. ଆର୍.କେ. ଧିମାନ କହିଛନ୍ତି। ତାଙ୍କୁ ରେମଡେସିଭିର ଇଞ୍ଜେକ୍‌ଶନ ଏବଂ ଟୋସିଲିଜୁମାବ୍ ଦିଆଯାଇଥିଲା। ଏହା ପରେ ତାଙ୍କର ପ୍ଲାଜ୍‌ମା ଥେରାପି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ଶନିବାର ତାଙ୍କୁ ମେକାନିକାଲ ଭେଣ୍ଟିଲେଟରରେ ରଖାଯାଇଥିଲା। ତାଙ୍କର ବିଭିନ୍ନ ଅଙ୍ଗ ଅକାମୀ ହୋଇପଡ଼ିଥିଲା ଏବଂ ରବିବାର ସକାଳ ୯ଟା ୩୦ରେ ତାଙ୍କର ମୃତ୍ୟୁ ଘଟିଥିଲା।

ମନ୍ତ୍ରୀ କମଲ ରାଣୀଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଦୁଃଖପ୍ରକାଶ କରିଛନ୍ତି। ସେ ଜଣେ ଦାୟିତ୍ୱସମ୍ପନ୍ନ ଓ ପାରଙ୍ଗମ ମନ୍ତ୍ରୀ ତଥା ଉତ୍ସର୍ଗୀକୃତ ଜନପ୍ରତିନିଧି ଥିଲେ ବୋଲି ଯୋଗୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ମନ୍ତ୍ରୀଙ୍କ ପରଲୋକ ଯୋଗୁ ଯୋଗୀ ତାଙ୍କର ଅଯୋଧ୍ୟା ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁପି ମନ୍ତ୍ରୀଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି।

# ସୁସ୍ଥ ହାର ୬୫.୪୪%

## ୧୭ ଲକ୍ଷ ଟପିଲା ସଂକ୍ରମିତଙ୍କ ସଂଖ୍ୟା

**ନୂଆଦିଲ୍ଲୀ, ୨।୮(ପି.ଟି.):** ଭାରତରେ କୋଭିଡ୍-୧୯ ସୁସ୍ଥ ହାର ୬୫.୪୪ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୫୧ ହଜାର ସୁସ୍ଥ ହୋଇଛନ୍ତି। ସେମାନଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୧ ଲକ୍ଷ ୪୫ ହଜାର ୬୨୯ କରୋନା ଆକ୍ରାନ୍ତ ସୁସ୍ଥ ହେଲେଣି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦେଶରେ ଏବେ ୫,୬୭,୭୩୦ ଆକ୍ରାନ୍ତ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି କିମ୍ବା ହୋମ୍ ଆଇସୋଲେଶନରେ ରହିଛନ୍ତି, ଯାହାକି ମୋଟ ମାମଲାର ୩୨.୪୩ ପ୍ରତିଶତ। ସେହିପରି କରୋନାରେ ମୃତ୍ୟୁହାର ୨.୧୩ ପ୍ରତିଶତକୁ ହ୍ରାସ ପାଇଛି। ଏହା ବିଶ୍ୱରେ ସର୍ବନିମ୍ନ।



କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ସମନ୍ୱିତ କୋଭିଡ୍ ପରିଚାଳନା ରଣନୀତି, ନିଃସ୍ୱାର୍ଥପର ଭାବେ କରୋନା ରୋଗୀଙ୍କ ଚିକିତ୍ସାରେ ନିଜକୁ ଉତ୍ସର୍ଗୀକୃତ କରିଥିବା ସମସ୍ତ ଆଗଧାଡ଼ିର ସ୍ୱାସ୍ଥ୍ୟ କର୍ମଚାରୀ, ବିଭିନ୍ନ ସେକ୍ଟରର କୋଭିଡ୍ ଯୋଦ୍ଧାମାନଙ୍କ ଉଦ୍ୟମ ଫଳରେ ଆରୋଗ୍ୟ ହାର କ୍ରମାଗତ ଭାବେ ବଢ଼ିଚାଲିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜୁନ୍ ୧୦ରେ ପ୍ରଥମ ଥର ପାଇଁ ଆରୋଗ୍ୟଙ୍କ ସଂଖ୍ୟା ଆକ୍ଟିଭ୍ ମାମଲାକୁ ଟପିଥିଲା। ଏବେ ସକ୍ରିୟ ମାମଲାଠାରୁ ଆରୋଗ୍ୟଙ୍କ ସଂଖ୍ୟା ୫,୭୭,୮୯୯ ଅଧିକ।

ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ରବିବାର ୧୭ ଲକ୍ଷ ଅତିକ୍ରମ କରିଛି। ୨୪ ଘଣ୍ଟା ମଧ୍ୟରେ ୫୪,୭୩୫ ନୂଆ ମାମଲା ସାମ୍ନାକୁ ଆସିଛି। ଏହାକୁ ମିଶାଇ ସଂକ୍ରମିତଙ୍କ ସଂଖ୍ୟା ୧୭,୫୦,୭୨୩ରେ ପହଞ୍ଚିଥିବାବେଳେ ୩୭,୩୬୪ ଜଣଙ୍କ ଜୀବନ ଗଲାଣି। ଗତ ୨୪ ଘଣ୍ଟାରେ ୮୫୩ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# ନେପାଳ ପାଣି ଛାଡ଼ିବାରୁ ୬୧ ଗାଁ ବୁଡ଼ିଗଲା

**ବାହରିଚ୍,୨।୮(ପି.ଟି.):** ନେପାଳ ଏହାର ତିନୋଟି ବ୍ୟାରେଜରୁ ନଦୀକୁ ଜଳ ଛାଡ଼ିଦେବାରୁ ରବିବାର ଉତ୍ତରପ୍ରଦେଶ ବାହରିଚ୍ ଜିଲାସ୍ଥିତ ୬୧ଟି ଗାଁ ଜଳମଗ୍ନ ହୋଇଯାଇଛି। ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବାବେଳେ ୧୭୧ ଘର କ୍ଷତିଗ୍ରସ୍ତ ହୋଇଛି। ଘାଘରା ନଦୀରେ ବୁଡ଼ିଯାଇ ୩ ଜଣ ପ୍ରାଣ ହରାଇଛନ୍ତି।

ଭାରତ ଉପରେ ଦାଉ ସାଧୁଛି ପଡ଼ୋଶୀ ନେପାଳ। ଉତ୍ତରାଖଣ୍ଡର ୩ଟି ଅଞ୍ଚଳକୁ ନିଜର ବୋଲି ଦାବି କରିବା ପରେ ନେପାଳ ୩ ଆନିକଟରୁ ଲକ୍ଷ ଲକ୍ଷ କ୍ୟୁସେକ୍ ପାଣି ଛାଡ଼ିଦେଇଛି। ଫଳରେ ଘାଘରା ନଦୀରେ ପ୍ରବଳ ବନ୍ୟା ଆସିଛି। କାଇସରଗଞ୍ଜ, ମହସି ଓ ମିହିପୁର୍ବା ତହସିଲର ୧.୫୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)କୁ ନିୟୋଜିତ କରାଯାଇଛି। ପ୍ରଭାବିତ ଲୋକଙ୍କୁ ଥଇଥାନ ପାଇଁ ୨୩ଟି ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। କ୍ଷତିଗ୍ରସ୍ତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ରିଲିଫ ସହାୟତା ଯୋଗାଇ ଦିଆଯାଇଛି। ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଲୋକଙ୍କୁ ଚିକିତ୍ସା ସହାୟତା ଉପଲବ୍ଧ କରାଇବା ସକାଶେ ୪୮ ମେଡିକାଲ ଟିମ୍ ପଠାଯାଇଛି। ବନ୍ୟାଜଳରେ ଭାସିଯାଇ ପ୍ରମେଶ(୧୬), ସନ୍ତୋଷ(୧୪) ଓ ରାମ ସନଭାରେ(୩୫)ଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

**୩ ଜଣ ଭାସିଗଲେ**





ଧରିତ୍ରୀ
DHARITRI
ସୋମବାର, ୩ ଅଗଷ୍ଟ, ୨୦୨୦



## ପ୍ଲାଜ୍ମା ଦାନକଲେ ୬ ସିପାହି

ଛତ୍ରପୁର,(ଡି.ଏନ.ଏ): ଗଞ୍ଜାମ ଜିଲା ଛତ୍ରପୁର ଅଷ୍ଟମ ବାଟାଲିୟନର ୬ଜଣ ସିପାହି ରବିବାର କଟକ ଏସ୍‌ସିବି ମେଡିକାଲ କଲେଜରେ ପ୍ଲାଜ୍ମା ଦାନ କରିଛନ୍ତି। ସେମାନେ ହେଲେ ପ୍ରତାପ ଚନ୍ଦ୍ର ବେହେରା, ରବୀନ୍ଦ୍ର ନାଥ ମହାରଣା, ହିମାଂଶୁ ପାତ୍ର, ସୁଦର୍ଶନ ସେଠୀ, ବିନୋଦ କୁମାର ସାହୁ ଓ ବିକାଶ। ବାତ୍ୟା ଅମ୍ପାନ ବେଳେ ଏହି ସିପାହିମାନେ କୋଲକତାକୁ ଉଦ୍ଧାର କାର୍ଯ୍ୟ ପାଇଁ ଯାଇ କରୋନା ସଂକ୍ରମିତ ହୋଇଥିଲେ। ସୁସ୍ଥ ହୋଇ କାର୍ଯ୍ୟରେ ଯୋଗଦେବା ପରେ ପ୍ଲାଜ୍ମା ଦାନ କରିଛନ୍ତି।

### ସଂକ୍ଷେପରେ

## ଅମିତ ଶାହାଙ୍କ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୮(ବ୍ୟୁରୋ): କରୋନାରେ ଆକ୍ରାନ୍ତ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶାହା ହସ୍ପିଟାଲରେ ଭର୍ତ୍ତି ହେବା ଖବର ଜାଣି ଚିନ୍ତିତ। ତାଙ୍କର ଆଶୁ ଆରୋଗ୍ୟ କରିବା ସହ ଲମ୍ବା ଜୀବନ ପାଇଁ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି। ସେହିଭଳି କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଶାହାଙ୍କ ଆରୋଗ୍ୟ କାମନା କରିଛନ୍ତି। ତାଙ୍କୁ ମହାପ୍ରଭୁ ଜଗନ୍ନାଥ ଶୀଘ୍ର ସୁସ୍ଥ ହେବାପାଇଁ ଆଶୀର୍ବାଦ କରନ୍ତୁ ବୋଲି ଧର୍ମେନ୍ଦ୍ର ଟୁଇଟରରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଅମିତ ଶାହାଙ୍କ ଆରୋଗ୍ୟ କାମନା କରି କହିଛନ୍ତି, ସମଗ୍ର ଦେଶର ଶୁଭକାମନା ଏବଂ ପ୍ରାର୍ଥନା ଅମିତ ଶାହାଙ୍କ ସହ ରହିଛି। ସେ ଜଣେ ଯୋଦ୍ଧା ଏବଂ ଖୁବ୍‌ଶୀଘ୍ର ସେ ସୁସ୍ଥ ହେବେ ବୋଲି ଷଡ଼ଙ୍ଗୀ କହିଛନ୍ତି।

## ଚାଇଲ୍ଡ ଲାଇନ୍‌ରୁ ଦିବ୍ୟାଙ୍ଗ ନାବାଳକଙ୍କ ମୃତଦେହ ଉଦ୍ଧାର

କେନ୍ଦୁଝର,୨।୮ (ସ୍ୱ.ପ୍ର.): କେନ୍ଦୁଝର ଜିଲାର ବଣିଆପାଟଠାରେ ଥିବା ଚାଇଲ୍ଡ ଲାଇନର ଗାଧୁଆ ଘରୁ ଜଣେ ଦିବ୍ୟାଙ୍ଗ ନାବାଳକଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଥାନା ପୋଲିସ ଶନିବାର ସକାଳେ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ. ୭୩/୨୦) ରୁଜୁ କରି ତଦନ୍ତ କରୁଛି। ସେ ଏକ ଗାମୁଛାକୁ ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଟାଉନ ଥାନା ଦାୟିତ୍ୱରେ ଥିବା ଅଧିକାରୀ ଅମିତ କୁମାର ଭୂୟାଁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୧୫ ବର୍ଷ ବୟସ୍କ ଏହି ନାବାଳକଙ୍କୁ ବଡ଼ବିଲ ଅଞ୍ଚଳର ଏକ ରେଳ ସାଇଡିଂରୁ ରେଳବାଇ ସୁରକ୍ଷା ପୋଲିସ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିଲା। ପରେ କମିଟି ଆଦେଶ କ୍ରମେ କେନ୍ଦୁଝର ସ୍ଥିତ ଚାଇଲ୍ଡ ଲାଇନରେ ରଖାଯାଇଥିଲା। ସେ କଥାବାର୍ତ୍ତା କରିପାରୁ ନ ଥିବାରୁ ତାଙ୍କ ପରିଚୟ ମିଳିପାରି ନ ଥିଲା।




## କରୋନା ସଂକ୍ରମଣ ସ୍ଥିତି

(ରବିବାର ରାତି ୧୦ଟା ସୁଦ୍ଧା)

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧,୮୧,୩୪,୪୫୯ | ୬,୯୦,୭୮୭ | ୧,୧୪,୦୬,୧୭୦ |
| ଭାରତ | ୧୮,୦୪,୨୫୮ | ୩୮,୧୫୮ | ୧୧,୮୬,୯୮୧ |
| ଓଡ଼ିଶା | ୩୪,୯୧୩ | ୧୯୭(+୩୯) | ୨୧,୯୫୫ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସୁପର ସ୍ପ୍ରେଡର ପାଲଟିଛନ୍ତି ବିଜେଡି ନେତା: କଂଗ୍ରେସ

ଭୁବନେଶ୍ୱର,୨।୮(ବ୍ୟୁରୋ)

ବିଜେଡି ନେତାମାନେ ବର୍ତ୍ତମାନ ସୁପର ସ୍ପ୍ରେଡର ପାଲଟିଛନ୍ତି। କରୋନା କଟକଣା ଏକ ଧୂଆଁବାଣ ବୋଲି କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଗତ ମେ୨୫ ଏବଂ ଜୁଲାଇ୨୯ ଓ ୩୧ରେ ବାଙ୍କୀରେ ୩ ପେଟ୍ରୋଲ୍ ପମ୍ପ ଉଦ୍‌ଘାଟିତ ହୋଇଥିଲା। ଶତାଧିକ ଲୋକଙ୍କୁ ନେଇ ଏହାକୁ ବାଙ୍କୀ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହା ପୂର୍ବରୁ ବିଜେଡି କାର୍ଯ୍ୟାଳୟରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ କୋଭିଡ୍ ନିୟମକୁ ଉଲ୍ଲଂଘନ କରି ରକ୍ତଦାନ ଶିବିର ଏବଂ ଜନ୍ମଦିନ ପାଳନ କରାଯାଇଥିଲା। ଶାସକ ଦଳ ବିଧାୟକ ସରକାରୀ ନିୟମକୁ ବାରମ୍ବାର ଉଲ୍ଲଂଘନ କରୁଛନ୍ତି। ତଳିଆ ଅଫିସରଙ୍କ ସମେତ ବାଙ୍କୀ ପ୍ରଶାସନ, ପୋଲିସ ଏବଂ ଜିଲା ପ୍ରଶାସନ ସବୁ ଜାଣିଶୁଣି ନୀରବଦ୍ରଷ୍ଟା ସାଜି ତାଙ୍କୁ ସାହାଯ୍ୟ କରୁଛନ୍ତି ବୋଲି ଦେବାଶିଷ ଅଭିଯୋଗ କରିଛନ୍ତି। ଯଦି ଜଣେ ସାଧାରଣ ବ୍ୟକ୍ତି ଜରୁରୀ କାର୍ଯ୍ୟରେ ବାହାରକୁ ଯିବାବେଳେ ପୋଲିସକୁ ଫାଇନ ଦେଉଛନ୍ତି ତେବେ ବିଜେଡି ବିଧାୟକ, ପୂର୍ବତନ ବିଧାୟକ ପ୍ରଶାସନ ବିନା ଅନୁମତିରେ ବାଙ୍କୀକୁ କିଭଳି ଆସି ଆଇନକୁ ଭାଙ୍ଗୁଛନ୍ତି ବୋଲି ଦେବାଶିଷ ଅଭିଯୋଗ କରିଛନ୍ତି। ଏନେଇ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କିଛି ପ୍ରତିକ୍ରିୟା ରଖିବାକୁ ମନା କରିଦେଇଛନ୍ତି।

# ସ୍କୁଲ୍‌ପିଲାଙ୍କୁ ପ୍ରାତଃଭୋଜନ ମିଳିବ

### ନୂତନ ଶିକ୍ଷାନୀତି

ନୂଆଦିଲ୍ଲୀ, ୨।୮(ପି.ଟି.)

ସରକାରୀ ଏବଂ ଅନୁଦାନପ୍ରାପ୍ତ ସ୍କୁଲ୍‌ଗୁଡ଼ିକରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ସହ ପ୍ରାତଃଭୋଜନ ପ୍ରଦାନ କରିବା ପାଇଁ ନୂତନ ଜାତୀୟ ଶିକ୍ଷାନୀତି (ଏନ୍‌ଇପି)ରେ ପ୍ରସ୍ତାବ ରହିଛି। ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଥିବା ଉକ୍ତ ଶିକ୍ଷାନୀତିରେ ଉଲ୍ଲେଖ ଅଛି ପୁଷ୍ଟିକର ପ୍ରାତଃଭୋଜନ ପରେ ସକାଳ ସମୟ ପାଠପଢ଼ା ପାଇଁ ଅଧିକ ଫଳପ୍ରଦ ହୋଇଥାଏ। ସେଥିପାଇଁ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ବିଦ୍ୟାଳୟଗୁଡ଼ିକରେ ପ୍ରାତଃଭୋଜନକୁ ସାମିଲ କରିବା ପାଇଁ ଏନ୍‌ଇପିରେ ସୁପାରିସ୍ କରାଯାଇଛି। ପ୍ରାତଃ ଭୋଜନରେ ଶକ୍ତିବର୍ଦ୍ଧକ ଖାଦ୍ୟ ଦେବାକୁ କୁହାଯାଇଛି। ଯେଉଁ ଅଞ୍ଚଳରେ ଗରମ ଖାଦ୍ୟ ଯୋଗାଇବା ସମ୍ଭବ ନୁହେଁ ସେଠାରେ ତରଳ ତଥା ପୁଷ୍ଟିକର ଖାଦ୍ୟ ଯଥା ବାଦାମ କିମ୍ବା ଚଣା ଗୁଡ଼ ଏବଂ ସ୍ଥାନୀୟ ଅଞ୍ଚଳର ଫଳ ଯୋଗାଇ ଦିଆଯାଇପାରିବ।

ପିଲା ଅସୁସ୍ଥ କିମ୍ବା କୁପୋଷଣର ଶିକାର ହେଲେ ଭଲ ଶିକ୍ଷାଲାଭ କରିପାରିବ ନାହିଁ। ସେଥିପାଇଁ ପିଲାର ଅପପୁଷ୍ଟି ଏବଂ ସ୍ୱାସ୍ଥ୍ୟ (ମାନସିକ ସ୍ୱାସ୍ଥ୍ୟ ସମେତ) ସମସ୍ୟା ସମାଧାନ ପାଇଁ ସେମାନଙ୍କୁ ପୌଷ୍ଟିକ ଖାଦ୍ୟ ଯୋଗାଇବାକୁ ହେବ। ସ୍କୁଲ୍ ବ୍ୟବସ୍ଥାରେ ପ୍ରଶିକ୍ଷଣପ୍ରାପ୍ତ ସାମାଜିକ କର୍ମୀ, ପରାମର୍ଶଦାତା ଏବଂ ଗୋଷ୍ଠୀ ଭାଗୀଦାରିତାକୁ ସାମିଲ ହେବ ବୋଲି କୁହାଯାଇଛି। ପିଲାମାନଙ୍କଠାରେ ଯେପରି ୧୦୦% ରୋଗ ପ୍ରତିରୋଧକ ଶକ୍ତି ରହେ ସେଥିପାଇଁ ନିୟମିତ ଭାବେ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବାକୁ ହେବ। ଏଥିପାଇଁ ସେମାନଙ୍କୁ ସ୍ୱାସ୍ଥ୍ୟକାର୍ଡ ଇସ୍ୟୁ କରାଯିବାକୁ କୁହାଯାଇଛି। ସଂଶୋଧିତ ନୀତି ଅନୁଯାୟୀ ୫ ବର୍ଷ ବୟସ ପୂର୍ବରୁ ସମସ୍ତ ପିଲାଙ୍କୁ ପ୍ରସ୍ତୁତି ଶ୍ରେଣୀ ବା ବାଲ୍‌ବାଟିକା ପଠାଯିବ। ସେଠାରେ ଖେଳ ମାଧ୍ୟମରେ ସେମାନଙ୍କର ଜ୍ଞାନାତ୍ମକ, ଭାବାତ୍ମକ ଏବଂ ମାନସିକ ସାମର୍ଥ୍ୟର ବିକାଶ ସହିତ ଭାଷା ଓ ସଂଖ୍ୟା ସମ୍ପର୍କରେ ଆଗୁଆ ଜ୍ଞାନ ପ୍ରଦାନ କରାଯିବ। ଏହି ପିଲାମାନଙ୍କୁ ମଧ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସାମିଲ କରିବାକୁ କୁହାଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ରରେ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ଶାରୀରିକ ଅଭିବୃଦ୍ଧିର ତଦାରଖ କରାଯାଇଥାଏ। ଏହା ପ୍ରସ୍ତୁତି ଶ୍ରେଣୀର ପିଲା ଏବଂ ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ପାଇଁ ଉପଲବ୍ଧ ହେବ।

କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଜାତୀୟ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଅନୁଯାୟୀ ସରକାରୀ ଏବଂ ଅନୁଦାନପ୍ରାପ୍ତ ସ୍କୁଲ୍, ମଦ୍ରାସା ସମେତ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇଦିଆଯାଉଛି। ଏପରିକି କେତେକ ରାଜ୍ୟ ନିଜସ୍ୱ ସମ୍ବଳରେ ପିଲାମାନଙ୍କୁ ଅତିରିକ୍ତ ଭାବେ କ୍ଷୀର, ଅଣ୍ଡା, ଫଳ ଆଦି ଯୋଗାଇଦେଉଛନ୍ତି। ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ୧୧.୫୯ କୋଟି ସ୍କୁଲ୍ ପିଲା ଉପକୃତ ହେଉଛନ୍ତି ଏବଂ ପାଖାପାଖି ୨୬ ଲକ୍ଷ ପାଚିକା ଓ ସହାୟିକା ନିଯୁକ୍ତି ସୁଯୋଗ ପାଇଛନ୍ତି।

## ଲଘୁଚାପ ବର୍ଷା ଆଶ୍ୱସ୍ତି ଦେବ

ଭୁବନେଶ୍ୱର, ୨।୮(ବ୍ୟୁରୋ)

### ୬ ତାରିଖ ଯାଏ ପ୍ରବଳ ବର୍ଷିବ



ଶ୍ରାବଣରେ ମୌସୁମୀ ଯେପରି ଉଭାନ ହୋଇଯାଇଛି। ଟାଇଁ ଟାଇଁ ଖରାରେ କ୍ଷେତ ଫାଟି ଆଁ କରିଛି। କେନାଲରେ ପାଣି ନ ଥିବାବେଳେ ଠିକ୍ ସମୟରେ ସରକାରଙ୍କ ଜଳସେଚନ ବ୍ୟବସ୍ଥା ଫେଲ୍ ମାରିଛି। ଫଳରେ ରାଜ୍ୟର ଲକ୍ଷଲକ୍ଷ ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏପରିସ୍ଥଳେ ଲଘୁଚାପ ବର୍ଷା ଚାଷୀଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି। ଆସନ୍ତା ୪ ତାରିଖରେ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶା, ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ଏଥିସହ ବିଭିନ୍ନ ସ୍ଥାନରେ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ତେବେ ରବିବାର ରାଜ୍ୟର କିଛି ସ୍ଥାନରେ ବର୍ଷା ହୋଇଛି। ୩ ତାରିଖ ଦିନ ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହେବ। ମାଲକାନଗିରି, କଳାହାଣ୍ଡି, ବୌଦ୍ଧ, ବଲାଙ୍ଗୀର, ସମ୍ବଲପୁର, ସୋନପୁର, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ। ୪ ତାରିଖ ଦିନ ଢେଙ୍କାନାଳ, ଯାଜପୁର ଓ କଳାହାଣ୍ଡିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ମାଲକାନଗିରି, କୋରାପୁଟ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ବୌଦ୍ଧ, ଅନୁଗୋଳ, ନୂଆପଡ଼ା ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ସେହିପରି ୫ ତାରିଖ ଦିନ ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ କେନ୍ଦୁଝରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ କଟକ, ଢେଙ୍କାନାଳ, ଅନୁଗୋଳ ଓ ସୋନପୁରରେ ପ୍ରବଳ ବର୍ଷା ହେବ। ୬ ତାରିଖ ଦିନ ବରଗଡ଼, ସୁନ୍ଦରଗଡ଼ ଓ ଦେବଗଡ଼ରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ତେଣୁ ଏସବୁ ଜିଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି।

ଜୁଲାଇ ମାସରେ ବର୍ଷା ନ ହେବାରୁ ଉପକୂଳ ସମେତ ଓଡ଼ିଶାର ବିଭିନ୍ନ ଜିଲାରେ ସାଂଘାତିକ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ୧୨ ଜିଲାରେ ସ୍ଥିତି ସବୁଠୁ ବିଗିଡି ଯାଇଛି। ଚାଷୀ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଖରିଫ୍ ଋତୁ। ଏହି ଚାଷରୁ ହିଁ ଚାଷୀ ବର୍ଷ ତମାମର ରୋଜଗାର ପାଇଥାଏ। ସାରାବର୍ଷ ଖାଇବା ପାଇଁ ଦାନା ମିଳିଥାଏ। କିନ୍ତୁ ମୌସୁମୀ ସକ୍ରିୟ ନ ହେବାରୁ ଚାଷୀଙ୍କ ସବୁ ସ୍ୱପ୍ନ ମଉଳି ଯାଇଛି। ତେବେ ଲଘୁଚାପ ଯୋଗୁ ବର୍ଷା ଆସୁଥିବାରୁ ଚାଷୀଙ୍କ ମନରେ ଆଶା ଓ ଉତ୍କଣ୍ଠା ବଢ଼ୁଯାଇଛି। ଲଘୁଚାପ ବର୍ଷା ଆଶ୍ୱସ୍ତି ଆଣିବ ବୋଲି କୁହାଯାଉଛି।

## କଟକରେ ଦୈନିକ ୩ ଘଣ୍ଟା ଖୋଲିବ କୋର୍ଟ

କଟକ ଅଫିସ,୨।୮

କଟକ ଜିଲାରେ ଲକ୍‌ଡାଉନ ଜାରି ରହିଥିବା ବେଳେ ପୂର୍ବ ଅପେକ୍ଷା କେତେକ କଟକଣା କୋହଳ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାରେ କୋର୍ଟଗୁଡ଼ିକ କାର୍ଯ୍ୟ କରିବା ନେଇ ଜିଲା ଜଜ୍ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାର ସମସ୍ତ କୋର୍ଟ ପୂର୍ବାହ୍ନ ସାଢ଼େ ୧୦ରୁ ଅପରାହ୍ନ ସାଢ଼େ ଗୋଟାଏ ଯାଏ ଖୋଲା ରହିବ। କେବଳ ଅତି ଜରୁରୀ ମାମଲାର ଶୁଣାଣି କରାଯିବ। ଭିଡିଓ କନଫରେନ୍ସ ଓ ଭର୍ଚୁଆଲ ମୋଡରେ ଶୁଣାଣି ହେବ। ଅତି ଆବଶ୍ୟକ ପଡ଼ିଲେ କିମ୍ବା ଭିଡିଓ କନଫରେନ୍ସ ସୁବିଧା ନ ଥିଲେ ଫିଜିକାଲ୍ ହିୟରିଂ ହୋଇପାରିବ। ସପ୍ତାହାନ୍ତ ଶଟ୍‌ଡାଉନ ଯୋଗୁ ଶନିବାର କୋର୍ଟ ଓ କାର୍ଯ୍ୟାଳୟ ବନ୍ଦ ରହିବ। ଖୁବ୍ କମ୍ ସଂଖ୍ୟକ କର୍ମଚାରୀ କାର୍ଯ୍ୟରେ ଯୋଗଦେବେ। ଯଦି କେଉଁ ଅଞ୍ଚଳରେ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଏ, ତେବେ ସଂପୃକ୍ତ ପ୍ରିଜାଇଡିଂ ଅଫିସର ଏନେଇ କୋର୍ଟଙ୍କୁ ଅବଗତ କରିବେ।

## ଚାଷୀଙ୍କ ବୀମାଭୁକ୍ତ ଅବଧି ୫ ପର୍ଯ୍ୟନ୍ତ ବଢ଼ିଲା

ଭୁବନେଶ୍ୱର,୨।୮(ବ୍ୟୁରୋ)

ଚଳିତ ଖରିଫ୍‌ରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀମାନଙ୍କୁ ବୀମାଭୁକ୍ତ କରିବା ପାଇଁ ସମୟସୀମା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯେଉଁ ଚାଷୀମାନେ ବୀମାଭୁକ୍ତ ହୋଇପାରି ନାହାନ୍ତି ସେମାନେ ତାଙ୍କ ଫସଲ ଲାଗି ଏହି ସମୟ ଭିତରେ ବୀମା ଭୁକ୍ତ କରିପାରିବେ। ଏହି ମର୍ମରେ ରବିବାର କେନ୍ଦ୍ର ସରକାରଙ୍କ କୃଷି ସମବାୟ ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଜୁଲାଇ ୩୧ ଶେଷ ତାରିଖ ଥିବାବେଳେ କରୋନା ଯୋଗୁ ଅନେକ ଚାଷୀ ବୀମାଭୁକ୍ତ ହୋଇ ପାରୁନାହାନ୍ତି। ଫଳରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିଆକର୍ଷଣ କରିବା ସହିତ ଏ ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବୀମା ସମୟସୀମା ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଅନୁରୋଧ କରିଛନ୍ତି।

ଏହାସହ ମନ୍ତ୍ରୀ ସ୍ୱାଇଁ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏବଂ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରି ସମୟସୀମା ବୃଦ୍ଧି ଲାଗି ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ସେହି ଅନୁଯାୟୀ ଗତ ୩୦ ତାରିଖରେ ମୁଖ୍ୟ ଶାସନ ସଚିବ ଏବଂ ୩୧ରେ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ କେନ୍ଦ୍ର ସରକାରଙ୍କୁ ସମୟସୀମା ବୃଦ୍ଧି ପାଇଁ ଅନୁରୋଧ କରି ପତ୍ର ଲେଖିଛନ୍ତି। ସମ୍ପୃକ୍ତ ବୀମା କମ୍ପାନୀ ଚାଷୀଙ୍କ ଠାରୁ ଦରଖାସ୍ତ ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ରବିବାରଠାରୁ ୫ ତାରିଖ ପର୍ଯ୍ୟନ୍ତ ବୀମା କମ୍ପାନୀଗୁଡିକ ସମସ୍ତ ଦରଖାସ୍ତ ଗ୍ରହଣ ପୂର୍ବକ ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

## ଡ୍ରପ୍‌ବକ୍ସରେ ମାମଲା ଗ୍ରହଣ କରିବେ ହାଇକୋର୍ଟ

କଟକ ଅଫିସ,୨।୮

### ୨୧ ଯାଏ ସୀମିତ ରହିବ କୋର୍ଟ କାର୍ଯ୍ୟ



ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ ପରଠୁ ହାଇକୋର୍ଟରେ ଇ-ଫାଇଲିଂ ବ୍ୟବସ୍ଥା ସହ ଅଫ୍‌ଲାଇନ୍‌ରେ ମାମଲା ଦାଖଲ ବନ୍ଦ ରହିଛି। ଅନ୍‌ଲକ୍ ୩ରେ କେତେକ କଟକଣା କୋହଳ ହେବା ପରେ ହାଇକୋର୍ଟରେ ମାମଲା ଦାଖଲ ପ୍ରକ୍ରିୟାରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଏଥର ଅଫ୍‌ଲାଇନ୍‌ରେ ମାମଲା ଗ୍ରହଣ କରାଯିବ। କୋର୍ଟ ପରିସରରେ ଏକ ଡ୍ରପ୍‌ବକ୍ସ ରହିବ। ପୂର୍ବାହ୍ନ ୧୦ରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଡ୍ରପ୍‌ବକ୍ସରେ ଆବେଦନ ଦାଖଲ କରିହେବ। ତେବେ ଉକ୍ତ ମାମଲା କେତେ ଜରୁରୀ ଓ ତାହାର ଶୁଣାଣି କାହିଁକି ଆବଶ୍ୟକ, ସେନେଇ ମେମୋ ଦାଖଲ କରିବାକୁ ପଡ଼ିବ। ରବିବାର ହାଇକୋର୍ଟର ଫୁଲ୍‌କୋର୍ଟରେ ଇ-ଫାଇଲିଂ ଓ ଇ-ମେଲ୍ ସହ ଡ୍ରପବକ୍ସରେ ଆବେଦନ ଗ୍ରହଣକୁ ମଞ୍ଜୁର କରାଯାଇଛି। ଅଗଷ୍ଟ ୨୧ ଯାଏ କୋର୍ଟ କାର୍ଯ୍ୟ ସୀମିତ ରଖିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ସମୟରେ ଅତି ଜରୁରୀ ମାମଲାର ଶୁଣାଣି ହେବ। ମାମଲା କେତେ ଜରୁରୀ, ତାହା ଡେପୁଟି ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କୁ ଅବଗତ କରିବାକୁ ହେବ।

ଅନ୍ୟପକ୍ଷରେ ହାଇକୋର୍ଟ ପକ୍ଷରୁ ଜାରି ବିଜ୍ଞପ୍ତିରେ ଅନ୍‌ଲାଇନ୍ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଇ-ମେଲ୍ ଓ ଇ-ଫାଇଲିଂରେ ମାମଲା ଦାଖଲକୁ ଅଗ୍ରାଧିକାର ଦିଆଯିବ। କୌଣସି ସମସ୍ୟା ହେଲେ ସଦ୍ୟ ଆରମ୍ଭ ହୋଇଥିବା ଇ-ଫାଇଲିଂ ପୋର୍ଟାଲରେ ଥିବା ଭିଡିଓ ଟ୍ୟୁଟୋରିଆଲ ଦେଖିବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ୪ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସୋମବାର ଶୁଣାଣି ହେବାକୁ ଥିବା ମାମଲାଗୁଡ଼ିକର କଜ୍ ଲିଷ୍ଟ ରବିବାର ପ୍ରକାଶ ପାଇଛି। ୩ଟି ଡିଭିଜନ୍ ବେଞ୍ଚ ଓ ୪ଟି ସିଙ୍ଗଲ୍ ବେଞ୍ଚରେ ମାମଲାର ଶୁଣାଣି ହେବ। ଡିଭିଜନ୍ ବେଞ୍ଚରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଓ ଜଷ୍ଟିସ୍ ସାବିତ୍ରୀ ରଥ, ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଓ ଜଷ୍ଟିସ୍ କୃଷ୍ଣରାମ ମହାପାତ୍ର, ଜଷ୍ଟିସ୍ ସଞ୍ଜୟ ମିଶ୍ର ଓ ଜଷ୍ଟିସ୍ ସାବିତ୍ରୀ ରଥ ଶୁଣାଣି କରିବେ। ସେହିଭଳି ସିଙ୍ଗଲ୍ ବେଞ୍ଚରେ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଜଷ୍ଟିସ୍ ଦେବବ୍ରତ ଦାସ, ଜଷ୍ଟିସ୍ ସଙ୍ଗମ ସାହୁ ଓ ଜଷ୍ଟିସ୍ ସଞ୍ଜୀବ ପାଣିଗ୍ରାହୀ ଶୁଣାଣି କରିବେ।

# ଜବରଦଖଲରେ ସ୍ୱର୍ଣ୍ଣଚୂଡ଼ ପାହାଡ଼ ପାଦଦେଶ

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ,୨।୮



ପାହାଡ଼ ପାଦଦେଶରେ ଜବରଦଖଲକାରୀ।

### ରାଡାର ଷ୍ଟେଶନକୁ ବିପଦ

ବାଲେଶ୍ୱର ଜିଲା ନୀଳଗିରି ସହରର ଉତ୍ତର ଦିଗରେ ଅବସ୍ଥିତ ସ୍ୱର୍ଣ୍ଣଚୂଡ଼ ପାହାଡ଼। ଉଚ୍ଚତମ ପାହାଡ଼ ହୋଇଥିବାରୁ ପ୍ରତିରକ୍ଷା ବିଭାଗ ପକ୍ଷରୁ ଏଠାରେ ରାଡ଼ାର ଷ୍ଟେଶନ ପ୍ରତିଷ୍ଠା କରାଯାଇଛି। ଯାହାକି, ଚାନ୍ଦିପୁର ଆଇଟିଆର୍ (ସମନ୍ୱିତ ପରୀକ୍ଷଣ କେନ୍ଦ୍ର) ଅଧୀନରେ ରହିଛି। କେନ୍ଦ୍ର ସରକାର ପ୍ରତିରକ୍ଷା ବିଭାଗକୁ ଆବଶ୍ୟକ ଜମି ପ୍ରଦାନ ପରେ ସ୍ୱର୍ଣ୍ଣଚୂଡ଼ ପାହାଡ଼କୁ ସଂରକ୍ଷିତ ଜଙ୍ଗଲ ଭାବରେ ଘୋଷଣା କରିଛନ୍ତି। ହେଲେ ପାହାଡ଼ ପାଦଦେଶ ଏବେ ଜବରଦଖଲକାରୀଙ୍କ ଅକ୍ତିଆରରେ। ଜିଲା ତଥା ରାଜ୍ୟ ବାହାରୁ ଲୋକେ ଆସି ଏଠାରେ ରହୁଛନ୍ତି। ଏପରି କି ପାହାଡ଼ର ୨୦ ଫୁଟ୍ ଉପରେ ସେମାନେ ଘର କରି ରହୁଥିବା ଦେଖିବାକୁ ମିଳିଛି। ଜନବସତି ଦ୍ୱାରା ପ୍ରତିରକ୍ଷା ବିଭାଗର ରାଡ଼ାର ଷ୍ଟେଶନ ପ୍ରତି ବିପଦ ଆଶଙ୍କା ରହିଥିବା ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀମାନେ କହିଛନ୍ତି।

ନୀଳଗିରି ବିଜ୍ଞାପିତ ଅଞ୍ଚଳର ସର୍ଭେ ଅନୁସାରେ ପାହାଡ଼ ପାଦଦେଶରେ ଥିବା ଷ୍ଟେଶନସାହି, ଚିମିନୀଭାଟି, ରାଣୀପୋଖରୀ, ନୂଆସାହି, ମଇଁଷିଗୋଠ ଓ ପାନବରଜ ଅଞ୍ଚଳରେ ୨୫୧ଜଣ ଜବରଦଖଲକାରୀ ରହିଛନ୍ତି। ଜବରଦଖଲକାରୀମାନେ ସ୍ୱର୍ଣ୍ଣଚୂଡ଼ ସଂରକ୍ଷିତ ଜଙ୍ଗଲ ଜମିରେ ପକ୍କା ଓ ଆଜବେଷ୍ଟସ ଘର କରି ରହୁଛନ୍ତି। ଦିନକୁ ଦିନ ସେମାନଙ୍କ ସଂଖ୍ୟା ବୃଦ୍ଧି ହୋଇ ପାହାଡ଼ ଉପର ଅଂଶକୁ ଦଖଲ କରିଚାଲିଛନ୍ତି। ଏହି ଅଞ୍ଚଳରେ ଜନବସତି ସ୍ଥାପନ କରାଯାଇଥିବା ଖବର ପାଇ ଜିଲା ତଥା ରାଜ୍ୟ ବାହାରୁ ଲୋକେ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିଙ୍କୁ ହାତ କରି ନୂଆ ଘର ନିର୍ମାଣ କରି ରହିବାରେ ସଫଳ ହେଉଛନ୍ତି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ କିମ୍ବା ପୋଲିସ ପ୍ରଶାସନର ଦୃଷ୍ଟି ରହୁନାହିଁ। ଜବରଦଖଲକାରୀଙ୍କ କାୟା ବିସ୍ତାରକୁ ଦେଖି ମୂଳବାସିନ୍ଦାମାନେ ଚୁପ୍ ରହିବା ପାଇଁ ବାଧ ହେଉଛନ୍ତି। ଏହି ଅଞ୍ଚଳରୁ ସହଜରେ ନୀଳଗିରି ସହରକୁ ଯାତାୟାତ କରାଯାଇପାରୁଛି। ଏପରିକି ମୟୂରଭଞ୍ଜ ଜିଲାର ଉଦଳା ଏବଂ ବାଲେଶ୍ୱର ସହରକୁ ପାହାଡ଼ କଡ଼େ କଡ଼େ ଯିବା ଆସିବା ସୁବିଧା ଥିବାରୁ ଚୋରି, ଡକାୟତି, ଛିନ୍‌ତାଇ ଭଳି ଅସାମାଜିକ କାମରେ ଲିପ୍ତ ଥିବା ଅପରାଧୀମାନଙ୍କର ଆଶ୍ରୟସ୍ଥଳୀ ପାଲଟିଛି। ପୋଲିସ ଏହି ଅପରାଧୀମାନଙ୍କୁ ଧରିବାରେ ସଫଳ ହୋଇପାରୁନାହିଁ। ଅନ୍ୟପକ୍ଷରେ ପାହାଡ଼ରେ ରହୁଥିବା ବନ୍ୟପ୍ରାଣୀଙ୍କ ଚଳପ୍ରଚଳ ସ୍ଥାନକୁ ଜବରଦଖଲ କରି ବନ୍ଦ କରାଯାଉଥିବାରୁ ସେମାନେ ଜନବସତିମୁହାଁ ହେଉଛନ୍ତି। ସହର ଭିତରେ ପଶି ଆତଙ୍କ ଖେଳାଇବା ସହ ମୁଖ୍ୟରାସ୍ତାରେ ମଣିଷଙ୍କ ଜୀବନ ନେବାରେ ପଛାଉନାହାନ୍ତି। ନୀଳଗିରି ଓ ମିତ୍ରପୁର ରାସ୍ତାରେ ଭାଲୁ ଆକ୍ରମଣ ଦିନକୁ ଦିନ ବଢିବାରେ ଲାଗିଛି। ଅନେକଙ୍କ ଜୀବନ ମଧ ଗଲାଣି।

ବାୟୁସେନା ସଂଘ, ବାଲେଶ୍ୱର ଉପଦେଷ୍ଟା ମହେଶ୍ୱର ବେହେରା କୁହନ୍ତି, ଶତ୍ରୁମାନଙ୍କର କାର୍ଯ୍ୟକଳାପ ଉପରେ ଦୃଷ୍ଟି ରଖିବା ଲାଗି ପାହାଡ଼ ଶିଖରରେ ରାଡ଼ାର ସ୍ଥାପନ କରାଯାଇଛି। ପାହାଡ଼ ପାଦଦେଶରେ ଜବରଦଖଲକାରୀ କିମ୍ବା ଅନୁପ୍ରବେଶକାରୀମାନେ ବସତି ସ୍ଥାପନ କଲେ ଦେଶର ନିରାପତ୍ତା ପ୍ରତି ବିପଦ ଆଶଙ୍କା ରହିଛି। ପ୍ରତିରକ୍ଷା ବିଭାଗର ସ୍ଥାନୀୟ ଗତିବିଧିକୁ ଟ୍ରାପ୍ କରି ଶତ୍ରୁପକ୍ଷକୁ ସୂଚନା ଦିଆଯାଇପାରିବ। ଏପରି ପରିସ୍ଥିତିରେ ଜବରଦଖଲକାରୀଙ୍କୁ ଶୀଘ୍ର ଉଚ୍ଛେଦ କରି ଦେଶର ସୁରକ୍ଷା ପାଇଁ ଧ୍ୟାନ ଦେବା ଉଚିତ।

ନୀଳଗିରି ଏନ୍‌ଏସି ନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକ କହିଛନ୍ତି, ନୀଳଗିରି ବିଜ୍ଞାପିତ ଅଞ୍ଚଳର ମୋଟ ୩୭୬ ଜବରଦଖଲକାରୀଙ୍କ ମଧ୍ୟରେ ପାହାଡ଼ ପାଦଦେଶରେ ୨୩୫ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଅନ୍ୟତ୍ର ଜମି ପ୍ରଦାନ କରି ଉଚ୍ଛେଦ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ବେଳେ କୋଭିଡ୍-୧୯ କାରଣରୁ ଅଦ୍ୟାବଧି ସ୍ଥଗିତ ରହିଛି। ନୀଳଗିରି ରେଞ୍ଜର ମନ୍ନୱାର ଖାନ୍ କହନ୍ତି, ସ୍ୱର୍ଣ୍ଣଚୂଡ଼ ପାହାଡ଼ ସଂରକ୍ଷିତ ଜଙ୍ଗଲ । ଏହି ଜଙ୍ଗଲ ଭିତରେ କୌଣସି ଜବରଦଖଲକାରୀଙ୍କୁ ପ୍ରଶ୍ରୟ ଦିଆଯିବ ନାହିଁ କିମ୍ବା ଏଠାରେ ଜନବସତି ସମ୍ଭବ ନୁହେଁ। ଏହାକୁ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଆଜିର ମନ୍ତବ୍ୟ**

ପ୍ରଭୁ ରାମଚନ୍ଦ୍ରଙ୍କ ବିଚାରଧାରା ମୂଳତଃ ଧର୍ମନିରପେକ୍ଷ ଥିଲା।
-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଆଦି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସକାଳ ୬ରୁ ଅପରାହ୍ନ ୫ ଦୋକାନ ଖୋଲା



ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

- ମାସ୍କ ଓ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ
- ବ୍ୟବସାୟୀ ସଂଘ ସହ ଜିଲାପାଳଙ୍କ ଆଲୋଚନା

**ଖୋର୍ଦ୍ଧା ଅଫିସ,୨।୮**

ଖୋର୍ଦ୍ଧା, ଜଟଣୀ ପୌର ପରିଷଦ ଏବଂ ବାଣପୁର ଓ ବାଲୁଗାଁ ଏନ୍ଏସିର ବ୍ୟବସାୟୀ ସଂଘ ସହିତ ରବିବାର ଜିଲାପାଳ ଶୀତାଂଶୁ କୁମାର ରାଉତ ଭିଡିଓ କନ୍ଫରେନ୍ସରେ ଆଲୋଚନା କରିଛନ୍ତି। କୋଭିଡ୍ ଗାଇଡ୍ଲାଇନକୁ ମାନି ବ୍ୟବସାୟ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲାପାଳ କହିଛନ୍ତି, ସାପ୍ତାହିକ ଶଟଡାଉନ (ଶନି ଓ ରବିବାର) ଜାରି ରହିବ। ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୬ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଦେକାନ ବଜାର ଖୋଲାରହିବ। ଏହା ଆସନ୍ତା ୪ରୁ କାର୍ଯ୍ୟକାରୀ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଅପରାହ୍ନ ୫ଟା ପରେ ମେଡିସିନ ଷ୍ଟୋର, ପେଟ୍ରୋଲ ପମ୍ପ ବ୍ୟତୀତ ଅନ୍ୟ କୌଣସି ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ସମସ୍ତ ବ୍ୟବସାୟୀ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ପ୍ରତି ଗୁରୁତ୍ୱ ଦେବେ। କୋଭିଡ ଗାଇଡ୍ଲାଇନ ଉଲ୍ଲଙ୍ଘନ କଲେ ଦୋକାନ ସିଲ୍ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜନସ୍ୱାର୍ଥ ଓ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲାପାଳ କହିଛନ୍ତି। ଏହି ବୈଠକରେ ୩୦ଟି ବ୍ୟବସାୟୀ ସଂଘ ସଭାପତି ଓ ସମ୍ପାଦକ ଯୋଗଦେଇ ନିଜ ମତ ରଖିଥିଲେ। ପିଡି ଡିଆର୍ଡିଏ ଦିଗନ୍ତ ରାଉତରାୟ, ଏସ୍ପି ଅଜୟ ପ୍ରତାପ ସ୍ୱାଇଁ, ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ, ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ଏବଂ ଭୁବନେଶ୍ୱର ଉପଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଖୁବ୍ଶୀଘ୍ର ଯୁକ୍ତ୨ ନାମଲେଖା ବିଜ୍ଞପ୍ତି

## ୫ରୁ ଶିକ୍ଷକଙ୍କୁ ଅନ୍ଲାଇନ୍ ପାଠପଢ଼ା ତାଲିମ

**ଭୁବନେଶ୍ୱର, ୨।୮ (ବ୍ୟୁରୋ)**

ରାଜ୍ୟରେ ମାଟ୍ରିକ ପରୀକ୍ଷା ଫଳ ବାହାରିବା ପରେ ଯୁକ୍ତ୨ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଦିନେ ଦୁଇଦିନ ଭିତରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରବିବାର ସୂଚନା ଦେଇଛନ୍ତି। ଏଥିସହ କରୋନା ସଂକଟ ଜାରି ରହିଥିବାରୁ ମନ୍ତ୍ରୀ ପିଲାଙ୍କ ପାଠପଢ଼ା ନେଇ ଗୁରୁତ୍ୱାରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶିକ୍ଷକଙ୍କୁ ଅନ୍ଲାଇନ୍ ପାଠପଢ଼ା ତାଲିମ୍ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଆସନ୍ତା ୪ ତାରିଖରୁ ୫ଦିନ ଧରି ଏହି ଟ୍ରେନିଂ ଆରମ୍ଭ ହେବ। ରାଜ୍ୟର ୧୦୧ ଉତ୍କର୍ଷ ବିଦ୍ୟାଳୟରୁ ୨ଜଣ ଲେଖାଏ, ୩୦ଜିଲାର ୩୦ ଯୁକ୍ତ୨ କଲେଜ ଓ ଶିକ୍ଷକ ଶିକ୍ଷା କଲେଜର ଜଣେ ଲେଖାଏ ଶିକ୍ଷକଙ୍କୁ ଅନ୍ଲାଇନ୍ ଶିକ୍ଷା ତାଲିମ୍ ପ୍ରଦାନ ଦିଆଯିବ। ଶିକ୍ଷକମାନେ ୨ଘଣ୍ଟା ଧରି ଟ୍ରେନିଂ ନେବେ। କରୋନା ପାଇଁ ଏସବୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନ ଯେପରି ପ୍ରଭାବିତ ନ ହେବ ଓ ରେଜଲ୍ଟ ହାର ବଢ଼ିବ ସେଥିପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏଥିସହ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଜିରୋ ରେଜଲ୍ଟ ହୋଇଥିବା ୩୧ଟି ସ୍କୁଲର ପ୍ରଧାନଶିକ୍ଷକଙ୍କ ସହ ଖୁବ୍ଶୀଘ୍ର ଆଲୋଚନା କରିବେ। ସ୍କୁଲରେ କେତେ ପିଲା ପଢୁଥିଲେ ଏବଂ କେଉଁଠି ତ୍ରୁଟି ରହିଲା ସେ ସମ୍ପର୍କରେ ପଚାରି ବୁଝିବେ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ମାଟ୍ରିକ୍ ରେଜଲ୍ଟ ପ୍ରକାଶ ପାଇଥିଲା। ଗତବର୍ଷ ଅପେକ୍ଷା ଚଳିତବର୍ଷ ପାସ୍ହାର ଅଧିକ ଅର୍ଥାତ୍ ୭୮.୭୬% ରହିଛି। ମୋଟ ୫,୩୪,୮୪୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪,୨୧,୨୫୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ତେବେ କରୋନାଜନିତ ବିଳମ୍ବ ସତ୍ତ୍ୱେ କିପରି ନାମଲେଖା ଓ ପିଲାଙ୍କ ପାଠପଢ଼ା ଶୀଘ୍ର ଆରମ୍ଭ ହେବ ସେଥିପାଇଁ ବିଭାଗ ତତ୍ପରତା ପ୍ରକାଶ କରିଛି।

# ଶଟର ତାଡ଼ି ଲୁଟିନେଲେ ଟଙ୍କା

## ସିସିଟିଭିରେ କଏଦ୍ ଲୁଟ୍ର ଦୃଶ୍ୟ

**ପୁରୀ ଅଫିସ, ୨।୮**

ପୁରୀ ସହର ଓ ଏହାର ଉପକଣ୍ଠରେ ଆପରାଧିକ କାର୍ଯ୍ୟକଳାପ ବଢିଚାଲିଛି। ଶନିବାର ବିଳମ୍ବିତ ରାତିରେ ଟାଉନ ଥାନା ଅଞ୍ଚଳରେ ଶଟର ତାଡ଼ି ଏକ ପୂଜା ସାମଗ୍ରୀ ଦୋକାନରୁ ଟଙ୍କା ଲୁଟ୍ ହୋଇଛି। ଦୋକାନରେ ଲାଗିଥିବା ସିସିଟିଭିରେ ଏହି ଲୁଟ୍ ଦୃଶ୍ୟ କଏଦ୍ ହୋଇଛି। ପୋଲିସ ସିସିଟିଭି ଫୁଟେଜକୁ ନେଇ ଅନୁସନ୍ଧାନ ଚଳାଇଛି। କିନ୍ତୁ ଲୁଟ୍ ଟଙ୍କା କିମ୍ବା ଲୁଟେରାଙ୍କ ସମ୍ପର୍କରେ କୌଣସି ସୁରାକ୍ ପାଇନାହିଁ। ରମାବଲ୍ଲଭ ରୋଡ଼ରେ ମହାଲକ୍ଷ୍ମୀ ଭଣ୍ଡାର ନାମକ ଏକ ପୂଜା ସାମଗ୍ରୀ ଦୋକାନ ରହିଛି। ଶନିବାର ରାତିରେ ୩ଜଣ ଦୁର୍ବୃତ୍ତ ପହଞ୍ଚି ପ୍ରଥମେ ଦୋକାନ ଶଟରକୁ ଟେକିଥିଲେ। ପରେ ଜଣେ ଦୁର୍ବୃତ୍ତ ଭିତରକୁ ପଶି କ୍ୟାସ୍ ବାକ୍ସରୁ ଲକ୍ଷାଧିକ ଟଙ୍କା ଲୁଟ୍ କରି ବାହାରକୁ ଆସିଥିଲେ। ଏସବୁ ଦୃଶ୍ୟ ସିସିଟିଭି ଫୁଟେଜରେ ରହିଛି। ରବିବାର ସକାଳେ ଦୋକାନ ମାଲିକ ସୀମାଞ୍ଚଳ ପାତ୍ର ପହଞ୍ଚି ଶଟର ଟେକାଯାଇଥିବା ଓ ଟଙ୍କା ଲୁଟ୍ ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ନେଇ ଏକ ମାମଲା ରୁଜୁ ସହ ଲୁଟେରାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ପୋଲିସ କହିଛି। ସୂଚନାଥାଉ କି, ଗତ ୨୯ ତାରିଖରେ ନବକଳେବର ରୋଡସ୍ଥ କଲର୍ ସାଇନିଂ ରଙ୍ଗ ଦୋକାନ ଏବଂ ଲବଣିଖିଆ ଛକସ୍ଥିତ ଶ୍ରୀଗୋପାଳ ଅଫ୍ସିାଲର ଶଟର ତାଡ଼ିଥିଲେ ଲୁଟେରା। ରଙ୍ଗ ଦୋକାନରୁ ୨୦ ହଜାର ଟଙ୍କା ଲୁଟିନେଇଥିବାବେଳେ ଅଫ୍ସିାଲ ଦୋକାନରୁ ଚୋରି କରିବାରେ ବିଫଳ ହୋଇଥିଲେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସଞ୍ଚିଲେ ଖଣ୍ଡକୁ**
**ଧନ ସଞ୍ଚିଲେ ବାଟକୁ।**

ସଞ୍ଚିତ ଧନ ପରଲୋକ ଭୋଗ କରିଥାନ୍ତି। ମାତ୍ର ଯାହା ଦାନ କରାଯାଇଛି ତାହା ପରଲୋକରେ ସଦ୍ଗତି ଲାଭ ପାଇଁ ବୋଲି ଜଣାଯାଇଥାଏ। ତେଣୁ ଜୀବନ ଯାତ୍ରାରେ ଅର୍ଜିତ ଧନକୁ ଦାନ ଧର୍ମ ପରି ସୁବିନିଯୋଗ କରିବା ନେଇ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି ।

**ଧାନ ଖୁଞ୍ଚା ପାଳକୁ,**
**ରୁଆ ଖୁଞ୍ଚା ଜାଳକୁ,**
**କନିଆ ଭାରିଯା ପରକୁ,**
**କ'ଣ ରେଞ୍ଚ ଘର ଚୋରକୁ;**
**ଅଶିଣ ମାସରେ ଧାନ ରୋଇଲେ**
**ନ ଅଣ୍ଟଇ ରଜା କରକୁ।**

ଧାନ ଖୁଞ୍ଚା ପାଳ ହେବା ପରି ରୁଆ ଖୁଞ୍ଚା କେବଳ ଜାଳ ହେବା ସାର ହୋଇଥାଏ। ଗାଁ ମୁଣ୍ଡରେ ଏକୁଟିଆ ଥିବା ଘରକୁ ଚୋର ସଦାସର୍ବଦା ଆଖେଇଥାଏ । ବୃଦ୍ଧ କାଳେ ବିଭା ହୋଇଥିବା ତରୁଣୀ ଭାର୍ଯ୍ୟା ପର ପୁରୁଷ ପ୍ରତି ମନ ବଳେଇଥାଏ। ସେହିପରି ଡେରିରେ ଧାନଚାଷ ଆରମ୍ଭ କଲେ ଅଧିକ ଅମଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**



ରେଲୱେର ଘରୋଇକରଣକୁ ବିରୋଧ କରି ଏଆଇୟୁଟିୟୁସି ପକ୍ଷରୁ କଟକ ରେଲୱେ ଷ୍ଟେଶନ ସମ୍ମୁଖରେ ରବିବାର ପ୍ରତିବାଦ ପ୍ରଦର୍ଶନ କରାଯାଉଛି।

**ପ୍ରଥମ ପୃଷ୍ଠାରୁ...**

## ଗଞ୍ଜାମରେ ୧୦୦ ଟପିଲା...

ଜିଲାରେ ଜଣେ ଲେଖାଏ ଆକ୍ରାନ୍ତ ପ୍ରାଣ ହରାଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ପୁଣି ଆଉଜଣେ କରୋନା ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ହୋଇଛି। ମୃତକ ଜଣକ ଗଜପତି ଜିଲାର ୬୫ବର୍ଷୀୟ ବ୍ୟକ୍ତି। ତାଙ୍କର କିଡ୍ନୀଜନିତ ରୋଗରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଏହାକୁ ମିଶାଇ ରାଜ୍ୟରେ ଏବେ ଅଣକୋଭିଡ୍ ମୃତ୍ୟୁ ସଂଖ୍ୟା ୩୯ରେ ପହଞ୍ଚିଛି।

ସେପଟେ ୨୯ଜିଲାରୁ ଆଉ ୧,୪୩୪ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୮୮୯ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୫୪୫ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ତେବେ ଗଞ୍ଜାମରୁ ସର୍ବାଧିକ ୩୨୦ଜଣ ରହିଥିବାବେଳେ ଖୋର୍ଦ୍ଧାରୁ ୨୧୮, ରାୟଗଡ଼ା ୧୯୭, କଟକ ୧୨୩, ଗଜପତି ୯୧, ସୁନ୍ଦରଗଡ଼ ୭୬, ପୁରୀ ୬୫, ଯାଜପୁର ୫୭, ସମ୍ବଲପୁର ୫୧, କନ୍ଧମାଳ ୪୪, ଭଦ୍ରକ ୨୫, ମାଲକାନଗିରି ୨୪, କେନ୍ଦ୍ରାପଡ଼ା ୨୨, କଳାହାଣ୍ଡି ୧୮, ଢେଙ୍କାନାଳ ଓ ଜଗତ୍ସିଂହପୁରରୁ ୧୩ଜଣ ଲେଖାଏ, ବାଲେଶ୍ୱର ଓ କୋରାପୁଟରୁ ୧୨ଜଣ ଲେଖାଏ, ଅନୁଗୋଳ ୯, ନୟାଗଡ଼ ୮, ନୂଆପଡ଼ା ୭, ଝାରସୁଗୁଡ଼ା ଓ ସୋନପୁରରୁ ୬ଜଣ ଲେଖାଏ, ବରଗଡ଼ ଓ ବୌଦ୍ଧରୁ ୫ଜଣ ଲେଖାଏ, ନବରଙ୍ଗପୁର, ଦେବଗଡ଼ ଓ କେନ୍ଦୁଝରରୁ ୨ଜଣ ଲେଖାଏ ଏବଂ ମୟୂରଭଞ୍ଜରୁ ଜଣେ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୩୪,୯୧୩ରେ ପହଞ୍ଚିଛି। ସେହିପରି ରବିବାର ୬୮୧ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ହସ୍ପିଟାଲରୁ ଫେରିଛନ୍ତି। ଫଳରେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୨୧,୯୫୪ରେ ପହଞ୍ଚିଛି।

## ଫିଟିଲାନି ରତ୍ନଭଣ୍ଡାର...

୨୭ହଜାର ୯୧୮ଟଙ୍କା ଖର୍ଚ୍ଚ ହୋଇଛି। ଇତିମଧ୍ୟରେ କମିଶନ ରିପୋର୍ଟ ଦାଖଲର ୨୦ମାସ ପୂରିବାକୁ ଯାଉଥିବାବେଳେ ଏପର୍ଯ୍ୟନ୍ତ ଚାବିର ଗୁମର ଫିଟିପାରି ନାହିଁ। ମହାପ୍ରଭୁଙ୍କ ରତ୍ନଅଳଙ୍କାର ପ୍ରତି ଅଣଦେଖା କରାଯାଉଥିବା ଭକ୍ତମାନେ ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରୁଛନ୍ତି। ସରକାର କିଛି ସ୍ପଷ୍ଟ କରୁ ନ ଥିବାରୁ ରତ୍ନଅଳଙ୍କାର ସୁରକ୍ଷିତ ନ ଥିବା ଭକ୍ତମାନେ ସନ୍ଦେହ କରୁଛନ୍ତି। ତେଣୁ ତୁରନ୍ତ ରତ୍ନଭଣ୍ଡାର ଖୋଲି ପୂର୍ବ ତାଲିକା ସହ ମହାପ୍ରଭୁଙ୍କ ରତ୍ନଅଳଙ୍କାର ମିଳାଇବା ଦରକାର ବୋଲି ଦିଲୀପ ବରାଳଙ୍କ ସମେତ ଅନେକ ଭକ୍ତ ମତ ଦେଇଛନ୍ତି। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର କହିଛନ୍ତି, କମିଶନଙ୍କ ରିପୋର୍ଟ ସାର୍ବଜନୀନ ହେବା ଆବଶ୍ୟକ। ସରକାର ବିଧାନସଭାରେ ଏହାକୁ ଉପସ୍ଥାପନ କରି ଶ୍ରୀମନ୍ଦିର ପରିଚାଳନା କମିଟି ନିକଟକୁ ପଠାଇବା କଥା। ଶ୍ରୀମନ୍ଦିର ସ୍ୱତ୍ୱ ଲିପି ଅନୁସାରେ ପ୍ରତି ୩ବର୍ଷରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି ହେବା କଥା। ତେଣୁ ସରକାର ଯଥାଶୀଘ୍ର ରତ୍ନଭଣ୍ଡାର ଖୋଲିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ ରହିଛି ବୋଲି ଦାସମହାପାତ୍ର କହିଛନ୍ତି।

ସୂଚନା ଥାଉକି, ଶ୍ରୀମନ୍ଦିରରେ ବାହାର ଓ ଭିତର ରତ୍ନଭଣ୍ଡାର ରହିଛି। ମହାପ୍ରଭୁଙ୍କ ବର୍ଷତମାମ ବେଶ ପାଇଁ ବାହାର ରତ୍ନଭଣ୍ଡାରର ଅଳଙ୍କାର ବ୍ୟବହାର କରାଯାଏ। ଭିତର ଭଣ୍ଡାରରେ ମହାପ୍ରଭୁଙ୍କ ଗଚ୍ଛିତ ସ୍ୱର୍ଣ୍ଣ ଓ ରତ୍ନ ଅଳଙ୍କାର ରହିଛି। ଭିତର ଏବଂ ବାହାର ରତ୍ନଭଣ୍ଡାରରେ ରଖାଯାଇଥିବା ସମସ୍ତ ସାମଗ୍ରୀର ଏକ ପୂର୍ଣ୍ଣାଙ୍ଗ ତାଲିକା ୧୯୭୮ ମେ ୧୩ରୁ ଜୁଲାଇ ୨୩ ମଧ୍ୟରେ ପ୍ରସ୍ତୁତ କରାଯାଇଥିଲା। ସେସମୟରେ ରତ୍ନଭଣ୍ଡାରରେ ମୂଲ୍ୟବାନ ପଥର ସହିତ ୧୨,୮୩୧ ଭରି ୧ ଅଣା ଓଜନର ସୁନା ଅଳଙ୍କାର ଓ ଅନ୍ୟାନ୍ୟ ଜିନିଷ ଏବଂ ୨୨,୧୫୩ ଭରି ରୁପା ବାସନ ଓ ପୂଜା ସରଞ୍ଜାମ ଥିବା ଜଣାପଡ଼ିଥିଲା। ଏହାଛଡ଼ା ୧୪ଟି ସୁନା ଓ ରୁପା ସାମଗ୍ରୀର ଓଜନ ସେ ସମୟରେ କରାଯାଇ ପାରି ନ ଥିଲା। ତେବେ ଏହି ପୁରୁଣା ତାଲିକା ମୁତାବକ ଏବେ କେତେ ରତ୍ନ ଅଳଙ୍କାର ରହିଛି ତା'ର ରେକର୍ଡ ସରକାରଙ୍କ ନିକଟରେ ନାହିଁ ବୋଲି ବିଧାନସଭାରେ ଭାଜପା ବିଧାୟକ ଦିଲ୍ଲୀପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ୨୦୧୮ ଏପ୍ରିଲ ୨୬ରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଉଲ୍ଲେଖ କରିଥିଲେ।

## ସୁସ୍ଥ ହେଲେ ଅମିତାଭ...

ତାଙ୍କ ସ୍ୱାବ୍ ନମୁନା ନେଗେଟିଭ୍ ଆସିଛି। ସେ ଏବେ ହୋମ୍ କ୍ୱାରାଣ୍ଟାଇନ୍ରେ ରହିବେ। ଜୁଲାଇ ୧୧ରେ ୭୭ ବର୍ଷୀୟ ଅଭିନେତା ଅମିତାଭ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ସହିତ ପୁଅ ଅଭିଷେକ ବଚ୍ଚନ ମଧ୍ୟ କରୋନା ଆକ୍ରାନ୍ତ ହୋଇ ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଆଶୁ ଆରୋଗ୍ୟ କାମନା କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିବା ଶୁଭାକାଂକ୍ଷୀମାନଙ୍କୁ ଅମିତାଭ କୃତଜ୍ଞତା ଜଣାଇଛନ୍ତି ଭଗବାନ, ମାଆ ବାବୁଜୀଙ୍କ ଆଶୀର୍ବାଦ, ଆତ୍ମୀୟ ସ୍ୱଜନ, ବନ୍ଧୁ, ପ୍ରଶଂସକମାନଙ୍କ ପ୍ରାର୍ଥନା, ହସ୍ପିଟାଲର ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗୁ ସେ ଆଜି ଆରୋଗ୍ୟ ହୋଇପାରିଥିବା ଅମିତାଭ ଟୁଇଟ୍ କରିଛନ୍ତି। ବାପାଙ୍କ ସ୍ୱାବ୍ ପରୀକ୍ଷା ନେଗେଟିଭ୍ ଆସିଥିବା ପୂର୍ବରୁ ଅଭିଷେକ ମାଇକ୍ରୋବ୍ଲଗିଂ ସାଇଟ୍ରେ ଶେୟାର କରିଥିଲେ। ତେବେ ଅଭିଷେକ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିବାରୁ ସେ ଆଉ କିଛିଦିନ ହସ୍ପିଟାଲରେ ରହିବେ ବୋଲି କହିଛନ୍ତି। ଅଭିଷେକଙ୍କ ପତ୍ନୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ଝିଅ ଆରାଧ୍ୟା କରୋନା ସଂକ୍ରମିତ ହୋଇ ନାନାବତୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତ ସୋମବାର ସେମାନଙ୍କର ରିପୋର୍ଟ କୋଭିଡ୍ ନେଗେଟିଭ ଆସିବା ପରେ ଘରକୁ ଫେରିଥିଲେ। ଅମିତାଭ ହସ୍ପିଟାଲରେ ଥାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ନିୟମିତ ଭାବେ ନିଜ ବ୍ଲଗ୍ ଓ ଟୁଇଟରରେ ପୋଷ୍ଟ କରି ପ୍ରଶଂସକ ଓ ଶୁଭେଚ୍ଛୁମାନଙ୍କୁ ଜଣାଉଥିଲେ।

## ଅମିତ ଶାହାଙ୍କୁ...

କରୋନାର କେତେକ ପ୍ରାରମ୍ଭିକ ଲକ୍ଷଣ ଦେଖାଦେବାରୁ ସେ କୋଭିଡ୍ ପରୀକ୍ଷା କରାଇଥିଲେ ବୋଲି ଟୁଇଟ୍ କରିଛନ୍ତି। ସେ ସୁସ୍ଥ ଥିଲେ ହେଁ ଡାକ୍ତରଙ୍କ ପରାମର୍ଶକ୍ରମେ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ ନିଜକୁ ଆଇସୋଲେଶନରେ ରଖିବା ସହ କୋଭିଡ୍ ପରୀକ୍ଷା କରାଇନେବାକୁ ଶାହା ପରାମର୍ଶ ଦେଇଛନ୍ତି। ନୂଆଦିଲ୍ଲୀରେ ସଂକ୍ରମଣ ଦ୍ରୁତ ଗତିରେ ବଢ଼ିଚାଲିଥିବାବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅମିତ ଶାହା ହସ୍ତକ୍ଷେପ କରିଥିଲେ। ଫଳରେ ରାଜଧାନୀରେ ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇଛି। ଶେଷରେ ସେ ନିଜେ କରୋନାରେ ସଂକ୍ରମିତ ହୋଇଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ, ଭାଜପା ସାଧାରଣ ସମ୍ପାଦକ ରାମ ମାଧବ ପ୍ରମୁଖ ଶାହାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପୂର୍ବରୁ ଭାଜପା ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ, ଦଳ ମୁଖପାତ୍ର ସମ୍ବିତ୍ ପାତ୍ର, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କରୋନା ପଜିଟିଭ୍ ଜଣାପଡିବା ପରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଦ୍ୱିଜା ନକ୍ଷତ୍ର ଆଜି ଦିନଟିରେ ସହଜ ଓ ସୁବିଧାରେ କାମ ହାସଲ କରିବେ । ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିପାରନ୍ତି । ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାକୁ ପଡିପାରେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରିବେ ।

**ବୃଷ** କୃତ୍ତିକା ନକ୍ଷତ୍ର ପାଇଁ ପରୋକ୍ଷ ଶତ୍ରୁତା ପ୍ରାପ୍ୟଧନରେ ବାଧା ସୃଷ୍ଟି କରିବ । ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଆପଣଙ୍କୁ ଅତିଷ୍ଠ କରିପାରେ। କଳା, ସାହିତ୍ୟ, ସାମ୍ବାଦିକତାରେ ସମସ୍ୟା ସମାଧାନ ହୋଇଯିବ । ପିଲାମାନଙ୍କ ଗୌରବ ସାମୟିକ ସାନ୍ତ୍ୱନାର କାରଣ ହେବ ।

**ମିଥୁନ** ପୁନର୍ବସୁ ନକ୍ଷତ୍ରର ଅନ୍ୟମନସ୍କତା କାରଣରୁ ଟଙ୍କା ପଇସା କିମ୍ବା କୌଣସି ଜିନିଷ ହଜିଯାଇପାରେ । ପାରିବାରିକ ସମସ୍ୟାକୁ ନେଇ ମାନସିକ ସ୍ଥିତି ଠିକ୍ ରହିବ ନାହିଁ । ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ । ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି ।

**କର୍କଟ** ବିଭିନ୍ନ ସମସ୍ୟା ବିଷୟ ଚିନ୍ତାକରି ଆଜିର ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। ଅଶ୍ଳେଷା ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା ସମାଲୋଚିତ ହେବାକୁ ପଡିପାରେ । ଆର୍ଥିକ ଦିଗଟି ଭଲ ରହିବ, କିନ୍ତୁ ବାକି ଥିବା ଟଙ୍କା ଫେରି ପାଇବେ ନାହିଁ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ** ଅଧିକାଂଶ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । କୌଣସି ଆନୁଷ୍ଠାନିକ କାମ କିମ୍ବା କୌଣସି ଶୁଭକାର୍ଯ୍ୟରେ ଯୋଗଦେଇପାରନ୍ତି। ପୂର୍ବାଫାଲଗୁନୀ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ବ୍ୟବସାୟ, ନିର୍ମାଣ, କାରିଗରୀ, କଣ୍ଟ୍ରାକ୍ଟରୀ, ରପ୍ତାନି ବାଣିଜ୍ୟରେ ଉନ୍ନତି କରିବେ।

**କନ୍ୟା** ଯାହା ପାଇବା ପାଇଁ ଆଶା ବାନ୍ଧି ବସିଛନ୍ତି ତାହା ପାଇବା ପାଇଁ ଲଢେଇ କରିବାକୁ ପଡିପାରେ। ବ୍ୟବସାୟରେ ଲାଭ ମିଳିବ ; ମାତ୍ର ତାହା ଅନ୍ୟ ଦିଗରେ ବ୍ୟୟ ହୋଇଯିବ। ଖାଦ୍ୟର ବିଷମତା ହେତୁ ପେଟ ଗୋଳମାଳ ଦେଖାଦେଇ ପାରେ। ହସ୍ତା ନକ୍ଷତ୍ର ପାଇଁ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ।

**ତୁଳା** ଆଜିର ଯାତ୍ରା ସ୍ଥଗିତ ରହିଯିବ,ବ୍ୟବସାୟରେ ଝଗଡାଜନିତ ମାନସିକ ଅଶାନ୍ତିର ସୂଚନା ରହିଛି। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି, ଆପଣ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ସ୍ୱାତୀ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିପାରନ୍ତି।

**ବିଛା** କାମରେ କିଛିଟା ପ୍ରତିବନ୍ଧକ ଲାଗି ରହିଥିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଗାଡି ମରାମତି ଘର ସାଜସଜ୍ଜା,ବ୍ୟବସାୟିକ ଆଲୋଚନାରୁ ସଫଳତା ମିଳିବ। ଅଫିସ୍ କାମ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ଧନୁ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ଅବଶ୍ୟମ୍ଭାବୀ। କଳା, ସାହିତ୍ୟ, କ୍ରୀଡା କିମ୍ବା ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ। ଉତ୍ତରାଷାଢା ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ। ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡିପାରେ।

**ମକର** ମନ ବୁଝିଲା ଭଳି କିଛି ପ୍ରତିଶ୍ରୁତି ଦେଇ କାମ ହାସଲ କରିବେ। କୌଣସି ପ୍ରତୀକ୍ଷିତ ଖବରଟି ପଡୋଶୀଙ୍କଠାରୁ ପାଇ ଖୁସି ହେବେ। ଭୁଲ୍ ବୁଝାମଣା କାରଣରୁ ପରିବାରରେ ମାନସିକ ଅଶାନ୍ତି ଦେଖା ଦେଇପାରେ। ଶ୍ରବଣା ସାମାଜିକ ସ୍ତରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**କୁମ୍ଭ** ଯାନ ବାହନରେ ଯାତ୍ରାକାଳୀନ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ । ଶତଭିଷା ନକ୍ଷତ୍ର ବ୍ୟକ୍ତିବିଶେଷ ପ୍ରଚାରିତ ମିଥ୍ୟା ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ଶୁଭଫଳ ମିଳିବ।

**ମୀନ** ଅତୀତର କୌଣସି ଅଭୁଲା କଥା ମନକୁ ବାରମ୍ବାର ଆଲୋଡିତ କରିବ। ଉତ୍ତରଭାଦ୍ର ନକ୍ଷତ୍ର ପାଇଁ ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। ମିତ୍ର ବନ୍ଧୁମାନେ ଅସହଯୋଗ କରିପାରନ୍ତି।

ଆଜି ଗହ୍ମାପୂର୍ଣ୍ଣିମା,ଶ୍ରୀବଳଭଦ୍ରଜନ୍ମ, ରକ୍ଷାବନ୍ଧନ, ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ, ଅଗଷ୍ଟ ୩ ତାରିଖ, ସୋମବାର, ଶ୍ରୀନିଗମାନନ୍ଦ ସରସ୍ୱତୀ ଦେବ ଜୟନ୍ତୀ, ସ୍ୱଭାବକବି ଗଙ୍ଗାଧର ମେହେର ଜୟନ୍ତୀ, ରାଶି ନକ୍ଷତ୍ର-ଶ୍ରବଣା/ମକର, ମିଥୁନ ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୨୬ମି. ଗତେ ଘ.୦୭.୦୯ମି. ମଧ୍ୟେ, ଘ.୧୦.୩୫ମି.ଗତେ ଘ.୦୧.୦୯ମି.ମଧ୍ୟେ, ସନ୍ଧ୍ୟା ଘ.୦୭.୦୩ମି.ଗତେ ଘ.୦୯.୧୬ମି.ମଧ୍ୟେ, ରାତ୍ରି ଘ.୧୧.୩୦ମି.ଗତେ ଘ.୦୨.୨୮ମି.ମଧ୍ୟେ ଅମୃତବେଳା। ଦିବା ଘ.୦୩.୪୪ମି. ଗତେ ଘ.୦୫.୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୭.୦୩ମି. ଗତେ ଘ.୦୮.୩୯ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302

**real estate**

**SALE**

Fully developed gharabari demarcated plot for immediate construction at Balianta, Bhubaneswar. 7978209813. D-69136

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131

Gharabari plot at Patia, Raghunathpur Padasahi, Baranga, duplex, flat Raghunathpur, Patia, Nakhara, Balianta, Bhubaneswar. 8917589179. D-69135

**healthcare**

Herbal full body massage by smart / expert therapist. Contact: 8338067247. D-69713

Get refreshment body massage by expert therapist contact for. 9556978408. D-69705

Newly open SPA Centre full body massage Bamikhal, Bhubaneswar. 7205187702. D-59955

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଯୁଗ ଯୁଗର ଭାରତବର୍ଷ ମରିଯାଇ ନାହିଁ। କିମ୍ବା ସେ ତା'ର ଶେଷ ସୃଜନାତ୍ମକ ଶବ୍ଦଟି କହି ସାରିନାହିଁ। ସେ ବଞ୍ଚିଛି। ଏବଂ ନିଜ ପାଇଁ ଓ ମଣିଷମାନଙ୍କ ପାଇଁ ତା'ର କିଛି କରିବାର ଅଛି। **-ଶ୍ରୀଅରବିନ୍ଦ**



# ଇଂଲିଶ ଗୌଣ

ଭାରତୀୟ ସମ୍ବିଧାନରେ ଶିକ୍ଷାକୁ ଯୁଗ୍ମ ତାଲିକା ବା କନ୍‌କରେଣ୍ଟ୍ ଲିଷ୍ଟରେ ରଖାଯାଇଛି। କୌଣସି ବିଷୟ ଉପରେ କ୍ଲିଷ୍ଟତା ଉପୁଜିଲେ କେନ୍ଦ୍ରର ଭୂମିକା ଗୁରୁତ୍ୱ ବହନ କରିଥାଏ। ନିକଟରେ କେନ୍ଦ୍ର ସରକାର ନୂଆ ଶିକ୍ଷା ନୀତି-୨୦୨୦ ଘୋଷଣା କରିବା ପରେ ଏଥିରେ ଥିବା ବିଭିନ୍ନ ଦିଗ ଉପରେ ତର୍ଜମା କରାଯାଉଛି। କେତେକେ ୧୦+୨ ପରିବର୍ତ୍ତେ ୫+୩+୩+୪ ବ୍ୟବସ୍ଥାକୁ ସ୍ୱାଗତ କରିଥିବା ବେଳେ ଅନ୍ୟମାନେ ଏହାକୁ ନାପସନ୍ଦ କରୁଛନ୍ତି। ବାସ୍ତବରେ ଯେଉଁମାନେ ପ୍ରଶଂସା ବା ନାପସନ୍ଦ କରୁଛନ୍ତି ସେମାନେ ଆଜିପର୍ଯ୍ୟନ୍ତ ଘୋଷଣା ହୋଇଥିବା ତଥ୍ୟ ସମ୍ପର୍କରେ କେତେ ଗଭୀରକୁ ଯାଇଛନ୍ତି ତାହା ବୁଝିବା କଷ୍ଟକର।

ଏହି ଶିକ୍ଷା ନୀତି ଅନୁଯାୟୀ ପଞ୍ଚମ ଶ୍ରେଣୀ ଯାଏ ମାତୃଭାଷା ମାଧ୍ୟମରେ ପାଠ ପଢ଼ିବାକୁ ଜୋର୍ ଦିଆଯାଇଛି। ସମ୍ଭବତଃ ଏହା ପଛରେ ମାତୃଭାଷା ସପକ୍ଷବାଦୀ ଯୋଦ୍ଧାଙ୍କୁ ନୀରବ କରିଦେବାର ଉଦ୍ଦେଶ୍ୟ ରହିଛି। ଛାତ୍ରୀଛାତ୍ରଙ୍କ ଜୀବନ ଆରମ୍ଭରେ କେବଳ ମାତୃଭାଷା ମାଧ୍ୟମରେ ଶିକ୍ଷା ଦିଆଗଲେ ପରବର୍ତ୍ତୀ ସମୟରେ ଅନ୍ୟ କୌଣସି ଭାଷା ଶିଖିବା କଷ୍ଟକର ହୋଇପଡ଼ିବ। ହୁଏତ ସେଥିପାଇଁ ଅଧିକାଂଶ ବିକଶିତ ଦେଶରେ ପିଲାଙ୍କୁ ଆରମ୍ଭରୁ ସର୍ବନିମ୍ନ ଦୁଇଟି ଭାଷାରେ ଶିକ୍ଷା ଦିଆଯାଇଥାଏ। ଭାରତ ସରକାରଙ୍କ ଘୋଷଣା ଅନୁଯାୟୀ ଶିକ୍ଷାନୀତି କେବଳମାତ୍ର ଏକ ସୁପାରିସ। ଏଥିରେ ଆହୁରି ଅସ୍ପଷ୍ଟ ବିନ୍ଦୁ ରହିଛି। ନୀତିରେ ବର୍ଣ୍ଣନା କରାଯାଇଛି ଯେ, ଛାତ୍ରୀଛାତ୍ର ରସାୟନ ବିଜ୍ଞାନ ସହ ସଙ୍ଗୀତ ଏବଂ ଭୂଗୋଳ ପଢ଼ିପାରିବେ। ଅର୍ଥାତ୍ ଆଜିପର୍ଯ୍ୟନ୍ତ ଯେଉଁ କଳା, ବିଜ୍ଞାନ ଓ ବାଣିଜ୍ୟ ବିଷୟ ସବୁ କଡ଼ାକଡ଼ି ଭାବେ ଲାଗୁ ହୋଇଥିଲା ତା'ର ସୀମା ଭାଙ୍ଗିଯିବ। ଅର୍ଥାତ୍ ଉଚ୍ଚଶିକ୍ଷାରେ ପିଲାଙ୍କ ରୁଚି ଅନୁଯାୟୀ ବିଭିନ୍ନ ଧାରାରୁ ଭିନ୍ନ ଭିନ୍ନ ବିଷୟ ପଢ଼ିବାର ସୁଯୋଗ ମିଳିବ। ନିଶ୍ଚିତଭାବେ ଏହା ସ୍ୱାଗତଯୋଗ୍ୟ। ଶିକ୍ଷାନୀତି ଭାବେ ଏହା ଏକ ସମ୍ପୂର୍ଣ୍ଣ ମଣିଷ ତିଆରି କରିବାରେ ସହାୟକ ହେବ ବୋଲି କୁହାଯାଇପାରେ। କିନ୍ତୁ ଏବେକାର ଶିକ୍ଷା ବ୍ୟବସ୍ଥା ଏଭଳି ପରିବର୍ତ୍ତିତ ନୀତି ସହିତ ହାତ ମିଳାଇ ଚାଲିପାରିବ କି ନାହିଁ ତାହା ଜଣାନାହିଁ। ନୀତି ଯେତେ ସୁନ୍ଦର ହେଲେ ମଧ୍ୟ ଭାରତର ସାମାଜିକ ପରିସ୍ଥିତିକୁ ଅଧ୍ୟୟନ କରାଯିବା ଅତ୍ୟନ୍ତ ଆବଶ୍ୟକ। ଉଦାହରଣ ସ୍ୱରୂପ ଭାରତରେ ଅଧିକାଂଶ ଅଭିଭାବକ ନିଜ ପିଲାଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିଥାନ୍ତି। ପିଲା ନିଜ ଜୀବନକୁ କେମିତି ଗଢ଼ିତୋଳିବ ସେ ସମ୍ପର୍କରେ ସେଇ ପିଲାର ଯେତିକି ଦାୟିତ୍ୱ ନ ଥାଏ ତା'ଠାରୁ କାହିଁ ଅଧିକ ଦାୟିତ୍ୱ ଗୁରୁଜନମାନେ ନିଜେ ମୁଣ୍ଡାଇଥାନ୍ତି। ସେଥିପାଇଁ ଏହି ନୀତିରେ ଏଭଳି ସାମାଜିକ ସମସ୍ୟା ପାଇଁ କେଉଁଭଳି ବ୍ୟବସ୍ଥା କରାଯାଇଛି ତାହା ଜଣାପଡୁ ନାହିଁ। ସମସ୍ୟା ହେଲା ପିଲାଙ୍କୁ ଦିଆଯାଇଥିବା ସ୍ୱାଧୀନତା ସହିତ ଅଭିଭାବକଙ୍କ ସହମତି ରହିବାର ଆବଶ୍ୟକତା ଦେଖାଦେଇପାରେ।

ଏହି ଶିକ୍ଷାନୀତିରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ନାମ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଅର୍ଥାତ୍ ୨୬ ସେପ୍ଟେମ୍ବର ୧୯୮୫ ପର୍ଯ୍ୟନ୍ତ ଏହି ମନ୍ତ୍ରଣାଳୟର ନାମ ଥିଲା ଶିକ୍ଷା ମନ୍ତ୍ରଣାଳୟ। ଅବଶ୍ୟ ପୁରୁଣା ସଂସ୍ଥା ବା ଅନୁଷ୍ଠାନର ନାମ ପରିବର୍ତ୍ତନ କରି ଏକ ନୂଆ ଧାରା ସୃଷ୍ଟି କରିବାରେ ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ରେକର୍ଡ ରହିଆସିଛି। ବିଗତ ସାଧାରଣ ନିର୍ବାଚନ ବେଳେ ନୂଆ ଶିକ୍ଷା ନୀତି ଅଣାଯିବ ବୋଲି ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ସମ୍ଭବତଃ ତାହାକୁ ପୂରଣ କରିବା ଦିଗରେ କୋଭିଡ୍-୧୯ ମହାମାରୀ ଯୋଗୁ ସଂକ୍ରମଣ ବୃଦ୍ଧି ପାଇବା ଓ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଭାରତବାସୀ ଗତି କରୁଥିବା ବେଳେ ଏକ ବିରାଟକାୟ ବାସ୍ତବ ସମସ୍ୟାଠାରୁ ଦୃଷ୍ଟି ହଟାଇବା ପାଇଁ ଉଦ୍ୟମ ହୋଇଥାଇପାରେ। କାରଣ ସରକାରଙ୍କ ଏହି ସମୟରେ ଯେଉଁଆଡ଼େ ସମ୍ପୂର୍ଣ୍ଣ ଶକ୍ତି ଓ ଦୃଷ୍ଟି ଲଗାଇବା କଥା ସେହି ଝରକାରେ ଶିକ୍ଷାନୀତି ପରିବର୍ତ୍ତନ କଦାପି ଆସୁନାହିଁ। ଶିକ୍ଷା ନୀତି ଇତିହାସ ଦେଖିଲେ ଏହା ପୂର୍ବରୁ ୧୯୬୪-୬୫ ଏବଂ ୧୯୮୫-୮୬ରେ ଦୁଇଟି ଶିକ୍ଷା ନୀତି ଆସିସାରିଛି। ଏବର ଶିକ୍ଷା ନୀତି ପୂର୍ବ ଭଳି ଏକ ଦଲିଲ ହୋଇ ରହିବ ବୋଲି ବିଶ୍ୱାସ ହେଉନାହିଁ। ଭଲରେ ହେଉ ବା ଭେଲରେ ମୋଦି ସରକାର ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହାକୁ ଜୋର୍ ଜବରଦସ୍ତ କାର୍ଯ୍ୟକାରୀ କରାଇବାକୁ ସବୁ ପ୍ରକାର ଉଦ୍ୟମ କରୁଛନ୍ତି। ୪ ଘଣ୍ଟା ସମୟ ଦେଇ ବିମୁଦ୍ରୀକରଣ ଘୋଷଣା କଲେ ଏବଂ ତତ୍‌ସହିତ ଦିନେ ଛଡ଼ା ଦିନେ ନିୟମ ବଦଳାଇ ଚାଲିଲେ। ସେହି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିର ଫଳ ଆଜି ଭାରତୀୟ ଅର୍ଥନୀତିକୁ ଭାଙ୍ଗିଦେଇଛି। ଅର୍ଦ୍ଧରାତିରେ ମିଳିତ ପାର୍ଲାମେଣ୍ଟ ଅଧିବେଶନ ଡାକି ଜିଏସ୍‌ଟି ଲାଗୁ କଲେ। କରୋନା ଲକ୍‌ଡାଉନ୍ ପୂର୍ବ ସମୟ ଯାଏ ଜିଏସ୍‌ଟିର ବିଭିନ୍ନ ନିୟମ ଓ ସମୟସୀମା ବଦଳାଇ ଚାଲିଛନ୍ତି। କରୋନାଜନିତ ଲକ୍‌ଡାଉନ୍ ଘୋଷଣା କରିଦେଲା ପରେ ବୁଝାପଡ଼ିଲା ଯେ ସରକାରଙ୍କ ମାଇଗ୍ରାଣ୍ଟ ଲେବର ବା ପ୍ରବାସୀ ଶ୍ରମିକଙ୍କ ସମ୍ପର୍କରେ ତିଳେମାତ୍ର ଧାରଣା ନ ଥିଲା। ଏବେ ସନ୍ଦେହ କରାଯାଇପାରେ ଯେ ନୂତନ ଶିକ୍ଷାନୀତି ସେହିଭଳି ଏକ ହଟଚମଟ ସୃଷ୍ଟି କରିବା ଲକ୍ଷ୍ୟରେ ଘୋଷଣା କରାଯାଇଛି। ଏହି ଦେଶର ଅନେକ କୋଟି ଛାତ୍ରୀଛାତ୍ର ବିଭିନ୍ନ ଶ୍ରେଣୀରେ ପାଠ ପଢୁଛନ୍ତି। ପ୍ରତ୍ୟେକ ରାଜ୍ୟରେ ଅନେକ ପ୍ରକାର ଶିକ୍ଷା ବ୍ୟବସ୍ଥାରେ ପିଲାଙ୍କ ଭବିଷ୍ୟତ ଗଢ଼ାଯାଉଛି। କେବଳ ଓଡ଼ିଶାର ସ୍କୁଲ ବ୍ୟବସ୍ଥାକୁ ଦେଖିଲେ ଏଠାରେ ମାଟ୍ରିକ୍ (ଏଚ୍‌ଏସ୍‌ସି), +୨ (ସିଏଚ୍‌ଏସ୍‌ଇ), ସିବିଏସ୍‌ଇ, ଆଇସିଏସ୍‌ଇ ଭଳି ଆମ ଜାଣିବାରେ ଅନ୍ତତଃ ଚାରି ପ୍ରକାର ସମାନ ସ୍ତର ପାଇଁ ପାଠ୍ୟକ୍ରମ ରହିଛି। ସହଜରେ ଅନୁମାନ କରାଯାଇପାରେ ଯେ ଅନ୍ୟ ରାଜ୍ୟରେ ୪ ବା ତଦୂର୍ଦ୍ଧ୍ୱ ବ୍ୟବସ୍ଥା ନିଶ୍ଚିତ ଭାବେ ଥିବ। ସ୍କୁଲ ଭଳି କଲେଜ ବା ଉଚ୍ଚଶିକ୍ଷାରେ ମଧ୍ୟ ଅନେକ ପ୍ରକାରର ପାଠ୍ୟକ୍ରମ ରହିଛି। ଏହିସବୁ ଚଳନ୍ତି ବ୍ୟବସ୍ଥାରେ ଅନେକ କୋଟି ପିଲା ଦେଶବ୍ୟାପୀ ଏବେ ପାଠ ପଢୁଛନ୍ତି। ସେମାନଙ୍କ ଜୀବନରେ ଏଭଳି ଏକ ରାତିଅଧିଆ ନୀତି ପରିବର୍ତ୍ତନ କେଉଁ ପ୍ରକାର ଲାଭ ବା କ୍ଷତି ଆଣିଦେବ, ସେ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁଧ୍ୟାନ କରାଯାଇଛି କି ନାହିଁ ସେ ନେଇ କୌଣସି ପ୍ରମାଣ ନାହିଁ। ଯଦି କେହି କହେ ଯେ କମିଟି ବସି ଏଇସବୁ ସୁପାରିସ କରିଛି, ତେବେ ସେହି କମିଟି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଯୋଗ୍ୟ କରିବା ପାଇଁ କୌଣସି ସୁପାରିସ କରିଛନ୍ତି କି ନାହିଁ ତାହାର ଉଲ୍ଲେଖ ରହିନାହିଁ। ଏହା ବ୍ୟତୀତ ଏଭଳି ନୀତି ନିମନ୍ତେ ପାଠ୍ୟପୁସ୍ତକରେ କେଉଁ ପ୍ରକାର ପରିବର୍ତ୍ତନ ଚିନ୍ତା କରାଯାଇଛି ତାହା ମଧ୍ୟ ଜଣାନାହିଁ।

ଭାରତରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିବାର ଆବଶ୍ୟକତା ଥିଲା। ଆଜି ପର୍ଯ୍ୟନ୍ତ ଚାଲିଆସୁଥିବା ବ୍ୟବସ୍ଥାରେ କେବଳ ଚାକିରି ଖୋଜିବା ପାଇଁ ପିଲାଙ୍କୁ ପ୍ରସ୍ତୁତ କରାଯାଉଥିଲା। ଏହା ଫଳରେ ଭାରତୀୟ ଯୁବପିଢ଼ି ପୃଥିବୀବ୍ୟାପୀ ବଡ଼ କମ୍ପାନୀରେ ଚାକିରି ପାଉଥିବା କଥା ସତ୍ୟ। କିନ୍ତୁ ଭାରତୀୟଙ୍କ ଦ୍ୱାରା କୌଣସି ଇନୋଭେଶନ ବା ଅଭିନବତ୍ୱ କରାଯାଇଥିବାର ଶୁଣିବାକୁ ମିଳେନାହିଁ। ଗୋଟିଏ ପଟେ ମାତାପିତାଙ୍କ ଚାପ, ଅନ୍ୟପଟେ ଲଦିହୋଇ ଯାଇଥିବା ପାଠ୍ୟକ୍ରମ ପିଲାଙ୍କୁ ମାନସିକ ବାମନ ଅବସ୍ଥାକୁ ଘୋଷାଡ଼ି ନେଇଛି। ଯଦି ସେହି ପରିସ୍ଥିତି ଏହି ନୂତନ ନୀତି ମାଧ୍ୟମରେ ଆସନ୍ତାକାଲିର ଯୁବପିଢ଼ିଙ୍କୁ ମୁକ୍ତ କରାଯାଇପାରିବ ତେବେ ଏହାକୁ ସମର୍ଥନ କରାଯିବା ଦରକାର। କିନ୍ତୁ ଏହି ସରକାରର ପୂର୍ବାଭ୍ୟାସକୁ ଦେଖିକରି କୁହାଯାଇ ପାରିବ ଯେ ଏହି ନୂତନ ଶିକ୍ଷାନୀତି ପଛରେ କୌଣସି ଗଭୀର ଅନୁଧ୍ୟାନ ନ ଥାଇ ଏହାକୁ ଏକ ସଙ୍ଗେ ସମଗ୍ର ଦେଶ ଉପରେ ଅଜାଡ଼ି ଦିଆଯାଇଛି। ଏଡ଼େ ବିଶାଳ ଏବଂ ଜନସଂଖ୍ୟାବହୁଳ ଦେଶରେ ପରିବର୍ତ୍ତନ ଆଣିବା ପାଇଁ ସମୟ ଦିଆଯିବା ଉଚିତ। ଉଦାହରଣ ସ୍ୱରୂପ, ପ୍ରଥମେ ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦିଆଯିବା ଉଚିତ ଥିଲା। ସେଥିପାଇଁ ପ୍ରତ୍ୟେକ ରାଜ୍ୟରେ ଅନୁଭବୀ ଏବଂ ଯୋଗତାପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବ୍ୟବସ୍ଥା କରାଯାଇ ଥାଆନ୍ତା। ସେଥିରୁ ମିଳୁଥିବା ଅଭିଜ୍ଞତାକୁ ପରବର୍ତ୍ତୀ ସ୍ତରରେ ପରୀକ୍ଷଣ କରାଯିବା ଉଚିତ ହୋଇଥାନ୍ତା। ଏହି ନୂତନ ଶିକ୍ଷାନୀତିକୁ ଦେଖିଲେ ଲାଗୁଛି ଲକ୍‌ଡାଉନ୍ ଘୋଷଣା କରି ପ୍ରବାସୀ ସମସ୍ୟା ସୃଷ୍ଟି କଲା ଭଳି ଏହି ଶିକ୍ଷାନୀତି ଆହୁରି ଏକ ବିରାଟ ପାହାଡ଼ ଛିଡ଼ା କରିପାରେ। ଏହା ବ୍ୟତୀତ ଯଦି ଇଂଲିଶ ଶିକ୍ଷାକୁ ଗୌଣ କରିଦିଆଯାଏ, ତେବେ ଭାରତର ଭବିଷ୍ୟତ ପିଢ଼ିକୁ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ହେବାରୁ ବଞ୍ଚିତ କରିଦିଆଯିବ। ଏଥିରେ ସଂସ୍କୃତର ଗୁରୁତ୍ୱ କେତେଦୂର ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସୃଷ୍ଟି କରିବାରେ ସହାୟକ ହେବ ତାହା ମଧ୍ୟ ସନ୍ଦିହାନ।

# ନୂତନ ଶିକ୍ଷାନୀତି-୨୦୨୦: ଏକ ବିହଙ୍ଗାବଲୋକନ





ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ମହାନ୍ତି
ପ୍ରାକ୍ତନ ଅଧକ୍ଷ
ଖଲ୍ଲିକୋଟ ମହାବିଦ୍ୟାଳୟ

ଡ. ଗୌରୀଶଙ୍କର ସାହୁ
ଅଧ୍ୟାପକ, ହିମାଚଳପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

୧୯୮୬ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସରକାର ଜାତୀୟ ଶିକ୍ଷାନୀତି ୧୯୮୬ ପ୍ରଚଳନ କରିଥିଲେ। ତା'ର ୩୪ ବର୍ଷ ପରେ ମୋଦି ସରକାର ବିଶିଷ୍ଟ ମହାକାଶ ବିଜ୍ଞାନୀ ପ୍ରଫେସର କେ. କସ୍ତୁରୀ ରଙ୍ଗନଙ୍କ ଅଧ୍ୟକ୍ଷତାରେ ଗଠିତ ସମିତିର ପ୍ରସ୍ତାବକୁ ଗ୍ରହଣ କରି ଜାତୀୟ ଶିକ୍ଷାନୀତି-୨୦୨୦ ଲୋକାର୍ପିତ କରିଛନ୍ତି। ନୂଆ ବ୍ୟବସ୍ଥା ମୁତାବକ କେନ୍ଦ୍ରୀୟ ମାନବସମ୍ବଳ ବିଭାଗକୁ ଶିକ୍ଷା ବିଭାଗ କୁହାଯିବ। ଦେଶ ସ୍ୱାଧୀନତା ଲାଭବେଳେ ମଧ୍ୟ ଏହାକୁ ଶିକ୍ଷା ବିଭାଗ କୁହାଯାଉଥିଲା।

ବର୍ତ୍ତମାନ ୧୦ +୨ ବ୍ୟବସ୍ଥା ପ୍ରଚଳିତ ଥିବାବେଳେ ନୂତନ ଶିକ୍ଷାନୀତି ଅନୁଯାୟୀ ବିଦ୍ୟାଳୟ ଶିକ୍ଷାବ୍ୟବସ୍ଥାରେ ୫+୩+୩+୪ ବ୍ୟବସ୍ଥା ପ୍ରଚଳିତ ହେବ। ଏବେ ୫ ବର୍ଷ ହେଲେ ସରକାରୀ ବିଦ୍ୟାଳୟରେ ନାମଲେଖା ଯାଉଥିବାବେଳେ ଘରୋଇ ବିଦ୍ୟାଳୟଗୁଡ଼ିକରେ ୨ରୁ ୩ ବର୍ଷର ଶିଶୁକୁ କ୍ରୀଡ଼ାଶ୍ରେଣୀରେ ନାମ ଲେଖାଯାଉଛି। ନୂଆ ଶିକ୍ଷାନୀତିରେ ୩ ବର୍ଷରୁ ପିଲାର ପାଠପଢ଼ା ଆରମ୍ଭ ହେବ। ୩ ରୁ ୬ବର୍ଷ ପର୍ଯ୍ୟନ୍ତ ପିଲାଟି ଅଙ୍ଗନାୱାଡି/ବାଲ୍‌ବାଟିକାରେ ଖେଳକୁଦ ମାଧ୍ୟମରେ ଶିକ୍ଷାଅର୍ଜନ କରିବ। ତା'ପର ଦୁଇବର୍ଷ ୬ ରୁ ୮ ବର୍ଷ ପର୍ଯ୍ୟନ୍ତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପିଲାଟି ପାଠ ପଢ଼ିବ। ୩ ରୁ ୮ ବର୍ଷ ପର୍ଯ୍ୟନ୍ତ ଏହି ପ୍ରଥମ ୫ବର୍ଷର ଶିକ୍ଷାକୁ ମୂଳଦୁଆ ଶିକ୍ଷା ବୋଲି କୁହାଯାଉଛି। ୩ ରୁ ୬ବର୍ଷ ପର୍ଯ୍ୟନ୍ତ ପିଲାର ଶିକ୍ଷାଗ୍ରହଣ ପ୍ରବଣତା ଅଧିକ ଥାଏ ବୋଲି ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି। ତେଣୁ ଏହି ସମୟରେ ଶିକ୍ଷାଦାନ କଲେ ପିଲାମାନେ ତା'ର ସୁଫଳ ପାଇବେ ବୋଲି ସରକାର ଆଶା ରଖିଛନ୍ତି। ଏହି ସମୟରେ ଗପ, ଗୀତ, ଖେଳ ଜରିଆରେ ଶିକ୍ଷାଦାନ କରାଯିବ। ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟଖସଡ଼ାକୁ ପ୍ରାରମ୍ଭିକ ପାଠ୍ୟଖସଡ଼ା କୁହାଯିବ। ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ମଧ୍ୟ ପାଠ୍ୟଖସଡ଼ା ଓ ନବମରୁ ଦ୍ୱାଦଶପର୍ଯ୍ୟନ୍ତ ପାଠ୍ୟଖସଡ଼ାକୁ ମାଧ୍ୟମିକ ପାଠ୍ୟଖସଡ଼ା କୁହାଯିବ। ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ଗଣିତ ଓ ପ୍ରାଥମିକ ଶ୍ରେଣୀର ଭାଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ। ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ପାଇଁ ପ୍ରୋତ୍ସାହନ ଦିଆଯିବ ଅର୍ଥାତ୍ ଆଞ୍ଚଳିକ ଭାଷା ବାଧ୍ୟତାମୂଳକ ହେବନାହିଁ। ଗବେଷଣାରୁ ଜଣାପଡ଼ିଛି ପିଲାଟିକୁ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ କଲେ ତା'ର ଗ୍ରହଣଶୀଳତା ଅଧିକ ହୋଇଥାଏ। ମାତ୍ର ବର୍ତ୍ତମାନ ଧାରାକୁ ଦେଖିଲେ ଅଭିଭାବକମାନେ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ପଢ଼ାଇବା ପାଇଁ ପସନ୍ଦ କରୁଛନ୍ତି। କିଛି ଶିକ୍ଷାବିତ୍‌ଙ୍କର ଯୁକ୍ତିହେଲା ଇଂଲିଶ ଏକ ବିଶ୍ୱସ୍ତରୀୟ ଭାଷା ହୋଇଥିବାରୁ ଏହି ଭାଷାରେ ଦଖଲ ଆସିଲେ ବିଶ୍ୱ ବଜାରରେ ଚାକିରିର ସୁବିଧା ବଢ଼ିଥାଏ। ତେଣୁ ଏକ ମଧ୍ୟମ ମାର୍ଗକୁ ଗ୍ରହଣ କରି ଜାତୀୟ ଶିକ୍ଷାନୀତି-୨୦୨୦ରେ ଆଞ୍ଚଳିକ ଭାଷାକୁ ବାଧ୍ୟତାମୂଳକ ନ କରି ବରଂ ପ୍ରୋତ୍ସାହିତ କରାଯିବ ବୋଲି କୁହାଯାଇଛି।

ନୂତନ ଶିକ୍ଷାନୀତିରେ ଯେଉଁ କେତୋଟି ପ୍ରଶଂସନୀୟ ବିନ୍ଦୁ ରହିଛି ତାକୁ ଆଲୋଚନା କରିବା। ବର୍ତ୍ତମାନ ଦେଖାଯାଉଛି ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ପାଇଁ ଶିକ୍ଷକଶିକ୍ଷୟିତ୍ରୀମାନେ ପାଠପଢ଼ାରେ ଧ୍ୟାନ ଦେଇପାରୁନାହାନ୍ତି। କେମିତି ଭଲରେ ରୋଷେଇ ହୋଇ ପିଲା ଖାଇବେ ତାହା ସେମାନଙ୍କର ମୁଖ୍ୟଚିନ୍ତା। ନୂତନ ଶିକ୍ଷାନୀତିରେ ମଧ୍ୟାହ୍ନଭୋଜନ ସହ ଜଳଖିଆର ବ୍ୟବସ୍ଥା ମଧ୍ୟ କରାଯାଇଛି। କିନ୍ତୁ ନିର୍ଦ୍ଦେଶ ଦିଆଯାଇଛି ଯେ, ରୋଷେଇବାସ କାମରେ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଦାୟିତ୍ୱ ନ ଦେଇ ଭିନ୍ନ ବ୍ୟବସ୍ଥା କରିବା ପାଇଁ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରଚଳିତ ଶିକ୍ଷା ପଦ୍ଧତିରେ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ଓ ଆବଶ୍ୟକ ଶିକ୍ଷକମାନଙ୍କ ଅଭାବ ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନର ମାନକୁ ରସାତଳକୁ ନେଇ ଗଲାଣି। ଏହାକୁ ସୁଧାରିବା ପାଇଁ ନୂତନ ଶିକ୍ଷାନୀତିରେ ୨୦୨୨ ପରେ ଆଉ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି କରାଯାଇପାରିବ ନାହିଁ ବୋଲି କୁହାଯାଇଛି। ଏହାଛଡ଼ା ଏଥିରେ ଶିକ୍ଷକ ଛାତ୍ର ଅନୁପାତ ୧:୩୦ ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ବନବାସୀ ଅଞ୍ଚଳରେ ଏହି ଅନୁପାତ ୧:୨୫ ରହିବ। ୨୦୩୦ ସୁଦ୍ଧା ସବୁପିଲାଙ୍କୁ ବିଦ୍ୟାଳୟକୁ ନେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏସବୁ ଶିକ୍ଷାଦାନର ମାନବୃଦ୍ଧିରେ ସହାୟକ ହେବ। ଯେଉଁ ଶିକ୍ଷକମାନେ ଗ୍ରାମାଞ୍ଚଳରେ ନିଯୁକ୍ତି ପାଇବେ ସେମାନଙ୍କୁ ସ୍ୱତନ୍ତ୍ର ଭତ୍ତା ଦିଆଯିବାର ବ୍ୟବସ୍ଥା କରାଯିବ।

ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜାତୀୟ ଶିକ୍ଷାନୀତି-୨୦୨୦ରେ କୁହାଯାଇଛି। ବିଇଡି କୋର୍ସ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ହେବ। ଏହା ଏକବର୍ଷିଆ ଓ ଦୁଇବର୍ଷିଆ ମଧ୍ୟ ହୋଇପାରିବ। ଏଥିରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ଶିକ୍ଷାନୀତିର ଆଉ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ପ୍ରସ୍ତାବ ହେଉଛି, ଗରିବ ଓ ମେଧାବୀ ଛାତ୍ରମାନଙ୍କୁ ବିଦ୍ୟାଳୟ ସ୍ତରରୁ ମେଧାବୃତ୍ତି ପ୍ରଦାନପୂର୍ବକ ପ୍ରୋତ୍ସାହିତ କରାଯିବ। ଧନ୍ଦାମୂଳକ ଓ ବୃତ୍ତିଭିତ୍ତିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି। ବିଦ୍ୟାଳୟ ସ୍ତରରୁ ଏହାକୁ ପ୍ରୋତ୍ସାହିତ କରାଯିବାର ବ୍ୟବସ୍ଥା ରହିଛି।

ଉଚ୍ଚଶିକ୍ଷାରେ ମଧ୍ୟ ପରିବର୍ତ୍ତନର ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନର ୮୦୦ ବିଶ୍ୱବିଦ୍ୟାଳୟ ଓ ୪୦୦୦୦ ମହାବିଦ୍ୟାଳୟକୁ ଏକାଠି କରି ୧୫୦୦୦ ସର୍ବୋତ୍କୃଷ୍ଟ ସଂସ୍ଥା ଗଠନ କରାଯିବାର ଲକ୍ଷ୍ୟ ରଖାଯାଇଛି। ସ୍ନାତକ ଶିକ୍ଷା ଏବେ ୩ ବର୍ଷିଆ ବଦଳରେ ୪ ବର୍ଷିଆ ହେବ। ପାଞ୍ଚ ବର୍ଷିଆ ଇଣ୍ଟିଗ୍ରେଟେଡ୍ (ସମନ୍ୱିତ) ସ୍ନାତକୋତ୍ତର ଶିକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଯେଉଁମାନେ ସ୍ନାତକରେ ଗବେଷଣା କରିଥିବେ ସେମାନେ ଏକ ବର୍ଷିଆ ସ୍ନାତକୋତ୍ତର ପାଠ୍ୟକ୍ରମ ସାରିବାକୁ ହେବ। ଯେଉଁଠି ତିନିବର୍ଷିଆ ସ୍ନାତକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିବ ସେଠି ଦୁଇ ବର୍ଷିଆ ସ୍ନାତକୋତ୍ତରର ବ୍ୟବସ୍ଥା ହେବ। ଏତେଗୁଡ଼ାଏ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ନ ହେଲେ ଦ୍ୱନ୍ଦ୍ୱର ଅବକାଶ ରହିବ। ତେଣୁ ଏତେଗୁଡ଼ାଏ ବ୍ୟବସ୍ଥା ନ ରଖି ସରକାର ଗୋଟିଏ ବ୍ୟବସ୍ଥା କଲେ ଭଲ ହେବ। ଏମ୍‌ଫିଲ୍ ପାଠ୍ୟକ୍ରମ ଉଠିଯିବ। ଏବେ ମଧ୍ୟ ସ୍ନାତକୋତ୍ତର ପରେ ପିଏଚ୍‌ଡିରେ ଯୋଗଦାନର ବ୍ୟବସ୍ଥା ରହିଛି। ତେଣୁ ଏମ୍‌ଫିଲ୍‌କୁ ରଖିବାର କୌଣସି ଆବଶ୍ୟକତା ନାହିଁ।

ସ୍ୱାସ୍ଥ୍ୟସେବା ଶିକ୍ଷାରେ ମଧ୍ୟ କିଛି ମୂଳଭିତ୍ତି ପରିବର୍ତ୍ତନ କଳ୍ପନା କରାଯାଇଛି। ଏଲୋପାଥିକ ମେଡିକାଲ ଶିକ୍ଷାର ଛାତ୍ରୀଛାତ୍ରମାନଙ୍କର ଆୟୁର୍ବେଦ, ଯୋଗ, ୟୁନାନୀ, ନେଚୁରୋପାଥି, ସିଦ୍ଧ, ହୋମିଓପାଥିରେ ସମ୍ୟକ୍ ଜ୍ଞାନ ରହିବ ଓ ଆୟୁର୍ବେଦ ଏବଂ ହୋମିଓପାଥିକ ପଢୁଥିବା ଛାତ୍ରୀଛାତ୍ର ଏଲୋପାଥିକ ଚିକିତ୍ସା ସମ୍ପର୍କରେ ସମ୍ୟକ୍ ଜ୍ଞାନ ରଖିବେ।

ମୋଟ୍ ଉପରେ ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ଭାରତରେ ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ପାଇଁ ଉଦ୍ଦେଶ୍ୟ ରଖି ଲୋକାର୍ପିତ କରାଯାଇଛି। କିନ୍ତୁ ବାସ୍ତବରେ ଏହା କିପରି ପରିବର୍ତ୍ତନ ଆଣିପାରିବ ତାହା ସମୟ କହିବ।

# ଲୁହ ଲହୁର ବନ୍ଧନ



ଶୁଭେନ୍ଦୁ ମହାନ୍ତି

ପବିତ୍ର ରକ୍ଷାବନ୍ଧନର ପର୍ବ, ରାଖୀପୂର୍ଣ୍ଣମୀ ଆଜି। ଆଦରର ଭଉଣୀ ପାଇଁ ସମସ୍ତ ସୁରକ୍ଷାର ପ୍ରତିଶ୍ରୁତିବଦ୍ଧତା ଦେଉଥିବା ଭାଇ ପୁଣି ଥରେ ଦୋହରାଇବ ସେଇ ସର୍ତ୍ତହୀନ ଭଲ ପାଇବାର ପ୍ରତୀକ, ଭଉଣୀର ରଙ୍ଗବେରଙ୍ଗ ରାଖୀ ମାଧ୍ୟମରେ। ଅବଶ୍ୟ କରୋନା ମହାମାରୀର କରାଳ ଛାୟା ଏ ପର୍ବକୁ କରିଦେଇଛି ଅନେକ ମାତ୍ରାରେ ରଙ୍ଗହୀନ ଆଉ ଫିକା, ତଥାପି ଭାଇ-ଭଉଣୀ ସମ୍ପର୍କର ଡୋରିକୁ କରିପାରିନି ଦୁର୍ବଳ । ପର୍ବ ପାଳନର ପଦ୍ଧତି ହୁଏତ ବଦଳିଯାଇଛି। ମୋବାଇଲ୍ ଓ ନେଟ୍ ଯୁଗରେ ଭାବ ଆଦାନପ୍ରଦାନର ରୂପରେଖରେ ଆସିଛି କେତେ କେତେ ପରିବର୍ତ୍ତନ। ଏସବୁ ପ୍ରକାରର ପରିବର୍ତ୍ତନ ଓ ପରିବର୍ଦ୍ଧନ ମଧ୍ୟରେ ରକ୍ଷାବନ୍ଧନ ପର୍ବ ବଜାୟ ରଖିଛି ତା'ର ପାରମ୍ପରିକ ମହତ୍ତ୍ୱ ଓ ମହକ। ସେଥିପାଇଁ ତ ୧୩୦ କୋଟି ଦେଶବାସୀ, କୌଣସି ନା କୌଣସି ଭାବରେ ଆଜି ପୁଣିଥରେ ସଂଜୀବିତ କରୁଛନ୍ତି ରାଖୀପୂର୍ଣ୍ଣମୀର ମହନୀୟ ପରମ୍ପରାକୁ। ଭାରତୀୟ ସଂସ୍କୃତିର ଅସୀମ, ଅନନ୍ତ ସମ୍ପର୍କର ସେତୁ କେଉଁ ଅନାଦିକାଳରୁ ନାରୀ ସମାଜର ସୁରକ୍ଷା ପାଇଁ, ସର୍ବବିଧ ପ୍ରଗତି ତଥା ଉନ୍ମେଷ ଲାଗି ଏପରି ଏକ ଅଲିଖିତ, ସ୍ୱର୍ଗୀୟ ତଥା ଅପୂର୍ବ ଭାବର ବଳୟ ସୃଷ୍ଟି କରିଛି ; ଯାହା ବର୍ଣ୍ଣନାର ବିଷୟ ନୁହେଁ, କେବଳ ଅନୁଭବର କଥା।

ମାତ୍ର, ସମାଜର ସାମ୍ପ୍ରତିକ ଚିତ୍ର ତଥା ଘଟଣାବଳୀ ପରିପ୍ରେକ୍ଷୀରେ, ରକ୍ଷାବନ୍ଧନର ତାତ୍ପର୍ଯ୍ୟ ତଥା ଭୂମିକା ସମ୍ପର୍କରେ ମନରେ ନାନାଦି ପ୍ରଶ୍ନ ଉଙ୍କିମାରେ। ସ୍ଥାନ, କାଳ, ପାତ୍ର ନିର୍ବିଶେଷରେ, ବୟସର ଭିନ୍ନ ଭିନ୍ନ ପାହାଚରେ, ଜାତି, ଧର୍ମ, ବର୍ଣ୍ଣର ସଂକୀର୍ଣ୍ଣ ନିଗଡ଼ ମଧ୍ୟରେ 'ଭଗିନୀ'ମାନେ କେତେଦୂର ସୁରକ୍ଷିତ ? ଆନନ୍ଦର କଥା, ଏବେ ପ୍ରଶାସନିକ କଳର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ, ପ୍ରତିରକ୍ଷା ବିଭାଗ, ଶିକ୍ଷା, ସ୍ୱାସ୍ଥ୍ୟ, ଗଣମାଧ୍ୟମରେ ସେମାନଙ୍କ ଦକ୍ଷତା ତଥା ପ୍ରତିଭା ଏକବିଂଶ ଶତାବ୍ଦୀରେ ଆମ ସମସ୍ତଙ୍କ ପାଇଁ ଗର୍ବ ତଥା ଗୌରବର ଟିକା। କେଉଁଠି ପାଇଲଟ୍ ଭାବେ ପ୍ରବାସୀ ଓଡ଼ିଆଙ୍କୁ ରାଜ୍ୟକୁ ଫେରାଇ ଆଣିବା, ଜାତିସଂଘର ଗୁରୁତ୍ୱପୂର୍ଣ୍ଣ ପଦବୀ ଅଳଙ୍କୃତ କରିବା, ଆଇନଶୃଙ୍ଖଳା ରକ୍ଷା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ କରିବା ତ ଆଉ କେଉଁଠି କ୍ରୀଡ଼ାନୈପୁଣ୍ୟ ମାଧ୍ୟମରେ ରାଜ୍ୟ ଓ ଦେଶ ପାଇଁ ସମ୍ମାନ ଆଣିବାରେ ନାରୀ ବା ଭଗିନୀ ଆଜି ପ୍ରତିପାଦିତ କରିପାରିଛି ଯେ ପୁରୁଷ ବା ଭାଇମାନଙ୍କ ତୁଳନାରେ ସେ କିଛି କମ୍ ନୁହେଁ। ଯୁଗେ ଯୁଗେ ଯୁଗାନ୍ତକାରୀ ପରିବର୍ତ୍ତନର ସେ ବାର୍ତ୍ତାବହ, ବିପ୍ଳବାତ୍ମକ ସଂସ୍କାରର ପ୍ରବର୍ତ୍ତକ, ପୁଣି ସମସ୍ତଙ୍କ ମନ, ପ୍ରାଣ, ହୃଦୟରେ ପ୍ରେମର ଫଲ୍‌ଗୁ ସୃଷ୍ଟି କରି ମାନବଜାତିର ସର୍ବବିଧ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିଦେବାର ମମତାମୟୀ ଝରଣାଟିଏ ସେ। ମନରେ ସ୍ୱତଃ ପ୍ରଶ୍ନ ଆସେ, ଏପରି ଅମୃତର ନିର୍ଝର ଆଜି କାହିଁକି ନିଜର ମଧୁର ମୂର୍ଚ୍ଛନା ହରାଇ ଦେଇଛି ? ଅଗଣିତ ଭଗିନୀଙ୍କର ଆର୍ତ୍ତନାଦ! ଆଖିର ଅସହାୟ ଭାବ, ଭୟାତୁର ଚାହାଣି, ବିକଳ କ୍ରନ୍ଦନ, ନୀରବୀ ଯାଇଥିବା ସୁର କାହିଁକି ଆଜି ସୃଷ୍ଟି କରିଛି ଏକ ବିକଟ ଚିତ୍ର ? ବିଡ଼ମ୍ବନାର ବିଷୟ , ପ୍ରତିଦିନ ଗଣମାଧ୍ୟମର ପୃଷ୍ଠା ଏବଂ ବୈଦ୍ୟୁତିକ ଗଣମାଧ୍ୟମ 'ଭଗିନୀ'ମାନଙ୍କର ଅସହାୟତାର ଚିତ୍ର ଆମ ସାମାଜିକ ବିଧିବ୍ୟବସ୍ଥା ସମ୍ପର୍କରେ ସୃଷ୍ଟି କରୁଛି ଅସଂଖ୍ୟ ପ୍ରଶ୍ନବାଚୀ। ଗଣବଳାତ୍କାର, ପ୍ରତାରଣା, ପ୍ରବଞ୍ଚନା, ଅତ୍ୟାଚାର, ନିର୍ଯ୍ୟାତନା, ଆମ ଜନଜୀବନର ପ୍ରମୁଖ ଅଙ୍ଗ ଭାବେ ବିବେଚିତ ହେଲାଣି। 'ଭଗିନୀ'ମାନଙ୍କର ଅସହାୟତାର ସୁଯୋଗ ନେଇ ନାନାଦି ଅକଥନୀୟ ଅତ୍ୟାଚାର କରିବା ଏକ ସାଧାରଣ ଘଟଣା ହୋଇଗଲାଣି। ଶାସନ ଗାଦିରେ ଥିବା ରାଜନେତା, ଅଧିକାରୀମାନଙ୍କ ଛତ୍ରଛାୟା ତଳେ ରହି ଏପରି ଅସାମାଜିକ ବ୍ୟକ୍ତିମାନଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ସୁରକ୍ଷା ମିଳିବା ଦୁର୍ଭାଗ୍ୟଜନକ ବିଷୟ। ଏ ସମ୍ପର୍କିତ ଖବର, ସୂଚନା ବା ନଜିରର ଅଭାବ ନାହିଁ। ବିଳମ୍ବିତ ବିଚାର ବ୍ୟବସ୍ଥା, ଦଣ୍ଡବିଧି ବ୍ୟବସ୍ଥା ପରିସ୍ଥିତିକୁ ଦିନକୁ ଦିନ ଜଟିଳ କରିବାରେ ଲାଗିଛି।

୨୦୧୨ ଡିସେମ୍ବର ୧୬ର ନିର୍ଭୟା ଗଣବଳାତ୍କାର, ସ୍ୱାଧୀନ ଭାରତର ସବୁ ପ୍ରକାର ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହା ଆମ ଦେଶ ପାଇଁ କଳଙ୍କିତ ଅଧ୍ୟାୟ। ସେ ସମୟରେ ଲୋକ ସଭା ଅଧିବେଶନରେ ପ୍ରାୟ ସମସ୍ତ ରାଜନୈତିକ ଦଳର ତୁଙ୍ଗ ନେତା ଏହାକୁ ନିନ୍ଦା କରିଥିଲେ। ସମଗ୍ର ଦେଶରେ ପ୍ରତିବାଦର ସ୍ୱର, ଶାସନକଳର ଦକ୍ଷତା ପ୍ରତି ଉତ୍ଥାପନ କରିଥିଲା ଅନେକ ଅସମାହିତ ପ୍ରଶ୍ନ। ଅନେକ ପ୍ରତିଶ୍ରୁତି ଦିଆଯାଇଥିଲା। ନିର୍ଭୟାର ଅତୃପ୍ତ, ଅଶାନ୍ତ ଆତ୍ମା, ଅସହାୟ ଭାବେ କେବଳ ଦୀର୍ଘଶ୍ୱାସରେ ହିଁ କିଛି ଶେଷକଥା କହିବାକୁ ଚେଷ୍ଟା କରିଥିଲା। ମାତ୍ର ପରିତାପ ତଥା ଲଜ୍ଜାର ବିଷୟ ଯେ ଏପରି ଅମାନବୀୟ ଘଟଣାର ବିଚାର ପାଇଁ ଲାଗିଗଲା ପ୍ରାୟ ୮ ବର୍ଷ। ବିଚିତ୍ର ସାମ୍ବିଧାନିକ ବିଧିବ୍ୟବସ୍ଥା ମଧ୍ୟରେ ବିଚାର ପ୍ରକ୍ରିୟା ବାରମ୍ବାର ବିଳମ୍ବିତ ହୋଇଥିଲା। ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅପରାଧୀମାନଙ୍କୁ ଫାଶୀଦଣ୍ଡରୁ ମୁକୁଳାଇବା ପାଇଁ ପକ୍ଷଭୁକ୍ତ ଆଇନଜୀବୀ ପ୍ରାଣମୂର୍ଚ୍ଛା ଉଦ୍ୟମ କରି ବିଚାର ବ୍ୟବସ୍ଥାକୁ ପ୍ରକାରାନ୍ତରେ ତାଚ୍ଛଲ୍ୟ କରିବାକୁ ହିଁ ନିଜର ଦକ୍ଷତା ଭାବି ପ୍ରତିପାଦନ କରିଚାଲିଥିଲେ। ଶେଷରେ ବହୁ ବିଳମ୍ବରେ ଅପରାଧୀମାନଙ୍କୁ ଫାଶୀ ଦିଅଗଲା ଓ ଅନେକେ ନ୍ୟାୟ ମିଳିବାର ଆତ୍ମସନ୍ତୋଷ ଲାଭ କଲେ। ପ୍ରଶ୍ନ ଉଠେ, ପ୍ରକୃତ ନ୍ୟାୟ ମିଳିଲା କି? କଥାରେ ଅଛି "Justice Delayed, is Justice Denied" ଏ ପ୍ରକାର ବ୍ୟବସ୍ଥାରେ କେଉଁ 'ଭଗିନୀ' ସୁରକ୍ଷିତ ? ଅନେକ 'ନିର୍ଭୟା' ମାମଲା, ଲୋକଲୋଚନକୁ ଆସିପାରୁନାହିଁ। ଅତ୍ୟାଚାରୀମାନଙ୍କ ଭୟରେ ସେଗୁଡ଼ିକୁ ଚପାଇ ଦିଆଯାଉଛି। କେତେକ କ୍ଷେତ୍ରରେ ଏ ସମ୍ପର୍କିତ ମୂଳ ଏତଲାକୁ ଗ୍ରହଣ କରା ନ ଯିବା ଫଳରେ - କିଛି 'ଭଗିନୀ' ଆତ୍ମହତ୍ୟା କରୁଛନ୍ତି ବା ଲୋକଲଜ୍ଜା ଭୟରେ ନୀରବ ରହୁଛନ୍ତି। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭକରି ଅନେକ ମନୀଷୀ, 'ଭଗିନୀ' ବା ନାରୀମାନଙ୍କର ଉତ୍ଥାନ ଓ ସୁରକ୍ଷା ପାଇଁ ସଂଖ୍ୟାହୀନ ଅଭିଯାନ କରିଆସିଛନ୍ତି। ମାତ୍ର ସମାଜର ବାସ୍ତବ ଚିତ୍ର ସମୟକ୍ରମେ ଅତି ବୀଭତ୍ସ ହେବାରେ ଲାଗିଛି। ପରିଶେଷରେ ପୁଣି ଏକ ପ୍ରଶ୍ନ ଉଙ୍କିମାରେ 'ରାଖୀ ପୂର୍ଣ୍ଣମୀ'ର ପବିତ୍ର ତିଥିରେ ରାଖୀକୁ 'ଭଗିନୀ'ମାନଙ୍କର ଲୁହ ଲହୁରେ ଭିଜାଇବା ନା ସେମାନଙ୍କର ଅନ୍ତରର କୋହକୁ ପୈଶାଚିକ ପରିହାସରେ ଉଡ଼ାଇଦେବା। ଯେଉଁ ଦେଶ ବା ରାଷ୍ଟ୍ର 'ଭଗିନୀ' ବା ନାରୀମାନଙ୍କୁ ଉପଯୁକ୍ତ ସୁରକ୍ଷା, ସମ୍ମାନ ତଥା ମର୍ଯ୍ୟାଦା ଦେଇପାରେ ନାହିଁ ସେ ଦେଶର ବିଧିବ୍ୟବସ୍ଥା ସମ୍ପୂର୍ଣ୍ଣ ଦୁର୍ବଳ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

'ଭଗିନୀ'ମାନଙ୍କର ଦାୟିତ୍ୱ ଆମ ସମସ୍ତଙ୍କର, ସେମାନଙ୍କର ଅନ୍ତରର ବ୍ୟଥାକୁ 'ଅମୃତତ୍ୱ'ର ଆନନ୍ଦରେ ରୂପାନ୍ତର କରିବା ପାଇଁ ସାମ୍ପ୍ରତିକ ଅଚଳ ବିଧିବ୍ୟବସ୍ଥାରେ ଲୋଡ଼ା ଯୁଗାନ୍ତକାରୀ ରୂପାନ୍ତର। ଏ ମାଟିର କାଳଜୟୀ କଲ୍ୟାଣକାରୀ ପରମ୍ପରାରେ ରହିଛି ସେଇ ମହାମନ୍ତ୍ରର ଭାବ- "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ତତ୍ର ରମନ୍ତି ଦେବତା" ରାଖୀ ପୂର୍ଣ୍ଣମାରେ ଏହା ହିଁ ହେଉ ଆମ ଜୀବନ ଯାତ୍ରାର ମାର୍ଗଦର୍ଶିକା।

ସି/୧୨୨୨, ସେକ୍ଟର-୬, ସିଡିଏ,
ମର୍କତ ନଗର, କଟକ
ମୋ: ୯୨୩୮୫୨୬୦୩୦

## ଏଇ ଭାରତରେ

ଝାଡ଼ଖଣ୍ଡର ଦୁଇ ଗାଁ ଆରା ଓ କେରାମର ଆୟ ୪ ବର୍ଷରେ ୫ଗୁଣ ବଢ଼ାଇ ଉଦାହରଣ ସୃଷ୍ଟି କରିଛନ୍ତି ଭାରତୀୟ ବନସେବା ଅଧିକାରୀ ସିଦ୍ଧାର୍ଥ ତ୍ରିପାଠୀ। ରାଞ୍ଚି ନିକଟବର୍ତ୍ତୀ ଏହି ଦୁଇ ଆଦିବାସୀ ଗାଁରେ ମୋଟରେ ୬୦୦ ଲୋକ ରହନ୍ତି। ସିଦ୍ଧାର୍ଥ ଏମ୍‌ଜିଏନ୍‌ଆର୍‌ଇଜିଏର କମିଶନର ଦାୟିତ୍ୱ ଗ୍ରହଣ କରିବା ପରେ ୨୦୧୭ରେ ସ୍ୱତନ୍ତ୍ର ଭାବେ ଏହି ଦୁଇ ଗାଁର ବିକାଶ କାମ ହାତକୁ ନେଇ ଏବେ ସୁଦ୍ଧା ଗ୍ରାମବାସୀଙ୍କ ଆୟ ୫ ଗୁଣ ବଢ଼ାଇପାରିଛନ୍ତି। ଗାଁ ନିଶାମୁକ୍ତ ହୋଇଛି। ଗାଁରୁ ଅନ୍ଧବିଶ୍ୱାସ, ବାଲ୍ୟ ବିବାହ ବି ବନ୍ଦ ହୋଇପାରିଛି । ସବୁ ପିଲା ପଢୁଛନ୍ତି । ଦୁଇ ଗାଁ ପୂରା ସ୍ୱଚ୍ଛ ହୋଇଯାଇଛି। ପ୍ରତିଦିନ ଭୋର ୪.୪୦ରେ ଉଠି ଗ୍ରାମବାସୀ ଝାଡୁ ଧରି ସଫା କରିବାରେ ଲାଗି ପଡ଼ନ୍ତି। ସେମାନେ ଅଳିଆ ଗୋଟାଇ ବାଉଁଶରେ ନିର୍ମିତ ୬୦ଟି ଡଷ୍ଟବିନ୍‌ରେ ପକାନ୍ତି। ଏହି କାର୍ଯ୍ୟ ଶେଷ ହେବା ପରେ କେତେଜଣ ଟ୍ୟୁଟର ପିଲାମାନଙ୍କୁ ପଢ଼ାନ୍ତି। ଅନ୍ୟମାନେ ସମସ୍ତେ ସେମାନଙ୍କ କ୍ଷେତରେ କାମ କରିବାକୁ ବାହାରି ଯାଆନ୍ତି। ଝରଣା ଉପରେ ପଥର ଖଞ୍ଜି ୧.୭୫ କୋଟି ଟଙ୍କାର ୭୦୦ଟି ଚେକ୍‌ଡ୍ୟାମ ନିର୍ମାଣ କରିଛନ୍ତି । ୧୮୦ ଜଣ ଗ୍ରାମବାସୀ ଲଗାତର ୭୫ ଦିନ କାମ କରି ଏହା କରିଛନ୍ତି। ଜଳସେଚନ ସୁବିଧା କରିବା ସହ ମୃତ୍ତିକା କ୍ଷୟକୁ ବି ରୋକୁଛି ଏହି ଡ୍ୟାମ୍। ଗାଁର ବିକାଶ କାର୍ଯ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୃଷି, କୁକୁଡ଼ା ଓ ଗୋ ପାଳନ ପାଇଁ ବି ସାହାଯ୍ୟ ଯୋଗାଇ ଦିଆଯାଇଛି ଓ ଏଥିରୁ ସେମାନେ ପ୍ରଚୁର ଆୟ କରୁଛନ୍ତି। ଏହି ଦୁଇ ଗାଁ ପରେ ଏବେ ସିଦ୍ଧାର୍ଥ ଆଉ କିଛି ଗାଁରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୩ ଅଗଷ୍ଟ ୧୯୯୫**

- କଶ୍ମୀର ଉପତ୍ୟକାରେ ଅନବରତ ବର୍ଷା ଲାଗିରହିବା ଫଳରେ ରାଜ୍ୟରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି।
- ଭାରତରେ ପ୍ରଥମ ଥର ପାଇଁ ଏଟିପି (ଆସୋସିଏଶନ ଅଫ୍ ଟେନିସ ପ୍ରଫେଶନାଲ) ଟୋର ଟେନିସ ଚାମ୍ପିୟନଶିପ ଅନୁଷ୍ଠିତ ହେବା ପାଇଁ ଆନ୍ତର୍ଜାତିକ ଟେନିସ ଫେଡେରେଶନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | | A | 2 | | 5 | | | | | | | |
| | 5 | 0 | 8 | D | 1 | 7 | B | | C | | E | | | |
| | | 7 | | B | 0 | | 2 | 3 | 8 | 5 | | | | |
| | 8 | | 6 | | | | | | | | 1 | | 3 | |
| C | | | | | 5 | E | | | | | 0 | B | | |
| | | 4 | | | | | 3 | | | 6 | | 0 | 9 | |
| | 9 | | 1 | | | | 4 | 7 | 3 | | | A | | B |
| | | B | | | | | | | A | | 9 | 3 | 5 | |
| | E | 8 | 3 | | | 9 | 0 | | D | C | 4 | | | |
| | 6 | | 2 | | 7 | | | | | 8 | | | | |
| | | | | | | 6 | | | | | | | | 8 |
| | | 1 | | | | 0 | 8 | | | A | 7 | | | |
| | | | | 0 | 4 | 2 | 9 | | 5 | | 8 | | | D |
| | | | | 7 | | | A | B | D | | | | | 4 |
| | B | | E | | | | D | 5 | 2 | | | | 6 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 7 | 4 | 3 | 6 | A | E | 9 | 2 | 1 | D | 0 | B | 8 | 5 |
| 0 | 6 | 5 | 1 | 4 | 2 | A | C | 7 | B | E | 8 | 9 | 3 | D |
| 1 | 9 | B | 5 | 8 | 0 | D | 6 | 4 | C | 3 | 7 | E | A | 2 |
| A | 3 | 2 | D | 7 | E | 8 | B | 1 | 9 | 6 | 5 | 4 | C | 0 |
| D | E | 8 | 9 | B | C | 0 | 3 | 5 | A | 2 | 4 | 1 | 6 | 7 |
| B | C | E | 8 | A | 1 | 9 | 2 | 0 | 4 | 7 | 3 | D | 5 | 6 |
| 2 | D | 3 | 7 | 5 | 6 | 4 | A | B | 8 | 1 | E | C | 0 | 9 |
| 5 | 1 | 9 | 2 | 3 | 4 | C | 7 | D | 6 | 0 | B | 8 | E | A |
| 4 | 0 | 7 | C | E | 9 | 6 | 8 | 3 | D | 5 | A | 2 | B | 1 |
| 8 | A | 6 | 0 | D | B | 1 | 5 | E | 2 | 9 | C | 3 | 7 | 4 |
| 7 | 2 | A | E | C | D | B | 1 | 9 | 0 | 8 | 6 | 5 | 4 | 3 |
| 3 | 5 | C | 4 | 0 | 7 | 2 | D | 6 | E | B | 1 | A | 9 | 8 |
| E | 4 | 1 | A | 9 | 3 | 7 | 0 | 8 | 5 | C | D | 6 | 2 | B |
| 9 | B | 0 | 6 | 1 | 8 | 5 | 4 | C | 3 | A | 2 | 7 | D | E |
| 6 | 8 | D | B | 2 | 5 | 3 | E | A | 7 | 4 | 9 | 0 | 1 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତଣ୍ଟିରେ ଲାଗିଲା କାଳିଆ କଣ୍ଟା

ମହାଶୟ, ଯୋଜନା ଯେତେ ସୁଦୂର ପ୍ରସାରୀ ହେବ ନେତାମାନଙ୍କର ଖାଇବାଟା ସେତେ ବଢ଼ିବ। ତାକୁ ଆଖିଆଗରେ ରଖି ବିଭିନ୍ନ ଯୋଜନାର ପ୍ରସ୍ତୁତି। 'କାଳିଆ' ଯୋଜନା ତନ୍ମଧ୍ୟରୁ ଅନ୍ୟତମ। ଭୋଟ ପୂର୍ବରୁ ଏହା ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଚାଲିଛି। ହିତାଧିକାରୀମାନେ କିପରି ଚୟନ ହେଲେ, ଚୟନକର୍ତ୍ତା ଏମାନଙ୍କୁ କେତେ ଲାଞ୍ଚ ନେଇ ଧୁଆ ମୂଳା ଓ ଅଧୁଆ ମୂଳା ସମସ୍ତଙ୍କୁ ହିତାଧିକାରୀ କରିଦେଲେ ତା'ର ଯାଞ୍ଚ କିଏ କରିବ ? ଏବେ ଆଦେଶ ଦିଆଯାଉଛି ଟଙ୍କା ଫେରସ୍ତ ପାଇଁ। ଯାହା ଉଦରସ୍ଥ ହୋଇସାରିଲାଣି ତାହା କିପରି ଆଦାୟ ହେବ । ଗୋଟିଏ ଜିଲାରେ ତିନି ହଜାରେ ସାତ ଶହ ଏକତିରିଶ ଅଯୋଗ୍ୟ ହିତାଧିକାରୀ। ପ୍ରଶ୍ନ ଉଠୁଛି ସାରା ଓଡ଼ିଶାରେ କେତେ ଅଯୋଗ୍ୟ ଥିବେ। ଆଉ ଏମାନଙ୍କୁ ଯେଉଁମାନେ ଯୋଗ୍ୟ କରିଥିଲେ ତାଙ୍କୁ କିପ୍ରକାର ଦଣ୍ଡ ଦିଆଯିବ । ଏମାନେ ସବୁ ଖାଇ ପାର୍।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

## ଚିରନ୍ତନୀ

ସେହି ଗିରି କୋଳେ ଲାଖିଲା ମନର ଦରଜ
ସେହି ଝରଣାରେ ଲୁଚିଲା
ରାଗିଣୀ-ମୁରୁଜ।
କେତେ ବିଲବନେ ରହିଗଲା ଆଖି
ବିପୁଳ ଜୋଛନା ପରଶ ମୁଁ ଚାଖି
କେତେ ସକାଳେ ମୋ ଉଇଁଥିଲା
ଶୁଭ ସୁରୁଜ
ସେହି ଘାଟି ପଥେ ଲୁଚିଲା ରାଗିଣୀ ମୁରୁଜ।
(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଦିବାସୀଙ୍କ ବିକାଶ ନାଁରେ ଲୁଟ୍

ନୂଆପଡ଼ା ଅଫିସ,୨।୮

■ ସପୁରି ପରେ ହଳଦୀ, କୁକୁଡ଼ା ଚାଷରେ ଘୋଟାଲା
■ ଆଦିବାସୀଙ୍କ ନାଁରେ ସଂସ୍ଥା ମାଲାମାଲ

ନୂଆପଡ଼ା ଜିଲା ସୁନାବେଡ଼ା ଅଭୟାରଣ୍ୟ ମଧ୍ୟରେ ରହୁଥିବା ଚକୋଟିଆ ଭୁଞ୍ଜିଆ ଭଳି ଆଦିମ ଆଦିବାସୀଙ୍କ ବିକାଶ ପାଇଁ ସିବିଡିଏ (ଚକୋଟିଆ ଭୁଞ୍ଜିଆ ଡେଭଲପମେଣ୍ଟ ଏଜେନ୍ସି) ଅବସ୍ଥାପିତ କରାଯାଇଛି। ହେଲେ ବନବାସୀଙ୍କ ଅଜ୍ଞତାର ସୁଯୋଗ ନେଇ ଚିଙ୍ଗୁଡି ଫିଙ୍ଗି ସୋଲ ମାରିବା ନ୍ୟାୟରେ ଅଧିକାରୀମାନେ ଶୀତତାପ ନିୟନ୍ତ୍ରିତ ରୁମ୍‌ରେ ବସି ଏହି ଯୋଜନାରେ ଆସୁଥିବା କୋଟି କୋଟି ଟଙ୍କା ଲୁଟ୍ କରୁଥିବା ଅଭିଯୋଗ ହୋଇଛି। ଆଜକୁ ଛଅ ମାସ ତଳେ ଜଙ୍ଗଲ ଇଲାକାରେ ସପୁରି ଚାଷ ନାଁରେ ଲକ୍ଷାଧିକ ଟଙ୍କା ହଡପ କରାଯାଇଥିଲା। ବର୍ତ୍ତମାନ ଏଠାରେ ଉନ୍ନତମାନର ହଳଦୀ ଏବଂ କୁକୁଡ଼ା ଚାଷ ନାଁରେ ଅନ୍ୟୂନ କୋଟିଏ ଟଙ୍କାର ଅନିୟମିତତା କରାଯାଇଥିବା ଚର୍ଚ୍ଚାହେଉଛି।

ସୂଚନା ଅନୁସାରେ, ସୁନାବେଡ଼ା ଅଭୟାରଣ୍ୟ ଭିତରେ ଥିବା ସୋସେଙ୍ଗ, ସୁନାବେଡ଼ା ସମେତ ପାହାଡ଼ତଳି ଅଞ୍ଚଳରେ ଅନ୍ୟୂନ ୩ ହଜାର ଚକୋଟିଆଙ୍କ ଉନ୍ନତି ସକାଶେ ସିବିଡିଏ ସଂସ୍ଥା ଗଠିତ ହୋଇଥିଲା। ଏହି ସଂସ୍ଥାର ଉନ୍ନୟନ କାର୍ଯ୍ୟ କାର୍ଯ୍ୟକାରୀ କରିବାକୁ ଓଡ଼ିଶା ପ୍ରିମିଟିଭ ଟ୍ରାଇବ୍ସ ଏମ୍ପାୱାରମେଣ୍ଟ ଆଣ୍ଡ ଲାଇଭ୍‌ଲିହୁଡ୍‌ସ ଇମ୍ପ୍ରୁଭମେଣ୍ଟ ପ୍ରୋଗ୍ରାମ (ଓପିଇଏଲଆଇପି) ଏବଂ ଜିଲା ବାହାର ଏକ ସଂସ୍ଥା ଇଣ୍ଟିଗ୍ରେଟେଡ ଏଜେନ୍ସି ଫର ଏଜୁକେଶନ, ଏନଭାଇରନମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଏଇଇଟି) ସହ ସିବିଡିଏ ସହବନ୍ଧିତ। ଏମାନେ ନିଜ ଉପରୁ ଦୋଷ ଛଡ଼ାଇବାକୁ ଜଙ୍ଗଲ ଭିତରେ ଥିବା ବନବାସୀଙ୍କୁ ନେଇ ଗୋଟିଏ ଲେଖାଏ ଗାଁ ବିକାଶ କମିଟି ଗଠନ କରିଛନ୍ତି। ନାଁକୁ ମାତ୍ର କମିଟିର ଅନୁମୋଦନ ନେଇ ଲକ୍ଷାଧିକ ଟଙ୍କା ଉଠାଣ କରାଯାଇଛି ଏବଂ ଆଗଧାଡିର କିଛି ଲୋକଙ୍କୁ ହାତ କରି ଏହି ଟଙ୍କା ହଡପ କରାଯାଉଛି। ଉଦାହରଣ ଭାବେ ବର୍ତ୍ତମାନ ଅନୁମୋଦନ ହୋଇଥିବା ହଳଦୀ ଏବଂ କୁକୁଡ଼ା ଚାଷକୁ ବିଚାରକୁ ନେଲେ ସବୁ ସ୍ପଷ୍ଟ ଜଣାପଡ଼ିବ। ଏହି ଅଞ୍ଚଳରେ ୨୫ହେକ୍ଟର ଜମିରେ ହଳଦୀ ଚାଷ କରିବାକୁ ୧୮୭ କୁଇଣ୍ଟାଲ ବିହନ କିଣାଯିବା କଥା। ଏଥିପୂର୍ବରୁ ସଂସ୍ଥା ତରଫରୁ ନିଯୁକ୍ତ କୃଷି ଅଧିକାରୀଙ୍କ ତରଫରୁ ଉପଯୁକ୍ତ ତାଲିମ ପ୍ରଦାନ ସହ ଚାଷ କେତେଦୂର କାର୍ଯ୍ୟକାରୀ ହେଲା ତା'ର ତଦାରଖ ହେବା କଥା। ହେଲେ ଅଧିକାରୀ ଏବଂ କର୍ମଚାରୀମାନେ ନୂଆପଡାରେ ବସି କେବଳ କାଗଜ କଲମରେ ଯୋଜନାକୁ ତଦାରଖ କରୁଛନ୍ତି। ବର୍ତ୍ତମାନ ଦେଖାଯାଇଛି ୪୦/୫୦ ବସ୍ତା ହଳଦୀ ସୁନାବେଡାର ଘରେ ଘରେ ଖତ ଖାଉଛି। ସେଭଳି କୁକୁଡ଼ା ଚାଷ ନାଁରେ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅଟକଳ କରାଯାଇଥିଲା। ଏଥିରେ କୁକୁଡା ଘର ସହ ଚିଆଁ ଯୋଗାଇ ଦେବା ବ୍ୟବସ୍ଥା ରହିଛି। ହେଲେ କାଁ ଭାଁ କେତୋଟି ଘର ତିଆରି କରାଯାଇଥିବାବେଳେ ନିମ୍ନମାନର ଚିଆଁ ଯୋଗାଣ ଯୋଗୁ ଅର୍ଦ୍ଧାଧିକ ଚିଆଁ ମରିଯାଇଛନ୍ତି। ଏ ସମ୍ପର୍କରେ ସିବିଡିଏର କୃଷି ଅଧିକାରୀ ପରୀକ୍ଷିତ ଚୌହାନଙ୍କୁ ପଚାରିବାରୁ ମୋ ଅଜାଣତରେ ସବୁ କାମ ହେଉଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଋଣ ଶୁଝି ନ ପାରି ଜୀବନ ହାରିଲେ

**ଭଦ୍ରକ ଅଫିସ, ୨।୮:** ଋଣ ଶୁଝିବା ଚିନ୍ତାରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଭଦ୍ରକ ବ୍ଲକ ଅର୍ଣ୍ଣପାଳ ପଞ୍ଚାୟତ ରାଜୁଆଳିବିନ୍ଧାରେ ଏଭଳି ଘଟଣା ଘଟିଛି। ମୃତକଙ୍କ ନାଁ ମହେନ୍ଦ୍ର ଦାସ। ମହେନ୍ଦ୍ରଙ୍କ ସ୍ତ୍ରୀ ଓ ତାଙ୍କ ବୋହୂ ଏକ ଘରୋଇ ଅର୍ଥ ଲାଗାଣକାରୀ ସଂସ୍ଥାଠାରୁ ୫୦ ହଜାରରୁ ଅଧିକ ଟଙ୍କା ଋଣ ଆଣିଥିଲେ। ହେଲେ କରୋନା ପାଇଁ କାମଧନ୍ଦା ବନ୍ଦ ଥିବାରୁ ସେମାନେ ଶୁଝି ପାରି ନ ଥିଲେ। ଋ ଟଙ୍କା ଫେରାଇବା ପାଇଁ ଉକ୍ତ ଫାଇନାନ୍ସ କମ୍ପାନୀ ବାଧ କରିଥିଲା। ସେଥିପାଇଁ ଗତ କିଛି ଦିନ ହେବ ମହେନ୍ଦ୍ର ମାନସିକ ଚାପରେ ରହୁଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେଣୁ ମାନସିକ ଭାରସାମ୍ୟ ହରାଇ ରବିବାର ସକାଳେ ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଓ ଗାଁ ଲୋକେ ଅଭିଯୋଗ କରିଛନ୍ତି। ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ପ୍ରଶାସନିକ ଅଧିକାରୀଙ୍କୁ ଟାର୍ଗେଟ କଲା ଭାଜପା

**ଭୁବନେଶ୍ୱର,୨।୮(ବ୍ୟୁରୋ):** ଭୁବନେଶ୍ୱର ଭାଜପା ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରବିବାର ହରିପୁର ନଗର ବସ୍ତି ଅଞ୍ଚଳ ଗସ୍ତ କରି ଲୋକଙ୍କୁ ଭେଟିବା ସହ ବିଏମ୍‌ସି ଭୁଲରୁ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ କଥା ହୋଇଛନ୍ତି। ଏହି ଅବସରରେ ଜିଲା ସଭାପତି ବାବୁ ଗଣମାଧ୍ୟମକୁ କହିଛନ୍ତି, ଗତ ୨୪ରେ ସ୍ଥାନୀୟ ହରିପୁର ନଗର ବସ୍ତିର କରୋନା ପଜିଟିଭ୍ ହୋଇଛି କହି ପ୍ରଶାସନିକ ଅଧିକାରୀମାନେ କେତେଜଣ ଲୋକଙ୍କୁ ଉଠାଇ ନେଇଥିଲେ। ଏହାପରେ ନେଗେଟିଭ୍ କହି କିଛିଦିନ ପରେ ଛାଡ଼ି ଦେଇଥିଲେ। ବିଏମ୍‌ସିର ଏହି ବେପୁରଆ ମନୋଭାବ ଯୋଗୁ ସମସ୍ତ ବସ୍ତିବାସିନ୍ଦାଙ୍କ ଦୁର୍ଦ୍ଦଶା ଏବେ ବଢ଼ିଯାଇଛି। ଏମାନଙ୍କୁ କାମ ମିଳୁ ନ ଥିବାବେଳେ ସଉଦା ଆଣିବାକୁ ଗଲେ ସଉଦା ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।



ରାଖୀ ପୂର୍ଣ୍ଣିମା ଉପଲକ୍ଷେ ରବିବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଆଜି ଶ୍ରୀମନ୍ଦିରରେ ରକ୍ଷାବନ୍ଧନ, ବଳଭଦ୍ରଙ୍କ ଜନ୍ମ ନୀତି

ପୁରୀ ଅଫିସ, ୨।୮

ସୋମବାର ଗହ୍ମାପୂର୍ଣ୍ଣିମା। ଏହି ପବିତ୍ର ତିଥିରେ ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ଓ ବଳଭଦ୍ରଙ୍କ ଜନ୍ମ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ୨ଟି ଲେଖାଏ ରାଖୀ ଓ ୨ଟି ଲେଖାଏ ଗୁଆମାଳ ପରିଧାନ କରିବେ। ପାଟରା ବିଶୋଇ ସେବକ ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ କରିଛନ୍ତି। ମହାପ୍ରଭୁ ଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ବଳଭଦ୍ର ବାଇଗଣୀ ଓ ନୀଳ ରଙ୍ଗର ଗୁଆମାଳ ପରିଧାନ କରିବେ। ସେହିପରି ବଳଭଦ୍ରଙ୍କ ଜନ୍ମ ନୀତି ମଧ୍ୟ ଅନୁଷ୍ଠିତ ହେବ। ଏଥିପାଇଁ ଚକ୍ରରାଜ ଶ୍ରୀସୁଦର୍ଶନ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରିବେ। ସେଠାରେ ଥିବା ମଣ୍ଡପରେ ସୁଦର୍ଶନଙ୍କୁ ବିଜେ କରାଯିବ। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିବେ। ପୂଜାପଣ୍ଡା ତାହାକୁ ଜୀବନ୍ୟାସ ଦେଇ ଜାତ କର୍ମ ସମ୍ପନ୍ନ କରିବେ।



ଜିଲାପାଳ ଟୁଇଟ୍ ମାଧ୍ୟମରେ ଶିଶୁର ଆଶୁ ଆରୋଗ୍ୟ କାମନା କରିବା ସହ ଡାକ୍ତରୀ ଟିମ୍‌କୁ ଧନ୍ୟବାଦ ଦେଇଛନ୍ତି।

## ଶିଶୁକନ୍ୟା ମୁହଁରେ ପଶିଲା ରଡ୍

**ବ୍ରହ୍ମପୁର ବଡମେଡିକାଲରେ ଭର୍ତ୍ତି**

ବ୍ରହ୍ମପୁର ଅଫିସ/ଆସିକା,୨।୮(ଡି.ଏନ.ଏ.)

ଘର ଛାତ ଉପରେ ଖେଳୁଥିବା ବେଳେ ଜଣେ ୪ ବର୍ଷର ଶିଶୁ କନ୍ୟା ମୁହଁ(ଥୋଡି)ରେ ଲୁହା ରଡ୍ ପଶିଯାଇ ସେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ସେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଶଲ୍ୟ ବିଶେଷଜ୍ଞ ଓ ତାଙ୍କ ଟିମ୍ ୪୫ ମିନିଟ୍ ଅସ୍ତ୍ରୋପଚାର କରିବା ପରେ ଶିଶୁ ପାଟି ଭିତରୁ ଲୁହା ରଡ୍ ବାହାର କରାଯାଇ ଥିବା ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ଡ଼ା. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଶିଶୁଟି ବର୍ତ୍ତମାନ ଆଇସିୟୁରେ ରହି ଚିକିତ୍ସିତ ହେଉଛି। ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତର ମିଶ୍ର କହିଛନ୍ତି। ସନ୍ଧ୍ୟାରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ ମାଧ୍ୟମରେ ଶିଶୁଟିର ସଫଳ ଅସ୍ତ୍ରୋପଚାର କରିଥିବା ଡାକ୍ତର ପ୍ରଣୟ ପାଣିଗ୍ରାହୀ, ଡାକ୍ତର ସ୍ୱରୂପ ମଲ୍ଲିକ ଓ ଡାକ୍ତର ଭି.ରାଜେଶଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**ଡାକ୍ତରୀ ଟିମ୍‌କୁ ଧନ୍ୟବାଦ ଦେଲେ ଜିଲାପାଳ**

ପ୍ରକାଶ ଯେ, ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ ପାଳକସୁଣ୍ଡା ଗ୍ରାମର ସନ୍ନ୍ୟାସୀ ଗୌଡ଼, ସ୍ତ୍ରୀ ଯାଜ୍ଞସେନୀ, ଝିଅ ମନୋସ୍ମିତାଙ୍କୁ ନେଇ ଶନିବାର ଆସିକା ଥାନା ଅନ୍ତର୍ଗତ ବେଣାପାଟରେ ଥିବା ଶ୍ୱଶୁର ଘରକୁ ଯାଇଥିଲେ। ସନ୍ନ୍ୟାସୀଙ୍କ ଶଳା ଶଙ୍କର ଗୌଡ଼ଙ୍କର ଶନିବାର ଘର ଛାତ ପଡୁଥିଲା। ସନ୍ନ୍ୟାସୀ ସ୍ତ୍ରୀ ଓ ଝିଅକୁ ଛାଡି ରବିବାର ସକାଳେ ଗାଁକୁ ଫେରି ଆସିଥିଲେ। ସକାଳ ପ୍ରାୟ ସାଢ଼େ ୮ଟା ବେଳେ ଝିଅ ମନୋସ୍ମିତା ଛାତ ଉପରେ ଖେଳୁଥିବା ସମୟରେ ତାର ମୁହଁରେ ଲୁହାରଡ୍ ପଶିଯାଇଥିଲା। ପରେ ସେ ଚିତ୍କାର କରିବାରୁ ପରିବାର ଲୋକେ ଛାତ ଉପରକୁ ଯାଇଥିଲେ। ତୁରନ୍ତ ଶଙ୍କର ଓ ତାଙ୍କ ଭାଇ ପାଣ୍ଡବ ମନୋସ୍ମିତା ମୁହଁରେ ପଶିଥିବା ଲୁହାରଡ୍‌କୁ କାଟି ତାକୁ ଉଦ୍ଧାର କରି ପ୍ରଥମେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାର ଅବସ୍ଥା ଗୁରୁତର ହେବାରୁ ତାକୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ବାପା ସନ୍ନ୍ୟାସୀ କହିଛନ୍ତି।

## ବିଜେଡି ନେତାଙ୍କ ଫାର୍ମ ହାଉସ୍‌ରେ ୱାର୍ଡସଭ୍ୟଙ୍କୁ ମାଡ଼

ସମ୍ବଲପୁର,୨।୮(ବ୍ୟୁରୋ)

**ପୂର୍ବତନ ବ୍ଲକ୍ ଅଧକ୍ଷଙ୍କ ସମେତ ୬ ଗିରଫ**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ୍ ତଥା ସଦର ଥାନା ଅଧୀନ କବରାପାଲି ଗାଁରେ ଜଣେ ୱାର୍ଡ ସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗାଁରେ ଥିବା ପୂର୍ବତନ ବ୍ଲକ୍ ଅଧକ୍ଷ ଶରତ ସାହୁଙ୍କ ଫାର୍ମ ହାଉସ୍‌ରେ ଏହି ଘଟଣା ଘଟିଛି। ଆକ୍ରମଣର ଶିକାର ହୋଇଥିବା ୱାର୍ଡ ସଭ୍ୟ ଜଣକ ହେଲେ ବିଜେଡି କର୍ମୀ ତଥା କବରାପାଲି ପଞ୍ଚାୟତ ୱାର୍ଡ ସଭ୍ୟ ଅମରେଶ ଦୁଆନ (୩୫)। ସେହିଭଳି ଅମରେଶଙ୍କ ସହ ସେଠାକୁ ଯାଇଥିବା ତାଙ୍କ ସହଯୋଗୀ ଇନ୍ଦ୍ରବିଳାସ ସାହୁ ମଧ ଆକ୍ରମଣରୁ ବର୍ତ୍ତି ନାହାନ୍ତି। ଗତ ଶୁକ୍ରବାର ଏହି ଘଟଣା ଘଟିଛି। ହେଲେ ଭିଡିଓ ଭାଇରାଲ ପରେ ରବିବାର ଏହା ସାମ୍ନାକୁ ଆସିଛି। ଅଭିଯୋଗ ପାଇବା ପରେ ପୋଲିସ ପୂର୍ବତନ ବ୍ଲକ୍ ଅଧକ୍ଷ ସାହୁଙ୍କ ସହ ଅନ୍ୟ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କବରାପାଲି ଗ୍ରାମର ଟିଙ୍କୁ ଜଉଡା (୨୮), ନିରଞ୍ଜନ ସୋହେଲା (୨୪), ବଳି ବନଛୋର (୪୭), ଦେବାର୍ଚ୍ଚନ ସୋହେଲା (୩୦), ଫାର୍ମ ହାଉସର କେୟାରଟେକର୍ ବଙ୍ଗାଳି ଖାନ୍ (୩୦)। ଏହି ଘଟଣାରେ ଏକ ମାମଲା (ନଂ.୧୭୨/୨୦) ରୁଜୁ ହୋଇଛି। ତେବେ ଠିକା କାମକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଛି। ସେହିଭଳି ମୁଖ୍ୟ ଅଭିଯୁକ୍ତ ତଥା ପୂର୍ବତନ ବ୍ଲକ୍ ଅଧକ୍ଷ ସାହୁଙ୍କ ନାମରେ ଏକାଧିକ ମାମଲା ଥିବା ଜଣାପଡିଛି।

## ବୃତ୍ତି ଛାଡ଼ି ମୂଲ ଲାଗୁଛନ୍ତି ଡୋକ୍‌ରା ହସ୍ତଶିଳ୍ପୀ

ମୁନିଗୁଡ଼ା,୨।୮(ଡି.ଏନ୍.ଏ.)

ଓଡ଼ିଶା ହେଉଛି କଳା ଓ ସଂସ୍କୃତିର ରାଜ୍ୟ। କଟକର ତାରକସି କାମ ହେଉ କି ପାରଳାଖେମୁଣ୍ଡିର ଶିଙ୍ଗ କାମ ଏବଂ ପିପିଲିର ଚାନ୍ଦୁଆ, ଏ ସବୁ ଓଡ଼ିଶାକୁ ଦେଶ ଏବଂ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ସେହିପରି ରାୟଗଡ଼ା ଜିଲାର ଡୋକ୍‌ରା(ଢୋକ୍‌ରା) ହସ୍ତଶିଳ୍ପର ଏକ ନିଆରା ବିଶେଷତ୍ୱ ରହିଛି। ତେବେ କରୋନା ମହାମାରୀର ପ୍ରଭାବ ଏହି କ୍ଷୁଦ୍ରଶିଳ୍ପ ଉପରେ ମଧ ପଡ଼ିଛି। ୪ମାସର ଲକ୍‌ଡାଉନ ଏବଂ ଶଟ୍‌ଡାଉନ୍ ଡୋକରା ହସ୍ତଶିଳ୍ପୀଙ୍କ ଜୀବନ ଜୀବିକା ବଦଳାଇ ଦେଇଛି।

ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଗୋତିଗୁଡ଼ା ଗ୍ରାମ। ଏହି ଗାଁରେ ବସବାସ କରୁଛନ୍ତି ୨୪ ଶିଳ୍ପୀ ପରିବାର। ପିଢ଼ି ପିଢ଼ି ଧରି ଏମାନେ ନିଜର କୌଳିକ ବୃତ୍ତି ତଥା ଡୋକ୍‌ରା ଅଳଙ୍କାର ଓ ସାଜସଜ୍ଜା ଉପକରଣ ତିଆରି କରିଆସୁଛନ୍ତି। ଏମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପର ଦେଶ ଏବଂ ବିଦେଶରେ ବେଶ୍ ଚାହିଦା ରହିଛି। ତେଣୁ ଗୋତିଗୁଡ଼ା ଡୋକ୍‌ରା ହସ୍ତଶିଳ୍ପ ଗ୍ରାମଭାବେ ପରିଚିତ। ଏଠାରେ ପିଲାଠାରୁ ବୟସ୍କ ସମସ୍ତେ ଏହି ଅଳଙ୍କାର ଏବଂ ଉପକରଣ ପ୍ରସ୍ତୁତିରେ ପାରଙ୍ଗମ। ମହମ, ମାଟି, କାଠ, କୋଇଲା, ଲାଖ ଓ ପିତ୍ତଳ ବ୍ୟବହାର କରି ଏମାନେ ବିଭିନ୍ନ ପ୍ରକାର ଅଳଙ୍କାର ଓ ସାଜସଜ୍ଜା ଉପକରଣ ତିଆରି କରିଥାନ୍ତି। ଗୋଟିଏ ଉପକରଣ ତିଆରି ପାଇଁ ଏମାନଙ୍କୁ ୭ରୁ ୮ଦିନ ସମୟ ଲାଗିଥାଏ। ପୂର୍ବରୁ ଆଦିବାସୀମାନେ ଡୋକ୍‌ରା ଅଳଙ୍କାର ବ୍ୟବହାର କରୁଥିଲେ। ଏବେ ବିଭିନ୍ନ ସାଜସଜ୍ଜା ଉପକରଣ(ଘୋଡ଼ା, ହାତୀ, ମୟୂର, ପେଚା) ଆଦି ମଧ ତିଆରି କରୁଛନ୍ତି, ଯାହା କି ଦେଖିବାକୁ ବେଶ୍ ଆକର୍ଷଣୀୟ ହୋଇଥାଏ। ପ୍ରସ୍ତୁତ ଅଳଙ୍କାର ଏବଂ ଉପକରଣକୁ ଶିଳ୍ପୀମାନେ ବିଭିନ୍ନ ମେଳା, ପ୍ରଦର୍ଶନୀରେ ବିକ୍ରି କରି ପରିବାର ଚଳାଇଥାନ୍ତି। ହେଲେ କରୋନା ଏମାନଙ୍କ ଜୀବିକା ବଦଳାଇ ଦେଇଛି। ସରକାର ପ୍ରଦର୍ଶନୀ, ମେଳା ଓ ଯାନିଯାତ୍ରା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଦ୍ୱାରା ଏମାନଙ୍କ ଜିନିଷ ବିକ୍ରି ହୋଇପାରୁନାହିଁ। ବଜାର ବନ୍ଦ ଯୋଗୁ ଆବଶ୍ୟକ କଞ୍ଚାମାଲ ମଧ ମିଳୁନି। ଏଭଳି ପରିସ୍ଥିତିରେ ଶିଳ୍ପୀମାନେ ନିଜ କୌଳିକ ବୃତ୍ତି ଛାଡ଼ିବାକୁ ବାଧ ହୋଇଛନ୍ତି। ଏବେ ଏମାନେ ମଜୁରି ଲାଗି ଘର ଚଳାଉଛନ୍ତି। ଯେଉଁଠି ପ୍ରତ୍ୟେକ ଘରେ ବିଭିନ୍ନ କଳାକୃତିକୁ ରୂପ ଦିଆଯାଉଥିଲା, ସେହି ଗାଁ ଏବେ ଖାଁ ଖାଁ ଲାଗୁଛି। ଶିଳ୍ପୀମାନେ କିଏ ମିସ୍ତ୍ରି କାମ କରିବାକୁ ଯାଉଥିବାବେଳେ ଆଉ କିଏ ଧାନରୁଆ କାମ କରୁଛନ୍ତି। ସରକାର ଅନେକ ଯୋଜନା କରିଛନ୍ତି। ହେଲେ ଏହି କାରିଗରମାନେ ଏ ପର୍ଯ୍ୟନ୍ତ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିନାହାନ୍ତି। ତେଣୁ ଏମାନଙ୍କ ଜୀବିକା ଏବେ ବଦଳି ଯାଇଛି। ତେବେ ସରକାରୀ ସହାୟତା ଏବଂ ପ୍ରୋତ୍ସାହନ ନ ମିଳିଲେ କୌଳିକ ବୃତ୍ତି ଛାଡ଼ି ଏମାନେ ବାହାର ରାଜ୍ୟକୁ ଯିବାକୁ ବାଧ ହେବେ ବୋଲି ଡୋକ୍‌ରା କାରିଗର ସୁମିତ୍ରା ପିଡ଼ିକାକା, ଯୁଧିଷ୍ଠି ପିଡିକାକା, ଭୀମ ଉଲାକା, ଭକୁଲୁକୁ ଉଲାକା, ମଣି ଉଲାକା, ସନ୍ତୋଷ ପିଡିକାକା, ବାସୁଦେବ ଉଲାକା, ନାଥ ପିଡିକାକା ପ୍ରମୁଖ ପ୍ରକାଶ କରିଛନ୍ତି। ଶିଳ୍ପୀମାନେ ନିକଟରେ ରାୟଗଡ଼ା ଗସ୍ତରେ ଆସିଥିବା ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କୁ ସମସ୍ୟା ଜଣାଇଛନ୍ତି। ଶୀଘ୍ର ଶିଳ୍ପୀମାନଙ୍କ ପାଇଁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।


ଡୋକ୍‌ରା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଉପକରଣ।

■ କରୋନା ବଦଳାଇଦେଲା ଜୀବିକା
■ ସହାୟତା ନ ମିଳିଲେ ରାଜ୍ୟ ବାହାରକୁ ଯିବାକୁ ଚେତାବନୀ
■ ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଲେ ମନ୍ତ୍ରୀ

## ସଦେଇପାଲି-ବଲାଙ୍ଗୀର କେ.ଭି. ଲାଇନ କାମକୁ ଶକ୍ତି ମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୨।୮(ବ୍ୟୁରୋ):** ସଦେଇପାଲି ସବ୍‌ଷ୍ଟେଶନରୁ ପିଜିସିଆଇଏଲ୍ ବଲାଙ୍ଗୀର ସବ୍‌ଷ୍ଟେଶନ ୨୨୦ କେ.ଭି. ଲାଇନ ଗତ ଶୁକ୍ରବାର କାର୍ଯ୍ୟକ୍ଷମ ହୋଇଛି। ଏହା କାର୍ଯ୍ୟକ୍ଷମ ହେବା ପରେ ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ସୋନପୁର, ବୌଦ୍ଧ, କଳାହାଣ୍ଡି ଓ ନୂଆପଡା ଜିଲାର ବିଦ୍ୟୁତ୍ ସେବାରେ ଉନ୍ନତି ଆସିବ ବୋଲି ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି। ଫଳରେ ଠିକ୍ ବିଦ୍ୟୁତ୍ ସେବା ଉପଲବ୍ଧ ହେବ। ଏହି ନିର୍ମାଣ କାର୍ଯ୍ୟକୁ ନିକଟରେ ତ୍ୱରାନ୍ୱିତ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତାକୁ ସମାଧାନ ପାଇଁ ଉଚ୍ଚସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିଯୋଗୁ ଶକ୍ତିମନ୍ତ୍ରୀ ପ୍ରଶଂସା କରିଛନ୍ତି।

## ଅଗଷ୍ଟ ୩୧ଯାଏ ବୃଦ୍ଧି ପ୍ରସ୍ତାବ ଦିଅନ୍ତୁ ସରକାର: ଭାଜପା

ଭୁବନେଶ୍ୱର,୨।୮(ବ୍ୟୁରୋ)

**ପ୍ରଧାନମନ୍ତ୍ରୀ ଶସ୍ୟ ବୀମା ପଞ୍ଜୀକରଣ ଅବଧି**

ପ୍ରଧାନମନ୍ତ୍ରୀ ଶସ୍ୟବୀମା ପଞ୍ଜୀକରଣର ଅବଧି ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ। ଏନେଇ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ପ୍ରସ୍ତାବ ଦିଅନ୍ତୁ ବୋଲି କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ରାଜ୍ୟ କୃଷିମନ୍ତ୍ରୀଙ୍କ ଠାରେ ଦାବି କରିଛନ୍ତି। କେନ୍ଦ୍ର ସରକାର ନିଜ ତରଫରୁ ଗତ ୩୧ ତାରିଖରେ ସବୁ ରାଜ୍ୟର ସରକାରଙ୍କୁ ପତ୍ର ଲେଖି ଏହି ସମୟ ସୀମାକୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ଅବସରରେ ପୁରୋହିତ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ କଟକଣା ଯୋଗୁ ସମୟ କମ୍ ଥିବାରୁ ପାଖାପାଖି ୬୦% ରାଜ୍ୟର କୃଷକମାନେ ଶସ୍ୟ ବୀମା ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ବର୍ତ୍ତମାନ ଏହି ଅବଧି ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। ଏହାସତ୍ତ୍ୱେ ଏହି ସମୟ ସୀମାକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ରାଜ୍ୟ କୃଷିମନ୍ତ୍ରୀଙ୍କଠାରେ ପ୍ରଦୀପ ଦାବି କରିଛନ୍ତି।


**CLASSIFIED DISPLAY**

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅନ୍ଲକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ • ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ – My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଆଛନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

GOVERNMENT OF INDIA
DEPARTMENT OF ATOMIC ENERGY
HEAVY WATER PLANT, TALCHER
e-TENDER NOTICE NO. : HWP/TAL/PROD/2020/02
Online tenders are invited through e-tendering mode by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul, (Odisha) on behalf of the President of India in two bids, from eligible contractors for the work and details given below:
**NIT No. : HWP / TAL / PROD / 2020 / 02, Name of the Work :** Miscellaneous works viz Handling, shifting, charging and dissolution of chemical raw materials used in different facilities and decontamination of chemical contaminated equipments / machines along with chemical containers and Packing, weighment and storing of different finished products for their safe storage as well as dispatch on as & when required basis to other DAE units. **Estimated Cost :** Rs.10,49,037/- (Including GST). **Earnest Money :** Rs.20,981/-. **Period of Completion :** 06 (Six) Months. **Last Date and Time of Submission of bid :** 18.08.2020 (14:30 hrs.). The bid forms and other details, can be obtained from the website **www.tenderwizard.com/DAE.**

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା
No. L
ସୂଚନା
ଖରିଫ୍ ୨୦୨୦ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ପଞ୍ଜୀକରଣ ନିମନ୍ତେ ଅବଧି ୫ ଅଗଷ୍ଟ ୨୦୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।
ଏହି ଯୋଜନାରେ ସାମିଲ ହେବା ନିମନ୍ତେ ଇଚ୍ଛୁକ ଅଣଋଣୀ ଚାଷୀମାନେ ନିକଟସ୍ଥ ଜନସେବା କେନ୍ଦ୍ର କିମ୍ବା ବୀମା କମ୍ପାନୀର କାର୍ଯ୍ୟାଳୟ କିମ୍ବା ବ୍ୟାଙ୍କ ଶାଖା କିମ୍ବା ଜିଲ୍ଲା / ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ନିମନ୍ତେ ଅନୁରୋଧ କରାଯାଉଛି।
OIPR-01034/11/0008/2021
କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଅଗଷ୍ଟ, ୨୦୨୦

## କୋରେକ୍ସ ଜବତ, ଜଣେ ଗିରଫ

ପୁରୀ ଅଫିସ, ୨।୮: କୋରେକ୍ସ ବିକ୍ରି କରୁଥିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଶିବ ପ୍ରସାଦ ବଳ ନାମକ ବ୍ୟକ୍ତିଙ୍କୁ ଗିରଫ କରିଛି। ତାଙ୍କଠାରୁ ଗୋଟିଏ ସ୍କୁଟି (ନଂ.ଓଡି ୧୩କେ-୦୯୪୯) ଓ ୨୦ ବୋତଲ କୋରେକ୍ସ ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ.୨୦୦/୨୦) ରୁଜୁ କରାଯାଇ ତଦନ୍ତ ଚାଲିଛି। ରବିବାର ସକାଳେ ଏଏସ୍ଆଇ ନବକିଶୋର ବେହେରା ଅନ୍ୟ ଷ୍ଟାଫ୍‌ଙ୍କ ସହ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଶିବପ୍ରସାଦ ଏକ ସ୍କୁଟିରେ କୋରେକ୍ସ ବିକ୍ରି କରୁଥିବା ଦେଖିଥିଲେ। ତାଙ୍କଠାରୁ ୨୦ ବୋତଲ ଏସ୍‌କଫ୍ (୧୦୦ ମିଲି ଲେଖାଏ) ମଧ୍ୟ ଜବତ କରିଥିଲେ। ପରେ ତାଙ୍କୁ ଥାନାକୁ ଆଣିଥିଲେ।



## ସଂକ୍ଷେପରେ

### କୋଭିଡ୍ କେୟାର୍ ସେଣ୍ଟର କ୍ଷମତା ବଢ଼ିବ

କଟକ ଅଫିସ,୨।୮: କଟକ ଜିଲାରେ ଥିବା କୋଭିଡ୍ କେୟାର ସେଣ୍ଟରଗୁଡ଼ିକର କ୍ଷମତା ବଢ଼ିବ। ଜିଲା ପର୍ଯ୍ୟବେକ୍ଷକ ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଏହି ସୂଚନା ଦେଇଛନ୍ତି। ଡ୍ରିମସ୍ ଟାଙ୍ଗୀରେ ୩୦୦ରୁ ଊର୍ଦ୍ଧ୍ୱ ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ସେଣ୍ଟରକୁ ଏବେ ୫୦୦ ଶଯ୍ୟାବିଶିଷ୍ଟ କରିବା ପାଇଁ କାମ ଚାଲିଛି। ଏହି ସପ୍ତାହ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହୋଇପାରେ। ସେହିପରି ବଡ଼ମ୍ବାରେ ୧୦୦ ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ସ୍ଥାପନ କାର୍ଯ୍ୟ ଏହି ସପ୍ତାହରେ ସରିବ। ଜିମ୍‌ସାର, ଆଠଗଡ଼ରେ ୧୫୦ ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକ୍ଷମ ଅଛି। କଟକର ଗ୍ରାମାଞ୍ଚଳ ପାଇଁ ବର୍ତ୍ତମାନ ରହିଥିବା ୪୫୦ ଶଯ୍ୟା ଏହି ସପ୍ତାହରେ ୭୫୦କୁ ବୃଦ୍ଧି ପାଇବ। ସେହିଭଳି ଅଶ୍ୱିନ କୋଭିଡ୍ ହସ୍ପିଟାଲର ଶଯ୍ୟା ସଂଖ୍ୟା ୨ଶହକୁ ବଢ଼ିବ। ଜିଲାରେ ଆକ୍ରାନ୍ତ ୨୬୭ ଜଣ କୋଭିଡ୍ ଯୋଦ୍ଧାଙ୍କ ମଧ୍ୟରୁ ୧୯୬ ଜଣ ସୁସ୍ଥ ହୋଇଛନ୍ତି ଓ ୭୧ ଜଣ ଚିକିତ୍ସାଧୀନ ଅଛନ୍ତି। ଜିଲାରେ ୬୪ଟି ଅସ୍ଥାୟୀ କ୍ଲଷ୍ଟର ସ୍ୱାସ୍ଥ୍ୟକେନ୍ଦ୍ରରୁ ୪୭ଟିରେ ଲୋକ ରହିଛନ୍ତି। ବର୍ତ୍ତମାନ ସେଥିରେ ୫୬୪ ଜଣ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ପୂର୍ବରୁ ଏଠାରେ ରହିଥିବା ୪୩୭ ଜଣ କ୍ୱାରାଣ୍ଟାଇନ୍ ସାରି ଘରକୁ ଫେରିଛନ୍ତି। ଜିଲାରେ ୧୮୨୮ଟି କୋଭିଡ୍ ପରିଚାଳନା କମିଟି ଓ ସହରାଞ୍ଚଳରେ ୧୧୩ଟି ୱାର୍ଡସ୍ତରୀୟ କମିଟି କାମ କରୁଛନ୍ତି। ୧୩ଟି ବ୍ଲକସ୍ତରୀୟ କୋଭିଡ୍-୧୯ ଟେଷ୍ଟିଂ ଟିମ୍ ନିଯୁକ୍ତ ହୋଇଛନ୍ତି। କୋଭିଡ୍-୧୯ ନିୟନ୍ତ୍ରଣକୁ ସୁବ୍ୟବସ୍ଥିତ କରିବା ପାଇଁ କୋଭିଡ୍ ମନିଟର ଭାବେ ଜିଲାର ବିଡିଓମାନଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଗର୍ଗ କହିଛନ୍ତି।

### ପ୍ରସୂତି କରୋନା ପଜିଟିଭ୍ ଚିହ୍ନଟ

ନିମାପଡ଼ା,୨।୮(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ବଜାରରେ ଥିବା ଏକ ଘରୋଇ କ୍ଲିନିକରେ ଜଣେ ପ୍ରସୂତି ମହିଳା କରୋନାରେ ସଂକ୍ରମିତ ହୋଇଛନ୍ତି। ଏହି କ୍ଲିନିକକୁ ୫ଦିନ ପାଇଁ କୌଣସି ରୋଗୀ ନ ଯିବାକୁ ବିଡିଓ ମନୋଜ କୁମାର ବେହେରା ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ କ୍ଲିନିକକୁ ବିଶୋଧନ କରାଯାଇଛି। କ୍ଲିନିକ ମାଲିକଙ୍କ ସମେତ ସମସ୍ତ କର୍ମଚାରୀ ଓ କ୍ଲିନିକ ପରିସରରେ ରହୁଥିବା ଲୋକମାନେ ହୋମ୍ କ୍ୱାରାଣ୍ଟାଇନରେ ରହିବା ପାଇଁ ସ୍ଥାନୀୟ ସରପଞ୍ଚ ବୀଣାପାଣି ସ୍ୱାଇଁ ପରାମର୍ଶ ଦେଇଛନ୍ତି। କ୍ଲିନିକରେ ଚିକିତ୍ସିତ ହେଉଥିବା ୫ ରୋଗୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ ବୋଲି ବିଡିଓ ବେହେରା କହିଛନ୍ତି। ସୂଚନାଥାଉ କି, ନିଆଳି ଅଞ୍ଚଳର ଜଣେ ମହିଳା ପ୍ରସବ ପାଇଁ ଏହି କ୍ଲିନିକରେ ଭର୍ତ୍ତି ହୋଇଥିଲେ। ପରେ ସ୍ୱାବ୍ ପରୀକ୍ଷା କରାଯିବାରୁ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା।

### ପୁଅ ପଜିଟିଭ୍ ଚିନ୍ତାରେ ମା'ଙ୍କ ମୃତ୍ୟୁ

ବାରଙ୍ଗ,୨।୮(ଡି.ଏନ୍.ଏ.): ବାରଙ୍ଗ ବ୍ଲକ ଅନ୍ତର୍ଗତ ଦାଡ଼ାପାଟଣା ଗ୍ରାମର ଜଣେ ବ୍ୟବସାୟୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ତାଙ୍କୁ ବୁଧବାର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହା ପରେ ସ୍ଥାନୀୟ ସରପଞ୍ଚ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଏହି ଗ୍ରାମକୁ ଶଟ୍‌ଡାଉନ ଘୋଷଣା କରିବା ସହ ଉକ୍ତ ପରିବାରକୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କହିଥିଲେ। ସମ୍ପୃକ୍ତ ବ୍ୟବସାୟୀଙ୍କ ମା'ଙ୍କର ରବିବାର ହଠାତ୍ ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବୟସାଧିକ ଯୋଗୁ ତାଙ୍କ ମା' ବିଭିନ୍ନ ରୋଗରେ ଆକ୍ରାନ୍ତ ଥିଲେ ବୋଲି ଜଣାପଡ଼ିଛି। ଅନ୍ୟପଟେ ମୃତ୍ୟୁର କାରଣ ଜାଣିବା ପାଇଁ ମୃତାଙ୍କୁ କୋଭିଡ୍ ହସ୍ପିଟାଲକୁ ନିଆଯାଇଥିବା ସରପଞ୍ଚ ସ୍ୱର୍ଣ୍ଣଲତା ବିଶ୍ୱାଳ କହିଛନ୍ତି।

### କାକଟପୁର ପଞ୍ଚାୟତ ଶଟ୍‌ଡାଉନ

କାକଟପୁର,୨।୮(ଡି.ଏନ୍.ଏ.): ପୁରୀ ଜିଲା କାକଟପୁର ବ୍ଲକ ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସଂକ୍ରମଣ ରୋକିବା ପାଇଁ କାକଟପୁର ପଞ୍ଚାୟତ ସରପଞ୍ଚ ସୌଦାମିନୀ ବରାଳ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଏହି ପଞ୍ଚାୟତକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ରବିବାର ସନ୍ଧ୍ୟା ୫ଟାରୁ ଆସନ୍ତା ୫ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଲୋକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି। ପରେ ସ୍ଥିତି ଦେଖି ଏହି କଟକଣା ବଳବତ୍ତର ରହିବ କି ନାହିଁ ସେ ନେଇ ଆସନ୍ତା ୬ତାରିଖରେ ହେବାକୁ ଥିବା ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ସରପଞ୍ଚ ବରାଳ କହିଛନ୍ତି।

# ପୋଲିସ ବ୍ୟକ୍ତିଗତ ଆକାଉଣ୍ଟକୁ ଯାଉଛି ଜରିମାନା ଟଙ୍କା

ଭୁବନେଶ୍ୱର, ୨।୮(ବ୍ୟୁରୋ)







## ସର୍ବସମ୍ମୁଖରେ ଲୁଟୁଛି ଖାକି

- ଚାଲାଣ କାଟିବାବେଳେ ରହୁନି ପିଓଏସ୍ ମେଶନ
- ଉଲ୍ଲଂଘନକାରୀଙ୍କଠାରୁ ଗୁଗଲ୍ ପେ'ରେ ନେଲେ ଜରିମାନା
- ତଦନ୍ତ ପରେ ହେବ କାର୍ଯ୍ୟାନୁଷ୍ଠାନ : ଡିସିପି

କରୋନା ସଂକଟବେଳେ ରାଜଧାନୀରେ ଲୁଟେରାଙ୍କ ସହ ଖାକି ଉତ୍ପାତ ବଢ଼ି ଚାଲିଛି। ପୋଲିସ କଡ଼ାକଡ଼ି ଯାଞ୍ଚ ଆଳରେ ଉଲ୍ଲଂଘନକାରୀଙ୍କଠାରୁ ଟଙ୍କା ଲୁଟୁଛି। ଜରିମାନା ଟଙ୍କା ରାଜକୋଷକୁ ନ ଯାଇ କିଛି କିଛି ପୋଲିସ କର୍ମଚାରୀଙ୍କ ପକେଟ ଓ ବ୍ୟକ୍ତିଗତ ବ୍ୟାଙ୍କ୍ ଆକାଉଣ୍ଟକୁ ଚାଲିଯାଉଛି। ସଂକ୍ରମଣ ଭୟ ଦେଖାଇ ଉଲ୍ଲଂଘନକାରୀଙ୍କଠାରୁ ଅନ୍‌ଲାଇନ୍‌ରେ ଜରିମାନା ଟଙ୍କା ନେଉଛନ୍ତି। ଯାଞ୍ଚବେଳେ ପିଓଏସ୍ ମେଶିନ ନ ରଖି ବ୍ୟକ୍ତିଗତ ଆକାଉଣ୍ଟ ନମ୍ବର ଦେଇ ମାଲାମାଲ୍ ହେଉଛନ୍ତି। ରବିବାର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଖାରପଡ଼ା ଓଭରବ୍ରିଜ୍ ନିକଟରେ ଯାଞ୍ଚବେଳେ ଏଭଳି ଘଟଣା ନଜରକୁ ଆସିଛି। ଜଣେ ଏଏସ୍ଆଇ ବିନା ହେଲ୍‌ମେଟ୍‌ରେ ଯାଉଥିବାରୁ ଦୁଇଜଣ ଯୁବକଙ୍କଠାରୁ ବ୍ୟକ୍ତିଗତ ଗୁଗଲ୍ ପେ' ଆକାଉଣ୍ଟରେ ଜରିମାନା ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଏପରି କି ଧରାଇଥିବା ରସିଦ୍‌କୁ ନେଇ ମଧ୍ୟ ସେ ନାନା ପ୍ରଶ୍ନ ଉଠାଇଛନ୍ତି। ହେଲ୍‌ମେଟ୍ ଜରିମାନା ୧୦୦୦ଟଙ୍କା ରହିଥିବାବେଳେ ଦୁଇଜଣଙ୍କଠାରୁ ୨ଶହ ଟଙ୍କା କିପରି ନେଲେ, ତାହାକୁ ନେଇ ସନ୍ଦେହ କରିଛନ୍ତି। ଏଥିସହ ଟୁଇଟ୍ କରି ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି।

ମିଳିଥିବା ସୂଚନାନୁସାରେ, ଦିନ ପ୍ରାୟ ୧ଟାରୁ ଖାରପଡ଼ା ଓଭରବ୍ରିଜ୍ ନିକଟରେ ଯାଞ୍ଚ ଆରମ୍ଭ ହୋଇଥିଲା। ଅପରାହ୍ନ ସାଢ଼େ ୪ଟାରେ ଦୁଇଟି ବାଇକ୍‌ରେ ବାଣୀବିହାରରେ ରହୁଥିବା ତାରସେନ୍ ଦାରୁଆ ଓ ସ୍ଥିତପ୍ରଜ୍ଞ ମିଶ୍ର ଲକ୍ଷ୍ମୀସାଗର ଅଭିମୁଖେ ଯାଉଥିଲେ। ଯାଞ୍ଚ କରୁଥିବା ପୋଲିସ ଉଭୟଙ୍କୁ ଅଟକାଇ ଜରିମାନା ଦେବାକୁ କହିଥିଲେ। ପାଖରେ ନଗଦ ଟଙ୍କା ନ ଥିବାରୁ ଏଟିଏମ୍ କାର୍ଡ ବାହାର କରିଥିଲେ। ହେଲେ ଜରିମାନା ରଖୁଥିବା ଜଣେ ପୋଲିସ ଏଏସ୍ଆଇ ହଠାତ୍ ଗାଳିଗୁଲଜ କରି ଟଙ୍କା ବାହାର କରିବାକୁ କହିଥିଲେ। ପିଓଏସ୍ ମେଶିନ ନାହିଁ, ମୋବାଇଲ୍ ଫୋନ୍ ମାଧ୍ୟମରେ ଅନ୍‌ଲାଇନ୍‌ରେ ଜରିମାନା ପୈଠ କରିବାକୁ କହି ଏକ ଗୁଗଲ୍ ପେ' ଆକାଉଣ୍ଟ ନମ୍ବର ଦେଇଥିଲେ। ସ୍ଥିତପ୍ରଜ୍ଞ ଗୁଗଲ୍ ପେ'ରେ ଦୁଇଜଣଙ୍କ ପାଇଁ ୨ଶହ ଟଙ୍କା ପଠାଇବା ପରେ ପୋଲିସ ଅଧିକାରୀ ଜଣକ ରସିଦ ଦେଇଥିଲେ। ତେବେ ଏହାପରେ ସେମାନେ ଉକ୍ତ ଆକାଉଣ୍ଟ ନମ୍ବର ଯାଞ୍ଚ କରିବାରୁ ତାହା ବ୍ୟକ୍ତିଗତ ଥିବା ଓ ପ୍ରଭାତ ଆଟ୍ଟିଙ୍କ ନାଁରେ ଥିବା ଜଣାପଡିଥିଲା। ସେମାନଙ୍କ ଆଗରେ ଅଧିକାଂଶ ଉଲ୍ଲଂଘନକାରୀଙ୍କଠାରୁ ସମ୍ପୃକ୍ତ ପୋଲିସ ଅଧିକାରୀ ଗୁଗଲ୍ ପେ' ଓ ଅନ୍‌ଲାଇନ୍‌ରେ ଜରିମାନା ଟଙ୍କା ନେଇଥିବାରୁ ତାହା ବ୍ୟକ୍ତିଗତ ଆକାଉଣ୍ଟକୁ ଯାଇଥିବା ସନ୍ଦେହ କରାଯାଉଛି।

ଏନେଇ ଡିସିପି ଡା.ଉମାଶଙ୍କର ଦାଶ କହିଛନ୍ତି, ପୋଲିସ ଜରିମାନା ଟଙ୍କା ନିଜ ଗୁଗଲ ପେ' ଆକାଉଣ୍ଟକୁ ନେବା ବେଆଇନ। ଏନେଇ ଆମେ ତଦନ୍ତ କରିବୁ। ସତ୍ୟତା ଥିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ବଜ୍ରପାତରେ ଚାଷୀ ମୃତ : ୪ ଆହତ

ଗୋପ/ ବେଗୁନିଆ,୨।୮(ଡି.ଏନ୍.ଏ.)

ବଜ୍ରପାତରେ ରବିବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଡ଼ବିଲସାହି ଗ୍ରାମର କୁମର ବାରିକ (୫୫)। ସେ ଅପରାହ୍ନରେ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ତାଙ୍କ ଶରୀରର କିଛି ଅଂଶ ପୋଡ଼ିଯିବା ସହ ତଳେ ପଡ଼ିଯାଇଥିଲେ। ଅନ୍ୟ ଚାଷୀମାନେ ତାଙ୍କୁ ଉଦ୍ଧାର କରି ଗ୍ରାମକୁ ଆଣିବା ପରେ ପରିବାର ଲୋକେ ଚିକିତ୍ସା ପାଇଁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବେଗୁନିଆ ବ୍ଲକ ଅଧୀନ ବେଗୁନିଆ ଗ୍ରାମର କୋମନା ସାହିରେ ବଜ୍ରପାତ ଘଟି ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ପ୍ରବାସିନୀ ସାହୁ, ଜୟନ୍ତୀ ରାଉତ, ମିତାମଣି ସାହୁ ଓ ଗୋକୁଳାନନ୍ଦ ପୃଷ୍ଟି। ଗଣେଶ୍ୱର ସାହୁଙ୍କ ବାଡିରେ ଥିବା ଏକ ନଡ଼ିଆ ଗଛ ଜଳିଯାଇଛି।






ଭୁବନେଶ୍ୱରରେ ଖୋଲିଥିବା ଫୋରମ୍ ମାର୍ଟ ମଲ୍ ଓ ପ୍ରବେଶ ପୂର୍ବରୁ ଗ୍ରାହକଙ୍କ ସ୍କ୍ରିନିଂ କରାଯାଉଛି।

# ରାଜଧାନୀରେ ଖୋଲିଲା ଶପିଂ ମଲ୍

ଭୁବନେଶ୍ୱର, ୨।୮(ବ୍ୟୁରୋ)

## ସର୍ତ୍ତାବଳୀ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

ରାଜଧାନୀରେ ଖୋଲିଲା ଶପିଂ ମଲ୍। ରବିବାର ଲକ୍‌ଡାଉନ୍ ସତ୍ତ୍ୱେ ପୂର୍ବାହ୍ନରୁ ଅପରାହ୍ନ ୧ଟା ଯାଏ ମଲ୍ ଖୋଲିଛି। ପ୍ରଥମ ଦିନରେ ମଲ୍‌ରେ ପୂର୍ବପେକ୍ଷା ଭିଡ଼ କମ୍ ରହିଥିଲା। ପ୍ରାୟ ୫ ମାସ ପରେ ମଲ୍ଟି ବ୍ରାଣ୍ଡ ମଲ୍ ଖୋଲିବା ପରେ ଗ୍ରାହକମାନେ ମଲ୍‌ଗୁଡ଼ିକୁ ଯାଇ ବିଭିନ୍ନ ସାମଗ୍ରୀ କିଣା କିଣି କରିଥିବା ଦେଖିବାକୁ ମିଳିଥିଲା। ମଲ୍‌କୁ ପ୍ରବେଶ ପୂର୍ବରୁ ଗ୍ରାହକମାନେ ସାମାଜିକ ଦୂରତ୍ୱ ରକ୍ଷା କରି ମଲ୍ ସମ୍ମୁଖରେ ବୃତ୍ତ ଚିହ୍ନିତ ସ୍ଥାନରେ ଛିଡ଼ା ହେବା ସହ ହାତକୁ ସାନିଟାଇଜ କରୁଥିଲେ। ମଲ୍ ଫାଟକ ନିକଟରେ ସେମାନଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ଯେଉଁ ଗ୍ରାହକଙ୍କର ଫ୍ଲୁ ପରି କୌଣସି ପ୍ରକାର ଲକ୍ଷଣ ଦେଖାଦେଇଥିଲା କିମ୍ବା ତାପମାତ୍ରା ଅଧିକ ଥିଲା ସେମାନଙ୍କୁ ମଲ୍ ଭିତରକୁ ପ୍ରବେଶ କରିବାକୁ ଅନୁମତି ମିଳି ନ ଥିଲା।

ଦୋକାନ ବଜାର ଏବଂ ଗୋଟିକିଆ ମଲ୍ ଖୋଲିବା ପାଇଁ ପୂର୍ବରୁ ବିଏମ୍‌ସି ଅନୁମତି ଦେଇଥିଲା। କିନ୍ତୁ ମଲ୍‌ଟିବ୍ରାଣ୍ଡ ଶପିଂ ମଲ ଖୋଲିବାକୁ ଅନୁମତି ନ ଥିଲା। ତେବେ ଅନୁମତି ପରେ ରବିବାର ୟୁନିଟ୍-୨ ମାର୍କେଟ ବିଲ୍‌ଡିଂସ୍ଥିତ ବିଗ୍ ବଜାର, ବିଶାଳ ମେଗା ମାର୍ଟ, ଫ୍ୟାଶନ ସିଟି ଆଦି ଅନେକ ମଲ୍ କୋଭିଡ୍-୧୯ ନିୟମାବଳୀ ଅନୁପାଳନ କରି ଖୋଲିଥିଲା। ତେବେ ରସୁଲଗଡର ଏସ୍‌ପ୍ଲାନେଡ୍, ସତ୍ୟନଗରର ଫୋରମ୍ ମାର୍ଟ, ଶହୀଦନଗରର ବିଏମ୍‌ସି ଭବାନୀ ମଲ୍, ପାଣ୍ଟାଲୁନସ୍, ସେଣ୍ଟ୍ରାଲ୍, ରେଳ ଷ୍ଟେଶନ ନିକଟ ରିଲାଏନ୍ସ ସୁପର, କଳ୍ପନାଛକର ଉତ୍କଳ ଗାଲେରିଆ, ୟୁନିଟ୍-୨ ମାର୍କେଟ ବିଲ୍‌ଡିଂସ୍ଥିତ ବିଏମ୍‌ସି କେଶରୀ ମଲ, ରୁଦ୍ରପୁରସ୍ଥିତ ସିଫୋନି ମଲ୍, ନୟାପଲ୍ଲୀର କ୍ରିଷ୍ଟା ପ୍ଲାଜା ଏବଂ ପାତ୍ରପଡ଼ାର ଡିଏନ୍ ରେଗାଲିୟା ଆଦି ମଲ୍ ଅନୁମତି ପାଇ ନ ଥିବାରୁ ବନ୍ଦ ରହିଥିଲା। କେତେକ ମଲ୍‌ରେ ରାଶନକୁ ଛାଡ଼ି ଅନ୍ୟ ସମସ୍ତ ଷ୍ଟୋର ବନ୍ଦ ରହିଥିଲା। ଯେଉଁମାନଙ୍କର ଅନ୍‌ଲାଇନ୍ ବ୍ୟବସ୍ଥା ଥିଲା, ସେମାନେ କେବଳ ଅନ୍‌ଲାଇନ୍ ଡେଲିଭରି ପାଇଁ ମଲ୍ ଖୋଲିଥିଲେ ମଧ୍ୟ ଗ୍ରାହକଙ୍କୁ ପ୍ରବେଶ ଅନୁମତି ନ ଥିଲା। ଶନିବାର ଶପିଂ ମଲ୍‌ଗୁଡ଼ିକ ପାଇଁ ବିଏମ୍‌ସି ନୂତନ ଏସ୍‌ଓପି ଜାରି କରିବାରୁ ମଲ୍ଟି ବ୍ରାଣ୍ଡ ମଲ୍ ଖୋଲିବା ପାଇଁ ବାଟ ଫିଟିଥିଲା। ଏ ନେଇ ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ କହିଛନ୍ତି, ରାଜ୍ୟ ସରକାରଙ୍କ ନୂତନ କଟକଣାରେ ଶପିଂ ମଲ୍ ବନ୍ଦ ହେବାର ବ୍ୟବସ୍ଥା ନାହିଁ। ଏଥିପାଇଁ ବିଏମ୍‌ସି ଶପିଂ ମଲଗୁଡ଼ିକ ନିମନ୍ତେ ନୂତନ ଏସ୍‌ଓପି ଜାରି କରିଛି। ଯେଉଁ ମଲ୍ ଚାହିଁବ ଏସ୍‌ଓପି ଅନୁପାଳନ କରି ଖୋଲିପାରିବ। ଏସ୍‌ଓପି ସର୍ତ୍ତାବଳୀ ଉଲ୍ଲଘଂନ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୫ ଯବାନଙ୍କ ସମେତ ୯୨ପଜିଟିଭ୍

ଖୋର୍ଦ୍ଧା ଅଫିସ,୨।୮

ଖୋର୍ଦ୍ଧା ଜିଲାରେ (ବିଏମ୍‌ସିକୁ ବାଦ୍ ଦେଇ) ରବିବାର ୯୨ ପଜିଟିଭ୍ ଚିହ୍ନଟ ହୋଇଥିବା ଜିଲାପାଳ ଟୁଇଟ୍ କରିଛନ୍ତି। ମୋଟ୍ ଆକ୍ରାନ୍ତ ୧୨୬୯। ଚିହ୍ନଟଙ୍କ ମଧ୍ୟରେ ଷଷ୍ଠ ବାଟାଲିୟନ ଆଇଆରବିଏନରୁ ୨ ଓ ତରତୁଆସ୍ଥିତ ଆଇଟିବିପିରୁ ୩ ଯବାନ ରହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରୁ ୭, ଖୋର୍ଦ୍ଧା ବ୍ଲକରୁ ୪, ବାଣପୁରରୁ ୧୯, ବାଲୁଗାଁରୁ ୮, ଟାଙ୍ଗୀରୁ ୨୩, ବେଗୁନିଆରୁ ୬, ଜଟଣୀରୁ ୧୪, ମେଣ୍ଢାଶାଳରୁ ୩, ବାଲକାଟୀରୁ ୩, ବାଲିପାଟଣାରୁ ୫ଜଣ ରହିଛନ୍ତି।

## ପୁରୀ: ୬୫ ପଜିଟିଭ

ପୁରୀ ଅଫିସ, ୨।୮

ପୁରୀ ଜିଲାରୁ ରବିବାର ୬୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୋଟ ପଜିଟିଭ ସଂଖ୍ୟା ୮୬୮ ଛୁଇଁଛି। ଏମାନଙ୍କ ମଧ୍ୟରୁ ୪୧୫ଜଣ ସୁସ୍ଥ ହୋଇଛନ୍ତି। ୪୪୮ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କରୋନାରେ ୩ ଓ ଅନ୍ୟ ରୋଗ ଯୋଗୁ ୨ଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି।

# କରୋନା ଘୃଣା ଭାଇଚାରା ନ ଭାଙ୍ଗୁ

କଟକ ଅଫିସ,୨।୮

## ସିଏମ୍‌ସି କମିଶନରଙ୍କ ଖବରଦାତା ସମ୍ମିଳନୀ

କରୋନା କାହାକୁ ବି ହୋଇପାରେ। ଆଜି ଯଦି ଜଣେ କରୋନାରେ ଆକ୍ରାନ୍ତ ହୋଇଛନ୍ତି ବୋଲି ଆମେ ଘୃଣା କରିବା, ତେବେ କାଲି ଆମେ ମଧ୍ୟ ଆକ୍ରାନ୍ତ ହୋଇପାରନ୍ତି। କଟକ ଏକ ଭାଇଚାରାର ସହର। ଅତୀତରେ ଅନେକ କଠିନ ସମୟରେ ମଧ୍ୟ ଏହି ଭାଇଚାରା ଅତୁଟ ରହିଛି। କରୋନା ରୋଗୀଙ୍କ ପ୍ରତି ଘୃଣା ଏହି ଭାଇଚାରାକୁ ନ ଭାଙ୍ଗୁ ବୋଲି କଟକବାସୀଙ୍କୁ ଆହ୍ୱାନ ଦେଇଛନ୍ତି ସିଏମ୍‌ସି କମିଶନର ଅନନ୍ୟା ଦାସ।

ରବିବାର ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ପୁରୁଣା ରାଉସାପାଟଣା ଓ ବେହେରା ସାହି ମାଲ୍‌ଗୋଦାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ଏହି ଜୋନ୍‌ରୁ ବର୍ତ୍ତମାନ ସୁଦ୍ଧା ୧୮୮ଟି ନୂଆ ପଜିଟିଭ୍ କେସ୍ ଚିହ୍ନଟ ହୋଇଛନ୍ତି। ନମୁନା ସଂଗ୍ରହ, ସକ୍ରିୟ ସର୍ବେକ୍ଷଣ ଓ ଘରକୁ ଘର ବୁଲି ସ୍କ୍ରିନିଂ ପ୍ରକ୍ରିୟା ଜାରି ରହିଛି। ଜୁଲାଇ ୨୫ରୁ ୩୦ ଭିତରେ ସହରରେ ୩୩୬ ଜଣ ଚିହ୍ନଟ ହୋଇଛନ୍ତି। ସେଥିରୁ କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ୧୧୪, ଗୃହ ସଙ୍ଗରୋଧରୁ ୧୧୮, ସରକାରୀ ସଙ୍ଗରୋଧରୁ ୫୯ ଓ ୪୫ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ପୁରୁଣା ରାଉସପାଟଣାରେ ୬୦୬ଟି ନମୁନା ସଂଗ୍ରହ ହୋଇଥବା ବେଳେ ୧୦୯ ଓ ବେହେରାସାହିରୁ ୧୦୨ଟି ନମୁନା ପରୀକ୍ଷାରୁ ୭୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସହରରେ ଅଧିକ ଟେଷ୍ଟିଂକୁ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶା କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ଆଇନ ଅଧୀନରେ ପଞ୍ଜୀକୃତ ହୋଇଥିବା ଘରୋଇ ପରୀକ୍ଷାଗାର ଆଇସିଏମ୍ଆର୍ ମାର୍ଗଦର୍ଶିକା ଅନୁଯାୟୀ ଆଣ୍ଟିଜେନ୍ ଟେଷ୍ଟ କରିପାରିବେ। ଏନ୍ଏବିଏଲ୍ (ପରୀକ୍ଷଣ ପାଇଁ ଜାତୀୟ ପ୍ରମାଣନ ବୋର୍ଡ) ଦ୍ୱାରା ଅନୁବନ୍ଧିତ ପରୀକ୍ଷାଗାରଗୁଡ଼ିକ ଆଇସିଏମ୍ଆର୍ ମାର୍ଗଦର୍ଶିକା ଅନୁସାରେ ଆର୍‌ଟି-ପିସିଆର୍ ଟେଷ୍ଟିଂ କରିପାରିବେ। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ନିମାହଂସ (ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁବିଜ୍ଞାନ ପ୍ରତିଷ୍ଠାନ) ଓ ୟୁଏନ୍‌ଡିପି (ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ)ର ମିଳିତ ଉଦ୍ୟମରେ ମହାନଗର ଅଞ୍ଚଳରେ ଥିବା ବିଭିନ୍ନ କୋଭିଡ୍ କେୟାର ସେଣ୍ଟର ଓ ଜିଲା କୋଭିଡ୍ ହସ୍ପିଟାଲରେ ରହୁଥିବା ପଜିଟିଭ୍ ରୋଗୀଙ୍କ ସହ ମତ ବିନିମୟ ପାଇଁ ସପ୍ତାହକୁ ଦୁଇଥର ୱେବିନାର ଆୟୋଜନ କରାଯାଉଛି। ଏପରି କଠିନ ସମୟରେ ସେମାନଙ୍କର ଉତ୍ତମ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଆଶଙ୍କା, ଭ୍ରାନ୍ତ ଧାରଣା ଓ ଅନ୍ୟ ପ୍ରସଙ୍ଗ ଉପରେ ତଥ୍ୟ ସଂଗ୍ରହ କରାଯାଉଥିବା କମିଶନର ଦାସ କହିଛନ୍ତି।

## ପରିବା ବିକ୍ରେତାଙ୍କୁ ସଚେତନ କଲା ଲାୟନ୍ସ କ୍ଲବ୍

ଭୁବନେଶ୍ୱର,୨।୮(ବ୍ୟୁରୋ)

ଲାୟନ୍ସ କ୍ଲବ୍ ଭୁବନେଶ୍ୱର ଲୋଟସ୍ ତରଫରୁ ମଞ୍ଚେଶ୍ୱର ରେଲ୍‌ୱେ ହସ୍ପିଟାଲ ନିକଟ ହାଟରେ ମାସ୍କ, ସାନିଟାଇଜର, ସାବୁନ ଓ ଗ୍ଲୋଭ୍‌ସ ଇତ୍ୟାଦି ବଣ୍ଟନ କରାଯାଇଛି। କ୍ଲବ୍ ସଭାପତି ଲାୟନ ସ୍ୱର୍ଣ୍ଣପ୍ରଭା ପାତ୍ରଙ୍କ ନେତୃତ୍ୱରେ ୫୦୦ରୁ ଊର୍ଦ୍ଧ୍ୱ ପରିବା ବିକ୍ରେତାଙ୍କୁ ଏହି ସାମଗ୍ରୀ ମାଗଣାରେ ଦିଆଯାଇଥିଲା। ସ୍ଥାନୀୟ କର୍ପୋରେଟର ସୂର୍ଯ୍ୟକାନ୍ତି ଜେନା ଅତିଥିଭାବେ ଯୋଗଦେଇ ଏଭଳି କାର୍ଯ୍ୟ ପାଇଁ କ୍ଲବ୍ ସଦସ୍ୟଙ୍କୁ ପ୍ରଶଂସା କରିଥିଲେ। ପାଷ୍ଟ ଡିଷ୍ଟ୍ରିକ୍ଟ ଗଭର୍ନର ଡ. ଅଞ୍ଜଳି ଛୋଟରାୟ, ଲାୟନ ଅମିତା ଜେନା ଓ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କନଷ୍ଟେବଲଙ୍କ ଆତ୍ମହତ୍ୟା ଉଦ୍ୟମ

ଗୋପ,୨।୮(ଡି.ଏନ୍.ଏ.)

- ୩ଘଣ୍ଟା ପରେ ଉଦ୍ଧାର କଲା ପୋଲିସ
- ସୁଇସାଇଡ୍ ନୋଟ୍ ଜବତ୍
- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ଗୋପ ବ୍ଲକ ନାଗପୁରସ୍ଥିତ ବାଟମଙ୍ଗଳା ପୀଠ ପରିସର ଏକ ବନ୍ଦ କୋଠରିରେ ରବିବାର କୌଣସି କାରଣକୁ ନେଇ ଅବସରପ୍ରାପ୍ତ କନଷ୍ଟେବଲ ଗୋବିନ୍ଦ ଚନ୍ଦ୍ର ମହାରଣା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଖବରପାଇ ଗୋପ ଥାନା ପୋଲିସ ମାଜିଷ୍ଟ୍ରେଟଙ୍କ ସହାୟତାରେ ୩ ଘଣ୍ଟା ପରେ ଗୋବିନ୍ଦଙ୍କୁ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ୨୦ବର୍ଷ ପୂର୍ବେ କଣ୍ଟିଲୋ ନୀଳମାଧବ ଅଞ୍ଚଳର ଗୋବିନ୍ଦ ନାଗପୁର ପୋଲିସ ବିଟ୍ ହାଉସରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ ସମୟରେ ଗୋବିନ୍ଦ ମଲ୍ଲଗ୍ରାମ ନିକଟରେ ଘର କରିବା ସହ ମଙ୍ଗଳାଙ୍କୁ ପୂଜାର୍ଚ୍ଚନା ଓ ଝାମୁଯାତ୍ରା କରୁଥିଲେ। ଝାମୁଯାତ୍ରାରେ ସେ କାଳିଶି ହୋଇ ନିଆଁରେ ଚାଲୁଥିଲେ। ଶନିବାର କୌଣସି କାରଣରୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ରବିବାର ଭୋରରୁ ଗୋବିନ୍ଦ ଏକ ସୁସାଇଟ୍ ନୋଟ୍ ଲେଖିବା ପରେ ଘର ଭିତର ପଟୁ ବନ୍ଦ କରିଦେଇଥିଲେ। ଏ ନେଇ ଲୋକେ ପୋଲିସକୁ ଜଣାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ପୋଲିସ ପହଞ୍ଚି କବାଟ ବାଡେଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ପୋଲିସ ସୁସାଇଡ୍ ନୋଟ ଜବତ କରି ଫେରିଯାଇଥିଲା। ଏହା ପରେ ପୁଣି ମାଜିଷ୍ଟ୍ରେଟଙ୍କ ସହ ପୋଲିସ ପହଞ୍ଚି କବାଟ ଭାଙ୍ଗି ଗୋବିନ୍ଦଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଗୋବିନ୍ଦ କାହିଁକି ଆତ୍ମହତ୍ୟା ଉଦ୍ୟମ କରିଥିଲେ ସେ ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ସୁଧୀର ସାହୁ କହିଛନ୍ତି।

# ବାଟ ହୁଡ଼ିପାରେ ଖରିଫ ଚାଷ

- ବର୍ଷା ବିନା ଜମି ଫାଟି ଆଁ
- ଚିନ୍ତାରେ ଖୋର୍ଦ୍ଧା ଜିଲା ଚାଷୀ

ଖୋର୍ଦ୍ଧା ଅଫିସ, ୨।୮



ଖୋର୍ଦ୍ଧା ଜିଲାରେ ପ୍ରାୟ ଦୁଇମାସ ହେଲା ବର୍ଷା ନାହିଁ। ଚାଷଜମି ଫାଟି ଆଁ କଲାଣି। ଏଥର ଖରିଫ ଚାଷ ବାଟ ହୁଡ଼ିପାରେ ବୋଲି ଆଶଙ୍କା ସୃଷ୍ଟି ହେଲାଣି। ତେଣୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଜୁନ ପହିଲାରୁ ଜୁଲାଇ ଶେଷ ସପ୍ତାହ ପର୍ଯ୍ୟନ୍ତ ସ୍ୱାଭାବିକଠାରୁ କମ୍ ପରିମାଣର ବର୍ଷା ହୋଇଛି। ଏହି ସମୟରେ ଖୋର୍ଦ୍ଧା ଜିଲାରେ ୪୬ ପ୍ରତିଶତ କମ୍ ବର୍ଷା ହୋଇଛି। ପରିବେଶବିତ୍ ଧନେଶ୍ୱର ବିଧାର କହିଛନ୍ତି, ଯଦି ସପ୍ତାହକ ମଧ୍ୟରେ ବର୍ଷା ନ ହୁଏ ତାହାହେଲେ ମରୁଡ଼ି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏପରି କି ଖରିଫ ଧାନ ଚାଷ ଲକ୍ଷ୍ୟ ଧାର୍ଯ୍ୟ ବାଟବଣା ହୋଇପାରେ। ତେବେ ଲଘୁଚାପ ବର୍ଷା ସମ୍ଭାବନା ଚାଷୀଙ୍କ ମନରେ ଆଶା ଆଣିଛି। ଅନ୍ୟପକ୍ଷରେ କରୋନା ଲକ୍‌ଡାଉନ ବେଳେ ପରିବା ଚାଷୀମାନେ ଲକ୍ଷାଧିକ ଟଙ୍କାର କ୍ଷତି ସହିଥିଲେ। ହାଟ ବଜାର ଓ ଗାଡ଼ି ଚଳାଚଳ ବନ୍ଦ ଯୋଗୁ ପନିପରିବା ବିକ୍ରି ହୋଇ ନ ପାରି ବିଲରେ ପଚି ଶଢିଥିଲା। ଏବେ ପୁଣି ଧାରକରଜ କରି ଧାନଚାଷ କରିଥିବା ଲୋକଙ୍କୁ ପରିବାର ଚଳାଇବା ଓ ଋଣ ଶୁଝିବା ଚିନ୍ତା ଘାରିଲାଣି। ଏଭଳି ସମୟରେ ରାଜ୍ୟ ସରକାର କାଳିଆ ଟଙ୍କା ଫେରସ୍ତ ଲାଗି ନୋଟିସ ଜାରି କରିବାକୁ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ ସମାଲୋଚନା କରିଛନ୍ତି। ଚାଷୀଙ୍କ ବିକାଶ ଲାଗି କହୁଥିବା ସରକାର ଏବେ ଚାଷୀଙ୍କଠାରୁ ମୁହଁ ଫେରାଇ ନେଉଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ଖୋର୍ଦ୍ଧା ଜିଲାରେ ଖରିଫ ଚାଷ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଏବଂ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

ଏ ନେଇ ଜିଲା କୃଷି ଅଧିକାରୀ ଭାସ୍କର ବାରିକ କହିଛନ୍ତି, ଖରିଫ ଧାନ ଚାଷ ଲାଗି ଠିକ୍ ସମୟରେ ବିହନ, ସାର, କୀଟନାଶକ ଆଦି ଚାଷୀଙ୍କୁ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଇ ଦେବାକୁ ଯୋଜନା ରହିଛି। ପ୍ରାକୃତିକ ଦୁର୍ବିପାକ ସମୟରେ ଫସଲ କ୍ଷତି ଲାଗି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ)ରେ ଜିଲାରେ ୬୭ହଜାର ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯିବା ଯୋଜନା ରହିଛି। ଚଳିତବର୍ଷ ଜିଲାରେ ୨୩୦ ହେକ୍ଟର ଜମିରେ ଧନିଚା ଏବଂ ରାଜ୍ୟ ଯୋଜନାରେ ୬ଶହ ହେକ୍ଟର ଜମିରେ ଧାଡ଼ିରୁଆ ଧାନଚାଷ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ୨୦୨୦-୨୧ ବର୍ଷରେ ୪୦ ପ୍ରତିଶତ ହେକ୍ଟର ଜମିରେ ମିଶ୍ରିତ ଚାଷ ଏବଂ ୪୨.୨୭ ହେକ୍ଟର ଜମିରେ ଧାନ ଏବଂ ଅଣଧାନ ଅମଳ ଯୋଜନା ରହିଛି। ଏଥିଲାଗି ଜଳନିଧି ଓ ସୌର ପ୍ରକଳ୍ପ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି।

## ସଂକ୍ଷେପରେ

### ୩୧ ସୁଦ୍ଧା ଟିକସ ଡିମାଣ୍ଡ ହିସାବ ସାର: ସିବିଡିଟି

ନୂଆଦିଲ୍ଲୀ,୨।୮: ଚଳିତ ମାସ ଶେଷ ସୁଦ୍ଧା ସବୁ ଟିକସଦାତାଙ୍କ ଟିକସ ଡିମାଣ୍ଡ ବା ଟିକସର ହିସାବ ସାରିବାକୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଅଧ୍ୟକ୍ଷ ପି.ସି.ମୋଦି ଆୟକର ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପିଲଗୁଡିକୁ ସମାଧାନ କରିବା ଲାଗି ଫିଲ୍ଡ ଅଧିକାରୀଙ୍କ ପାଇଁ ଏକ ମାସିକିଆ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଟିକସ ସଂଗ୍ରହ କମୁଥିବାରୁ ଏହା ବର୍ତ୍ତମାନ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହାକୁ ଧ୍ୟାନରେ ରଖି ସିବିଡିଟି ଅଧ୍ୟକ୍ଷ ଏଭଳି ନିର୍ଦ୍ଦେଶ ଜାରି କରିଥିବା ନଜରକୁ ଆସିଛି। ବିବାଦ ସେ ବିଶ୍ୱାସ ଯୋଜନାକୁ ତ୍ୱରାନ୍ୱିତ କରାଇବା, ଟିକସ ଡିମାଣ୍ଡ ଏବଂ ରିଫଣ୍ଡ ଭଳି ବିଭିନ୍ନ ଦିଗ ଉପରେ କାର୍ଯ୍ୟ ଧାର୍ଯ୍ୟ ସୀମା ମଧ୍ୟରେ ଶେଷ କରିବାକୁ ସିବିଡିଟି ପକ୍ଷରୁ ଏହାର ବିଭିନ୍ନ କାର୍ଯ୍ୟାଳୟଗୁଡିକୁ ଚିଠି ଲେଖାଯାଇଛି।

### ଅଣ ମେଟ୍ରୋ ବଜାରରେ ପର୍ପଲର ଅଭିବୃଦ୍ଧି

ଭୁବନେଶ୍ୱର,୨।୮: ସୌନ୍ଦର୍ଯ୍ୟ ସାମଗ୍ରୀ ବିପଣନ ସଂସ୍ଥା ପର୍ପଲ ଖୋର୍ଦ୍ଧା ଭଳି ଅଣ ମେଟ୍ରୋ ସହରରେ ୫୧% ଅଧିକ ରାଜସ୍ୱ ବୃଦ୍ଧି ଘଟିଛି। ଗତ ୩ବର୍ଷ ମଧ୍ୟରେ ୭ଟି ମେଟ୍ରୋ ସହରରେ ହାସଲ କରୁଥିବା ରାଜସ୍ୱ ଅଭିବୃଦ୍ଧି ତୁଳନାରେ ଏହା ବେଶ୍ ଉନ୍ନତ। ଫଳରେ ମେଟ୍ରୋ ସହରଠାରୁ ପର୍ପଲର ଅଣ ମେଟ୍ରୋ ସହରରେ ରାଜସ୍ୱ ଅଂଶ ପ୍ରାୟ ୭୦% ବୃଦ୍ଧି ପାଇଛି। ଗତ ୧୨ମାସ ମଧ୍ୟରେ ମେଟ୍ରୋ ଓ ଅଣ ମେଟ୍ରୋର ଉପସ୍ଥାପନରୁ ଏହି ତଥ୍ୟ ପ୍ରକାଶ ପାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଖୋର୍ଦ୍ଧା ଭଳି ଅଣମେଟ୍ରୋ ସହରଗୁଡିକରେ ଅନ୍‌ଲାଇନ ସୌନ୍ଦର୍ଯ୍ୟ ସାମଗ୍ରୀ କେନ୍ଦ୍ରମାନେ ଅନ୍ୟ ମେଟ୍ରୋ ସହରଗୁଡିକର ଅନ୍‌ଲାଇନ କେନ୍ଦ୍ରାଙ୍କ ତୁଳନାରେ ୮୦% ଅଧିକ ଅର୍ଡର ଉପସ୍ଥାପନ କରିଛନ୍ତି।

# ପ୍ରଥମ ଥର କାର୍ କିଣୁଥିବା ଗ୍ରାହକ ବଢ଼ିଲେ

ନୂଆଦିଲ୍ଲୀ,୨।୮



**ମାରୁତି ସୁଜୁକି ଇଣ୍ଡିଆ ରିପୋର୍ଟ**

କୋଭିଡ୍-୧୯ ଯୋଗୁ ଲୋକମାନେ ବାହାରକୁ ଯିବାକୁ ଭୟ କରୁଛନ୍ତି। ସାମାଜିକ ଦୂରତ୍ୱ ନିୟମ ପାଳନ କରିବାକୁ ସରକାର କହିଛନ୍ତି। ଅପରପକ୍ଷରେ ସାଧାରଣ ପରିବହନ ବ୍ୟବସ୍ଥାରେ ଯିବା ଆସିବା କରିବା ଲାଗି ଲୋକଙ୍କ ମଧ୍ୟରେ ଆଶଙ୍କା ଉପୁଜୁଛି। ଗତ କିଛିମାସ ଧରି ଦେଶର ଅଟୋମୋବାଇଲ ବଜାର ପ୍ରଭାବିତ ସ୍ଥିତିରେ ଥିବା ବେଳେ ଏଥିରେ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳିଛି। ପ୍ରଥମଥର କାର୍ କିଣୁଥିବା ଲୋକଙ୍କ ସଂଖ୍ୟାରେ ବୃଦ୍ଧି ଘଟିଥିବା ବେଳେ ଯେଉଁମାନଙ୍କ ନିକଟରେ କାର୍ ରହିଛି ସେମାନେ ମଧ୍ୟ ଅତିରିକ୍ତ ଯାନ କିଣୁଥିବା ଏକ ରିପୋର୍ଟ ସାମ୍ନାକୁ ଆସିଛି। ଦେଶର ପ୍ରମୁଖ କାର୍ ନିର୍ମାଣକାରୀ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ କୁହାଯାଇଛି ଯେ, ଲୋକମାନେ ସାଧାରଣ ପରିବହନ ବ୍ୟବସ୍ଥା ପରିବର୍ତ୍ତେ ନିଜ ଯାନରେ ଯିବା ଆସିବା କରିବା ଲାଗି ଗୁରୁତ୍ୱ ଦେଉଛନ୍ତି। ଦେଶ ମଧ୍ୟରେ ଜୁଲାଇ ମାସରେ ଯାନ ବିକ୍ରି ବଢିଛି। ବର୍ତ୍ତମାନ ଉପୁଜିଥିବା ସ୍ୱାସ୍ଥ୍ୟ ସଙ୍କଟ ସ୍ଥିତିରେ ଅଟୋମୋବାଇଲ ବଜାରକୁ ଟ୍ରାକ୍‌କୁ ଫେରାଇ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କମ୍ପାନୀ ସୂଚନା ଦେଇଛି।

ସେହିଭଳି ଦେଶର ଅର୍ଥ ବ୍ୟବସ୍ଥାର ସ୍ଥିତି କିଭଳି ରହୁଛି ତାହା ଅଟୋମୋବାଇଲ ବଜାରର ଦୀର୍ଘମିଆଦି ବିକ୍ରି ଉପରେ ନିର୍ଭର କରେ ବୋଲି କମ୍ପାନୀ ପକ୍ଷରୁ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କମ୍ପାନୀର ବିକ୍ରି ଓ ବିପଣନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି ଯେ, ପ୍ରଥମ ଥର କାର୍ କ୍ରୟ କରୁଥିବା ଗ୍ରାହକଙ୍କ ସଂଖ୍ୟାରେ ବିଶେଷ ପରିବର୍ତ୍ତନ ଆସିଛି। କାର୍ ବଦଳାଉଥିବା ଲୋକଙ୍କ ସଂଖ୍ୟା କମିଛି। ଏହାବାଦ ଅତିରିକ୍ତ ଯାନ କିଣୁଥିବା ଲୋକଙ୍କ ସଂଖ୍ୟାରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଲୋକମାନେ ସାଧାରଣ ପରିବହନ ବ୍ୟବସ୍ଥାରେ ଯିବାକୁ ଆଶଙ୍କା କରୁଥିବାରୁ ଏଭଳି ସ୍ଥିତି ଶିଳ୍ପରେ ଦେଖାଯାଇଛି।

ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ମାରୁତି ପ୍ରଥମ ଥର କାର କିଣୁଥିବା ଗ୍ରାହକଙ୍କ ସଂଖ୍ୟାରେ ୫.୫% ବୃଦ୍ଧି ଘଟି ୫୧-୫୩% ସ୍ତର ଛୁଇଁଛି। ୨୦୧୯-୨୦ ଆର୍ଥିକ ବର୍ଷ ଶେଷ ତ୍ରୈମାସ ତୁଳନାରେ ଏଭଳି ବୃଦ୍ଧି ରେକର୍ଡ କରାଯାଇଛି। ସେହିଭଳି ଯାନ କ୍ରୟ ଲାଗି ଲୋକମାନେ କରୁଥିବା ଇନ୍‌କ୍ୱାରି ବା ପଚରାଉଚୁରା କୋଭିଡ୍ ପୂର୍ବ ତୁଳନାରେ ୮୫ରୁ ୯୦% ବଢିଯାଇଛି। ମିନି ଏବଂ କମ୍ପାକ୍ଟ ଯାନ କ୍ରୟ କରିବା ନେଇ ପ୍ରାୟ ୬୫% ଗ୍ରାହକ ଜାଣିବାକୁ ଚାହୁଁଛନ୍ତି। ପୂର୍ବରୁ ଏହା ୫୫% ରହିଥିଲା। ଜୁଲାଇରେ ମାରୁତିର ମିନି କାର ସେଗ୍‌ମେଣ୍ଟ ଅଲ୍‌ଟୋ ଏବଂ ଏସ୍‌ପ୍ରେସୋ ବିକ୍ରି ୪୯.୧% ବଢି ୧୭,୨୫୮ ୟୁନିଟ ରହିଛି। ଗତବର୍ଷ ଏହି ବିକ୍ରି ୧୧,୫୫୭ ୟୁନିଟ୍ ରହିଥିଲା।

### କମ୍ପାନୀଗୁଡ଼ିକର ବିକ୍ରିରେ ଉନ୍ନତି

କୋଭିଡ୍ ଯୋଗୁ ପ୍ରଭାବିତ ସ୍ଥିତିରେ ରହିଥିବା ଅଟୋମୋବାଇଲ କମ୍ପାନୀଗୁଡିକର ବିକ୍ରିରେ ଧୀରେ ଧୀରେ ଉନ୍ନତି ପରିଲକ୍ଷିତ ହୋଇଛି। ପ୍ରମୁଖ କମ୍ପାନୀ ମାରୁତି ସୁଜୁକିର ଘରୋଇ ବଜାରରେ ବିକ୍ରି ଜୁଲାଇ ମାସରେ ୧.୩% ବଢିଥିବା ଜଣାପଡିଛି। ସେହିଭଳି ଏମ୍‌ଜି ମୋଟର୍ସ ଇଣ୍ଡିଆର ବିକ୍ରି ଏହି ଅବଧିରେ ୪୦% ବଢିଥିବା ନଜରକୁ ଆସିଛି। ସେହିଭଳି ଜୁନ ମାସର ବିକ୍ରି ତୁଳନାରେ ହ୍ୟୁଣ୍ଡାଇ ମୋଟର୍ସର ଯାନ ବିକ୍ରି ପ୍ରାୟ ୭୯% ବୃଦ୍ଧି ଘଟିଥିବା ଜଣାପଡିଛି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ମୋଟ ବିକ୍ରି ୩୬% ବଢିଥିବା ବେଳେ ଟୟୋଟା କିର୍ଲୋସ୍କାରର ବିକ୍ରି ଜୁନ୍ ତୁଳନାରେ ୩୯% ଅଧିକ ରହିଛି। ସେହିଭଳି ଜୁନ୍ ବିକ୍ରି ତୁଳନାରେ ହିରୋ ମୋଟୋକର୍ପ ବିକ୍ରି ୧୪% ବଢିଥିବା ଜଣାପଡିଛି।

## ଚାଇନାରେ ୬ ପ୍ଲାଣ୍ଟ ବନ୍ଦ କରିବେ ଆପଲ ଭେଣ୍ଡର

ନୂଆଦିଲ୍ଲୀ,୨।୮



ଆପଲ୍‌କୁ ଫୋନ ଯୋଗାଣ କରୁଥିବା କମ୍ପାନୀଗୁଡିକ ଚାଇନାରେ ୬ ପ୍ଲାଣ୍ଟ ବନ୍ଦ କରିବେ। ଏହି କମ୍ପାନୀଗୁଡିକ ଭାରତରେ ସେମାନଙ୍କ ମାନୁଫାକ୍‌ଚରିଂ ୟୁନିଟ ସ୍ଥାପନ କରିବା ଯୋଜନା ରଖିଛନ୍ତି। ଭାରତୀୟ ବଜାରର ଚାହିଦା ପୂରଣ କରିବା ସହ ବିଦେଶକୁ ଫୋନ ରପ୍ତାନି କରିବା ଲକ୍ଷ୍ୟରେ ଏଠାକୁ ମାନୁଫାକ୍‌ଚରିଂ ୟୁନିଟ ସ୍ଥାନାନ୍ତର କରିବାକୁ କମ୍ପାନୀଗୁଡିକ ନିଷ୍ପତ୍ତି ନେଇଥିବା ଏକ ରିପୋର୍ଟ ସାମ୍ନାକୁ ଆସିଛି। କମ୍ପାନୀଗୁଡିକ ଭାରତରେ ସେମାନଙ୍କ ଉତ୍ପାଦନ ୟୁନିଟ କାର୍ଯ୍ୟକ୍ଷମ କରାଇଲେ ଦେଶ ମଧ୍ୟରେ ପ୍ରାୟ ୫୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରିପୋର୍ଟରେ କୁହାଯାଇଛି। ଫୋନ ସହ ଟାବ୍‌ଲେଟ, ଲାପ୍‌ଟପ୍ ଏବଂ କମ୍ପ୍ୟୁଟର ମାନୁଫାକ୍‌ଚରିଂ ଲାଗି କମ୍ପାନୀଗୁଡିକ ଯୋଜନା ରଖିଛନ୍ତି। କମ୍ପାନୀଗୁଡିକ ମଧ୍ୟରେ ୱିସ୍‌ଟ୍ରନ, ପେଗାଟ୍ରନ, ଫକ୍ସକନ, କୋରିଆର ସାମ୍‌ସଙ୍ଗ, ଡିକ୍ସନ ଲାଭା ଭଳି କମ୍ପାନୀ ରହିଛନ୍ତି। ଭାରତରେ ସ୍ମାର୍ଟଫୋନ ନିର୍ମାଣ ୟୁନିଟ ବସାଇବା ଲାଗି ପ୍ରାୟ ୨୨ କମ୍ପାନୀ ଆଗ୍ରହ ଦେଖାଇଛନ୍ତି।

## ଭାରତକୁ ସହାୟତା ଦେଇପାରେ ଏଆଇଆଇବି

ନୂଆଦିଲ୍ଲୀ,୨।୮

ଭାରତର ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଧାରିବା ଲାଗି ଏସିଆନ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ(ଏଆଇଆଇବି) ଭାରତକୁ ୮ ବିଲିୟନ ଡଲାରର ସହାୟତା ପ୍ରଦାନ କରିପାରେ। ଏ ନେଇ ଭାରତ ସରକାର ବ୍ୟାଙ୍କ ସହ ଆଲୋଚନା କରୁଛନ୍ତି। ଦେଶ ମଧ୍ୟରେ ଆଗାମୀ ଦିନରେ ଆସୁଥିବା ହେଲ୍‌ଥ କେୟାର ଚ୍ୟାଲେଞ୍ଜକୁ ନଜରରେ ରଖି ଜିଲାସ୍ତରରେ ଉନ୍ନତ ସ୍ୱାସ୍ଥ୍ୟ ସୁବିଧା କରିବାକୁ ଏଭଳି ଯୋଜନା ସରକାର ପ୍ରସ୍ତୁତ କରୁଛନ୍ତି। କୋଭିଡ୍-୧୯ ବିରୋଧରେ ଲଢେଇ ଲାଗି ଏହି ମଲ୍ଟି ଲାଟେରାଲ ଏଜେନ୍ସି ଭାରତକୁ ୧.୨ ବିଲିୟନ ଡଲାରର ସହାୟତା ଘୋଷଣା କରିଛି। ନୂଆ ଯୋଜନା ଦିଗରେ ଭାରତ ସହ ଆଲୋଚନା ହେଉଛି ବୋଲି ଏଆଇଆଇବିର ଉପସଭାପତି ଡି.ଜେ. ପ୍ରଧାନ କହିଛନ୍ତି।

## ନିରନ୍ତର ବିଦ୍ୟୁତ୍ ଯୋଗାଣ ଲାଗି ପଦକ୍ଷେପ

ଭୁବନେଶ୍ୱର,୨।୮

ଟାଟା ପାୱାର ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିସିଓଡିଏଲ୍) ପକ୍ଷରୁ ଏହାର ପରିଚାଳନା ଏରିଆଗୁଡିକରେ ନିରନ୍ତର ବିଦ୍ୟୁତ ସେବା ଯୋଗାଣ ଲାଗି ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ୫ଟି ସର୍କଲରେ କମ୍ପାନୀ ଏହାର ବିତରଣ ସିଷ୍ଟମକୁ ଉନ୍ନତ କରିବା ଦିଗରେ ଫୋକସ କରିଛି। କମ୍ପାନୀ ପକ୍ଷରୁ ପାୱାର ସିଷ୍ଟମ ଏବଂ କଣ୍ଟ୍ରୋଲ ସିଷ୍ଟମ ବ୍ୟବସ୍ଥା ଶୁଭାରମ୍ଭ କରାଯାଇଛି। ଏହା ଦ୍ୱାରା ରିୟଲ ଟାଇମ ମନିଟରିଂ ଏବଂ ନେଟୱର୍କ ଅପରେଶନକୁ ନିୟନ୍ତ୍ରଣ କରିବାରେ ସୁବିଧା ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନର ନେଟୱର୍କ ସିଷ୍ଟମକୁ ସୁଧାରିବା ଲାଗି ଏହା ନିରନ୍ତର ଉଦ୍ୟମ ଜାରି ରଖିଛି। ୪ ହଜାରରୁ ଉର୍ଦ୍ଧ୍ୱ ସବ୍‌ଷ୍ଟେଶନଗୁଡିକୁ ଡେଭିଗେଶନ କରାଯାଇଛି। ସେହିଭଳି ସହରାଞ୍ଚଳରେ ଓଭରହେଡ ଲାଇନକୁ ଅଣ୍ଡର ଗ୍ରାଉଣ୍ଡ କରିବା ଦିଗରେ ଏହା ଯୋଜନା ଆରମ୍ଭ କରିଛି। ଭୁବନେଶ୍ୱରର ସଚିବାଳୟ ମାର୍ଗରେ ଅଗଷ୍ଟ ୧୫ ସୁଦ୍ଧା ଏଭଳି ଯୋଜନା କାର୍ଯ୍ୟକାରି କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ପିଏନ୍‌ବି ଆଣିଲା ସୁବିଧା କାର୍ଡ

ଭୁବନେଶ୍ୱର,୨।୮: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ' (ପିଏନ୍‌ବି) ପକ୍ଷରୁ ପବିତ୍ର ରକ୍ଷାବନ୍ଧନ ଅବସରରେ ନୂଆ ଉପହାର ଭେଟି ଦେବାକୁ ଯୋଜନା କରିଛି। ଏହି ପବିତ୍ର ଦିବସରେ ଭାଇଭଉଣୀଙ୍କ ପବିତ୍ର ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ ବ୍ୟାଙ୍କ ପକ୍ଷରୁ ଅନେକ ସୁବିଧାର ସମ୍ଭାର ଥିବା 'ପିଏନ୍‌ବି ସୁବିଧା କାର୍ଡ'ର ପ୍ରସ୍ତୁତି କରାଯାଇଛି। ବିଭିନ୍ନ ଅତ୍ୟାବଶ୍ୟକ ସେବା ଓ କାରବାର ପାଇଁ ମଧ୍ୟ ଏହାର ବ୍ୟବହାର କରାଯାଇପାରିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଡ ମାଧ୍ୟମରେ ଟଙ୍କା ଉଠାଣ, ବିଭିନ୍ନ ବିଲ୍ ପୈଠ ପର୍ଯ୍ୟନ୍ତ ସବୁ କାର୍ଯ୍ୟ ଓ ସ୍ଥାନରେ ବ୍ୟବହାର କରାଯାଇପାରିବ।

## ଓଏମ୍‌ସି ପକ୍ଷରୁ କୋଭିଡ୍ କେୟାର ହୋମ୍

ଭୁବନେଶ୍ୱର,୨।୮




ରାଜ୍ୟରେ ବୃଦ୍ଧି ପାଉଥିବା କରୋନା ସଂକ୍ରମିତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ କୋଭିଡ୍ କେୟାର ହୋମ ସ୍ଥାପନ ସମ୍ପର୍କରେ ଶନିବାର ଘୋଷଣା କରାଯାଇଛି। ଭୁବନେଶ୍ୱର ସମେତ ଓଏମ୍‌ସିର ଅନ୍ୟ ୩ଟି ଜୋନ୍ (ଦକ୍ଷିଣ) ଯଥା-କାଳିଆପାଣି, ଗନ୍ଧମାର୍ଦ୍ଦନ ଓ ଦୈତାରୀରେ ଏହି କୋଭିଡ୍ କେୟାର ହୋମ୍ ସ୍ଥାପିତ କରାଯାଇଛି। ପ୍ରତି ସ୍ଥାନରେ ୨୦ଟି ବେଡ୍‌ର ଆଇସୋଲେଶନ ବ୍ୟବସ୍ଥା କରାଯାଇଛି। ଏହି ହୋମ୍‌ଗୁଡିକରେ କୋଭିଡ୍-୧୯ ସନ୍ଦିଗ୍ଧ ଏବଂ ସଂକ୍ରମିତ ବ୍ୟକ୍ତିବିଶେଷ ଏକାନ୍ତବାସରେ ରହିପାରିବେ। ନିଗମ ୨ୟ ପର୍ଯ୍ୟାୟରେ ଅନ୍ୟ ୪ଟି ଜୋନ୍‌ରେ ଏହି ହୋମ ସ୍ଥାପନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହି ସ୍ଥାନଗୁଡିକରେ ୧୦ବେଡ୍ ବିଶିଷ୍ଟ କୋଭିଡ୍ କେୟାର ହୋମ ସ୍ଥାପନ କାମ ଜାରି ରହିଛି। ପୂର୍ବରୁ ନିଗମ କରୋନା ମୁକାବିଲା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୦୦ କୋଟିର ଅର୍ଥ ରାଶି ଦାନ କରିଛି। ସେହିଭଳି ୫୦୦ ବେଡ୍ ବିଶିଷ୍ଟ କିମ୍ସ କୋଭିଡ୍-୧୯ ହସ୍‌ପିଟାଲ ପାଇଁ ସରକାରଙ୍କୁ ନିଗମ ସହଯୋଗ କରୁଛି। ରାଜ୍ୟର ୮ଟି ଜିଲାରେ ମଧ୍ୟ କୋଭିଡ୍ ହସ୍‌ପିଟାଲ ପାଇଁ ଏହା ଯୋଗଦାନ ରଖିଛି।

# ରାଜ୍ୟ ଖବର

### ମହାନଦୀରେ ବୁଡ଼ି ନାବାଳିକା ମୃତ , ୨ ଭଉଣୀ ବର୍ତ୍ତିଗଲେ

ବାଙ୍କୀ,୨।୮(ସ୍ୱ.ପ୍ର.): କଟକ ଜିଲା ବାଙ୍କୀ ମହାନଦୀର ସୁନାଦେଇତୁଠରେ ରବିବାର ଅପରାହ୍ନରେ ଗାଧୋଇବାକୁ ଯାଇ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ୨ ସମ୍ପର୍କୀୟ ସାନ ଭଉଣୀ ବର୍ତ୍ତିଯାଇଛନ୍ତି। ମୃତକ ହେଲେ ସୁବା ରେଡିଙ୍କ ଝିଆରୀ ଲକ୍ଷ୍ମୀ ରେଡ୍ଡି(୧୪)। ଅପରପକ୍ଷେ ସୁବାଙ୍କ ୨ ଝିଅ ବିଷ୍ଣୁ ଓ ବୈଷ୍ଣବୀଙ୍କୁ ସ୍ଥାନୀୟ ଲୋକେ ଏବଂ ମତ୍ସ୍ୟଜୀବୀ ଉଦ୍ଧାର କରିଛନ୍ତି। ସୁବା ଆନ୍ଧ୍ରପ୍ରଦେଶରୁ ଆସି ବାଙ୍କୀ ଏନଏସି ଅନ୍ତର୍ଗତ ନୃସିଂହ ଛକଠାରେ ପରିବାର ସହ ମୁଢ଼ି ବ୍ୟବସାୟ କରୁଛନ୍ତି। ଅପରାହ୍ନରେ ସେ ୩ ପୁଅ, ୨ ଝିଅ ଓ ଝିଆରୀ ଲକ୍ଷ୍ମୀ ସହ ତୁଠକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ଲକ୍ଷ୍ମୀ, ବିଷ୍ଣୁ ଓ ବୈଷ୍ଣବୀ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ବିଷ୍ଣୁ ଓ ବୈଷ୍ଣବୀଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିବା ବେଳେ ଲକ୍ଷ୍ମୀ ନିଖୋଜ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ମହାନଦୀରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଙ୍କୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଲକ୍ଷ୍ମୀଙ୍କୁ ମୃତ ଘୋଷଣା କରିଥିଲେ।

### ନିରାଶ୍ରୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

କଟକ ଅଫିସ,୨।୮: ଏସ୍‌ସିବି ଆଇସୋଲେଶନ ୱାର୍ଡରେ ଜଣେ ନିରାଶ୍ରୟ କରୋନା ଆକ୍ରାନ୍ତଙ୍କ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଗତ ୩୧ ତାରିଖ ସନ୍ଧ୍ୟାବେଳେ ଉକ୍ତ ବ୍ୟକ୍ତିଙ୍କୁ କାଜୁଆଲିଟିରେ ଭର୍ତ୍ତି କରାଯାଇଥିଲା। ପରେ ଆଣ୍ଟିଜେନ ଟେଷ୍ଟ କରାଯିବାରୁ ରିପୋର୍ଟ ପଜିଟିଭ ବାହାରିଥିଲା। ସେହି ଆଧାରରେ କୋଭିଡ ଚିକିତ୍ସା କରିବା ପାଇଁ ତାଙ୍କୁ ଏସ୍‌ସିବି ଆଇସୋଲେଶନ ୱାର୍ଡରେ ରଖାଯାଇଥିଲା। ଚିକିତ୍ସା ଚାଲିଥିବା ସମୟରେ ଶରୀରରେ ଅମ୍ଳଜାନ ଅଭାବ ଦେଖାଦେବାରୁ ଅକ୍ସିଜେନ୍ ଥେରାପି ମଧ୍ୟ ଦିଆଯାଇଥିଲା। କିନ୍ତୁ ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା ହୋଇପାରି ନାହିଁ।

## ଷ୍ଟେଶନରୁ ୨୫ଲକ୍ଷର ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର,୨।୮ (ବ୍ୟୁରୋ)

ଓଡ଼ିଶାରୁ ଟ୍ରେନ୍‌ରେ ଦିଲ୍ଲୀ ଯାଉଛି ଗଞ୍ଜେଇ। କରୋନା କଟକଣା ଯୋଗୁ ଅନ୍ୟ ଜିଲାକୁ ଟ୍ରେନ୍ ଯାଉ ନ ଥିବାରୁ ଏବେ ଭୁବନେଶ୍ୱରରୁ ଗଞ୍ଜେଇ ଚୋରା ଚାଲାଣ ହେଉଛି। ରାୟଗଡ଼ାରୁ ଅନ୍ୟଗାଡ଼ିରେ ଗଞ୍ଜେଇ ଅଣାଯାଇ ଟ୍ରେନ୍‌ରେ ପଠାଯାଉଥିବାବେଳେ ଭୁବନେଶ୍ୱର ରେଳ ଷ୍ଟେଶନରେ ଧରାପଡିଛି। ଜିଆର୍‌ପି ଥାନା ପୋଲିସ ୪୧୦ କେଜି ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ୨ଜଣ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଷ୍ଟେଶନ ନିକଟ ବୁଦ୍ଧେଶ୍ୱରୀ କଲୋନୀରେ ରହୁଥିବା ଗଞ୍ଜାମ ପୋଲସରାର ସାଗର ପ୍ରଧାନ ଓ ସନ୍ତୋଷ ସାହୁ। ଏନେଇ ପୋଲିସ ଏନ୍‌ଡିପିଏସ୍ ମାମଲା ନଂ.୮୪/୨୦ ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଏଥିସହ ଓଡ଼ିଶାରୁ ଦିଲ୍ଲୀ ଲମ୍ବିଥିବା ଏହି ଗଞ୍ଜେଇ ଚୋରା ଚାଲାଣ ର୍‍ୟାକେଟର ପର୍ଦ୍ଦାଫାଶ ପାଇଁ ତଦନ୍ତ ଆରମ୍ଭ କରିଛି। ତେବେ ଜବତ ଗଞ୍ଜେଇର ବଜାର ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ଓ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଆବଶ୍ୟକ ପଡ଼ିଲେ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସୂଚନା ମିଳିଛି।



ଜବତ ଗଞ୍ଜେଇ ଓଜନ କରାଯାଉଛି।

ଜିଆର୍‌ପିର ସୂଚନାନୁସାରେ, ସାଗର ଓ ସନ୍ତୋଷ ଉକ୍ତ ଗଞ୍ଜେଇକୁ ଅତି ଚତୁରତାର ସହ ଚାଲାଣ କରୁଥିଲେ। ଧରା ନ ପଡ଼ିବା ପାଇଁ ତାହାକୁ ସେଲୋଟେପ୍‌ରେ ଗୁଡ଼ାଇ ଗୋଲା ଆକାର ପ୍ରସ୍ତୁତ କରାଯାଇଥିଲା। ୭ଟି ଗୋଲାକୁ ଏକ ବ୍ୟାଗ୍‌ରେ ଭର୍ତ୍ତି କରାଯାଇ ୧୦ କାର୍ଟୁନରେ ରଖାଯାଇ ସିଲ୍ କରିଦିଆଯାଇଥିଲା। ତେବେ ସେମାନେ ଏକ ବୋଲେରୋରେ ଗଞ୍ଜେଇ ଧରି ରାୟଗଡ଼ାରୁ ଭୁବନେଶ୍ୱର ରେଳ ଷ୍ଟେଶନ ଆସିଥିଲେ। ପାର୍ସଲରେ କାଜୁଥିବା ଓ ତାହା ଦିଲ୍ଲୀ ଯିବ ବୋଲି କହି ଷ୍ଟେଶନରେ ୱେ ବିଲ୍ କାଟିଥିଲେ। ଏହାପରେ କର୍ମଚାରୀମାନେ ଓଜନ କରିବାବେଳେ ସନ୍ଦେହ ହୋଇଥିଲା। କାର୍ଟୁନଗୁଡ଼ିକର ଆକାର ଅନୁସାରେ ଓଜନ କମ୍ ରହୁଥିବାରୁ ସେମାନେ ପାର୍ସଲକୁ କାଟି ଯାଞ୍ଚ କରିବା ପରେ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଏହି ପାର୍ସଲଗୁଡ଼ିକ ରାତି ୧୧ଟାରେ ପୁରୁଷୋତ୍ତମ ଏକ୍ସପ୍ରେକ୍ସରେ ଦିଲ୍ଲୀ ଯିବାର ଥିବାବେଳେ ରାତି ୧୦ଟାରେ ଜିଆର୍‌ପି ଥାନା ପୋଲିସ ପାର୍ସଲ ଜବତ କରିଥିଲା। ଏଥିସହ ସାଗର ଓ ସନ୍ତୋଷଙ୍କୁ ଗିରଫ କରି ପଚରାଉଚରାବେଳେ ଏଥିରେ ଏକ ବଡ଼ ର୍‍ୟାକେଟ କାମ କରୁଥିବା ଜଣାପଡ଼ିଥିଲା। ର୍‍ୟାକେଟର ଆଉ ୩ଜଣ ମାଷ୍ଟରମାଇଣ୍ଡ ଭୁବନେଶ୍ୱରରେ ଥିବାବେଳେ ରାୟଗଡ଼ା ଓ ଦିଲ୍ଲୀରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ପୋଲିସ ଖୋଳତାଡ଼ ଆରମ୍ଭ କରିଛି।

**ଓଡ଼ିଶାରୁ ଦିଲ୍ଲୀ ଲମ୍ବିଛି ର୍‍ୟାକେଟ**

- ରାୟଗଡ଼ାରୁ ବୋଲେରୋରେ ଆଣି ଭୁବନେଶ୍ୱରରୁ ଟ୍ରେନ୍‌ରେ ପଠାଯାଉଥିଲା
- କାଜୁ ପାର୍ସଲ କହି ୱେ ବିଲ୍ ବି କାଟିଥିଲେ ଅଭିଯୁକ୍ତ
- ଓଜନରେ ସନ୍ଦେହ ହେବାରୁ ଧରାପଡିଲା

## ପଶ୍ଚିମବଙ୍ଗ ଲକ୍‌ଡାଉନ୍ ଯୋଗୁ ରେଳସେବା ପ୍ରଭାବିତ

**ଏକାଧିକ ଟ୍ରେନ୍ ବାତିଲ, ଆଂଶିକ ବାତିଲ ଓ ରହଣି ପ୍ରତ୍ୟାହାର**

ଭୁବନେଶ୍ୱର,୨।୮(ବ୍ୟୁରୋ): ପଶ୍ଚିମବଙ୍ଗରେ ଲକ୍‌ଡାଉନ ଯୋଗୁ ପୂର୍ବତଟ ରେଳପଥର ଟ୍ରେନ ସେବା ପ୍ରଭାବିତ ହୋଇଛି। ଚଳିତ ମାସରେ ଆଉକିଛି ଅଞ୍ଚଳକୁ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ କରାଯାଉଥିବାରୁ ଟ୍ରେନ ସେବା ବାତିଲ, ଆଂଶିକ ବାତିଲ ଓ ରହଣି ପ୍ରତ୍ୟାହାର କରାଯାଇଛି। ଆସନ୍ତା ୫, ୮, ୧୬, ୧୭, ୨୩, ୨୪ ଓ ୩୧ ତାରିଖରେ ୫ଟି ଟ୍ରେନ୍ ବାତିଲ ହେବ। ହାଓଡ଼ାରୁ ଛାଡୁଥିବା ହାଓଡ଼ା-ଯଶୋବନ୍ତପୁର ଦୁରନ୍ତୋ ସ୍ପେଶାଲକୁ ୫, ୮, ୧୬ ଓ ୨୩ ତାରିଖରେ ବାତିଲ କରାଯିବ। ଯଶୋବନ୍ତପୁରରୁ ଛାଡୁଥିବା ଯଶୋବନ୍ତପୁର-ହାଓଡ଼ା ଦୁରନ୍ତୋ ସ୍ପେଶାଲ ୭, ୧୦, ୧୬, ୧୮, ୨୩, ୨୫ ଓ ୩୦ ତାରିଖରେ ବାତିଲ ରହିବ। ସିଆଲ୍‌ଦାରୁ ଛାଡୁଥିବା ସିଆଲ୍‌ଦା-ଭୁବନେଶ୍ୱର ଦୂରନ୍ତୋ ସ୍ପେଶାଲ ୩ ତାରିଖ ଓ ଭୁବନେଶ୍ୱରରୁ ଛାଡୁଥିବା ଭୁବନେଶ୍ୱର-ସିଆଲ୍‌ଦା ଦୂରନ୍ତୋ ସ୍ପେଶାଲ ୪ ତାରିଖରେ ବାତିଲ ରହିବ। ସେହିଭଳି ଭୁବନେଶ୍ୱର-ହାଓଡ଼ା-ଭୁବନେଶ୍ୱର ଜନଶତାବ୍ଦୀ ସ୍ପେଶାଲକୁ ୫, ୮, ୧୬, ୧୭, ୨୩, ୨୪ ଓ ୩୧ ତାରିଖରେ ଉଭୟ ଦିଗରୁ ବାତିଲ କରାଯିବ। ଅନ୍ୟପକ୍ଷରେ ସିକନ୍ଦରାବାଦ-ହାଓଡ଼ା ଫଲକ୍‌ନୁମା ସ୍ପେଶାଲ ଏକ୍ସପ୍ରେସ ଆସନ୍ତା ୪, ୭, ୧୫, ୧୬, ୨୨, ୨୩ ଓ ୩୦ ତାରିଖରେ ହାଓଡ଼ା ପରିବର୍ତ୍ତେ ଭୁବନେଶ୍ୱରଠାରେ ଯାତ୍ରା ସମାପ୍ତ କରିବ। ହାଓଡ଼ା-ସିକନ୍ଦରାବାଦ ଫଲକ୍‌ନୁମା ସ୍ପେଶାଲ ୫, ୮, ୧୬, ୧୭, ୨୩, ୨୪ ଓ ୩୧ ତାରିଖରେ ହାଓଡ଼ା ପରିବର୍ତ୍ତେ ଭୁବନେଶ୍ୱରରୁ ଛାଡିବ ଏବଂ ସେହି ତାରିଖଗୁଡିକରେ ଏହା ହାଓଡ଼ାଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବାତିଲ ରହିବ। ଭୁବନେଶ୍ୱର-ନୂଆଦିଲ୍ଲୀ ସ୍ପେଶାଲ ପୁରୁଷୋତ୍ତମ ଏକ୍ସପ୍ରେସ ଓ ନୂଆଦିଲ୍ଲୀ-ଭୁବନେଶ୍ୱର ପୁରୁଷୋତ୍ତମ ଏକ୍ସପ୍ରେସ ୪, ୭, ୧୫, ୧୬, ୨୨, ୨୩ ଓ ୩୦ ତାରିଖରେ ପୁରୁଲିଆ ଓ ହିଜ୍‌ଲୀଠାରେ ରହଣି କରିବ ନାହିଁ। ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ୫, ୮, ୧୬, ୧୭, ୨୩, ୨୪ ଓ ୩୧ ତାରିଖରେ ଏବଂ ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ୪, ୭, ୧୫, ୧୬, ୨୨, ୨୩ ଓ ୩୦ ତାରିଖରେ ଉଭୟ ଦିଗରୁ ହିଜ୍‌ଲୀରେ ରହିବନାହିଁ। ସିଆଲ୍‌ଦା(କୋଲକାତା)-ଭୁବନେଶ୍ୱର ଦୂରନ୍ତୋ ଏକ୍ସପ୍ରେସ୍ ୧୭, ୨୪ ଓ ୩୧ ତାରିଖରେ ଏବଂ ଭୁବନେଶ୍ୱର-ସିଆଲ୍‌ଦା ଦୂରନ୍ତୋ ଏକ୍ସପ୍ରେସ ୧୫ ଓ ୨୨ ତାରିଖରେ ଉଭୟ ଦିଗରୁ ଖଡ଼ଗପୁରରେ ରହଣି କରିବନାହିଁ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଉତ୍ତେଜନା

**ଅତ୍ୟାବଶ୍ୟକ ସାମଗ୍ରୀ ଚଢ଼ାଦରରେ ବିକ୍ରି ହେଉଥିବାରୁ ପ୍ରତିବାଦ ଜଣାଇଲେ ବାସିନ୍ଦା**

କଟକ ଅଫିସ,୨।୮: କଣ୍ଟେନମେଣ୍ଟ ଜୋନ୍‌ରେ ଥିବା କଟକ ସହରର ପୁରୁଣା ରାଉସପାଟଣା ଅଞ୍ଚଳରେ ଅତ୍ୟାବଶ୍ୟକ ସେବା ଓ ସାମଗ୍ରୀ ଯୋଗାଣରେ ଅବ୍ୟବସ୍ଥା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଏକାଠି ହୋଇ ଅଭିଯୋଗ ଉଠାଇବା ପରେ ଏହାକୁ କେନ୍ଦ୍ରକରି ରବିବାର କିଛି ସମୟ ଉତ୍ତେଜନା ଦେଖାଦେଇଛି।

ଉଲ୍ଲେଖଯୋଗ୍ୟ, କଟକ ସହରର ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୨୭ ନଂ ୱାର୍ଡର ପୁରୁଣା ରାଉସପାଟଣାରେ ସର୍ବାଧିକ ୧୦୯ ଜଣ ରହିଛନ୍ତି। ଏଥିପାଇଁ ଗତ ଜୁଲାଇ ୧୨ରେ ଉକ୍ତ ଅଞ୍ଚଳକୁ କଟକ ମହାନଗର ନିଗମ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଥିଲା। ନିଷିଦ୍ଧାଞ୍ଚଳ ହେବା ପରେ ଏଠାରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବାକୁ ନିୟୋଜିତ ବିକ୍ରେତା ଚଢ଼ାଦରରେ ସାମଗ୍ରୀ ବିକିଲେ। ପରିବା ଓ ଗ୍ରସେରୀ ସାମଗ୍ରୀକୁ ନେଇ କଳାବଜାର ଚାଲିଲା। ସିଏମ୍‌ସି ପକ୍ଷରୁ ନିୟୋଜିତ ଅଧିକାରୀଙ୍କୁ ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଜଣାଇଥିଲେ ମଧ୍ୟ ଫଳ କିଛି ହୋଇ ନ ଥିଲା। ଏହି ଅଞ୍ଚଳର ଜନସଂଖ୍ୟା ୧୪ଶହ ଓ ଏଠାରେ ନିମ୍ନ ମଧ୍ୟବିତ୍ତ ପରିବାରର ଅଧିକ ଲୋକ ରହିଛନ୍ତି। କଣ୍ଟେନମେଣ୍ଟ ଜୋନ୍ ହେବା ପରଠାରୁ ସେମାନଙ୍କ ରୋଜଗାର ପ୍ରଭାବିତ ହୋଇଥିବା ବେଳେ ଏବେ ଅତ୍ୟାବଶ୍ୟକ ସାମଗ୍ରୀର ଦର ଅଧିକ ରହିବା ସେମାନଙ୍କୁ ବାଧୁଛି। ଅନ୍ୟପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଦାୟିତ୍ୱରେ ଥିବା ଅଧିକାରୀ ଉମାକାନ୍ତ ମହାନ୍ତି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ବିକ୍ରେତାମାନେ କୌଣସି ସାମଗ୍ରୀର ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦର ନେଉନାହାନ୍ତି।



କଣ୍ଟେନ୍‌ମେଣ୍ଟରେ ଥିବା ପୁରୁଣା ରାଉସପାଟଣାରେ ରବିବାର ସ୍ଥାନୀୟ ବାସିନ୍ଦା ଅବ୍ୟବସ୍ଥାର ପ୍ରତିବାଦ ଜଣାଉଛନ୍ତି।



ଆଗାମୀ ୱେବ୍ ସିରିଜ୍ ଜରିଆରେ ଅଭିନେତ୍ରୀ ଟିନା ଦତ୍ତା ଡିଜିଟାଲ ଦୁନିଆରେ ପାଦ ଥାପିବାକୁ ଯାଉଛନ୍ତି। 'ଉତ୍ତରଣ'ଟିଭି ଶୋ'ରେ ଅଭିନୟ ମାଧ୍ୟମରେ ଖ୍ୟାତି ଅର୍ଜନ କରିଥିବା ଟିନା ଏବେ 'ନକ୍କଲ' ୱେବ୍ ସିରିଜ ପାଇଁ କାମ କରୁଛନ୍ତି। ସେ ଏଥିରେ ଏକ ଭିନ୍ନ ଅବତାରରେ ଆସିବେ ବୋଲି ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

## ମୃଣାଳଙ୍କ କମାଲ୍



ମୃଣାଳ ଠାକୁର

**ମୁମ୍ବାଇ:** ଅଭିନେତ୍ରୀ ମୃଣାଳ ଠାକୁର ଏବେ ଘରେ ଘରେ ପରିଚିତ। ସିରିଏଲ 'କୁମ୍‌କୁମ୍ ଭାଗ୍ୟ'ରେ ବୁଲବୁଲ ଚରିତ୍ରରେ ଅଭିନୟ କରିଥିବା ଏହି ଅଭିନେତ୍ରୀ ହ୍ରିତିକଙ୍କ ଫିଲ୍ମ ସୁପର ୩୦ରେ ନଜର ଆସିଥିଲେ। ଏହି ଫିଲ୍ମରେ ସେ ହ୍ରିତିକଙ୍କ ସ୍ତ୍ରୀ ଭୂମିକାରେ ଅଭିନୟ କରିଥିଲେ। ଫିଲ୍ମ 'ଲଭ ସୋନିଆ'ରୁ ସେ ବଲିଉଡ୍‌ରେ ଯାତ୍ରା ଆରମ୍ଭ କରିଥିଲେ। ୧୯୯୨ ଅଗଷ୍ଟ ୧ରେ ନାଗପୁରରେ ଜନ୍ମିତ ମୃଣାଳଙ୍କ ନିକ୍ ନାଁ ଗୋଲି। ୨୦୧୨ରେ ସେ ସିରିଏଲ୍‌ରୁ ଡେବ୍ୟୁ କରିଥିଲେ। ତାଙ୍କ ପ୍ରଥମ ସିରିଏଲ 'ମୁଝସେ କୁଛ୍ କେହେତି ହୈ ୟେ ଖାମୋସିଆଁ' ୨୦୧୨ରୁ ୨୦୧୪ ଯାଏ ଚାଲିଥିଲା। ଜି ଟିଭିର 'କୁମ୍‌କୁମ୍ ଭାଗ୍ୟ'ରେ ସେ ବୁଲ୍‌ବୁଲ୍ ଚରିତ୍ରରେ ଅଭିନୟ କରିବା ପରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ମୃଣାଳ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ନୂଆ ହୋଇଥିଲେ ହେଁ ତାଙ୍କ ଫ୍ୟାନ ଫଲୋଇଙ୍ଗ୍ ଅଧିକ। ଏବେ ସେ ସୋସିଆଲ ମିଡିଆରେ ସକ୍ରିୟ। ନିକଟରେ ସେ ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁରେ ଗଭୀର ମର୍ମାହତ ହୋଇପଡ଼ିଛନ୍ତି ବୋଲି ଇନ୍‌ଷ୍ଟାଗ୍ରାମରେ କହିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତ କାମନା କରିଥିଲେ। ବଲିଉଡ୍‌ରେ ବ୍ରେକ୍ ମିଳିବା ସହଜ ନୁହେଁ ଯଦି କେହି ଗଡ୍ ଫାଦର୍ ନାହାନ୍ତି। କିନ୍ତୁ ନିଜର ଟ୍ୟାଲେଣ୍ଟ ଥିଲେ କେହି ଅଟକେଇ ପାରିବେନି। ଏହା ଭାବିକି ମୁଁ ଆଗକୁ ବଢ଼ୁଛି। ମୃଣାଳ 'ଲଭ ସୋନିଆ' ଜରିଆରେ ବଲିଉଡ ଡେବ୍ୟୁ କରିଥିଲେ। ଏହି ଫିଲ୍ମକୁ ସଫଳତା ମଧ୍ୟ ମିଳିଥିଲା। ସେ ଜନଙ୍କ 'ବାଟଲା ହାଉସ'ରେ ନଜର ଆସିଥିଲେ।

# ବିଦେଶରେ ମହକୁଛି ମଥୁରା ତୁଳସୀମାଳି

**ବୈଷ୍ଣବ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ ତୁଳସୀ ସେବା। କେଉଁ ଆବହମାନ କାଳରୁ ତୁଳସୀ ବୈଷ୍ଣବ ଧର୍ମାବଲମ୍ବୀଙ୍କ ବିଶ୍ୱାସର ପ୍ରତୀକ ହୋଇରହିଛି। କେବଳ ତୁଳସୀ ନୁହେଁ, ଏହି ଗଛର କାଠରୁ ନିର୍ମିତ 'କଣ୍ଠମାଳି'ର ଆଦର ମଧ୍ୟ କାହିଁରେ କେତେ। ତେବେ ତୁଳସୀମାଳି ପାଇଁ ନିଜକୁ ସ୍ୱାବଲମ୍ବୀ କରିପାରିଛି ଶ୍ରୀକୃଷ୍ଣଙ୍କ ଜନ୍ମଭୂମି ମଥୁରା ନିକଟବର୍ତ୍ତୀ ଗ୍ରାମ 'ଜୈନ୍ତ'। ଏଠାକାର ଶତାଧିକ ପରିବାର ତୁଳସୀମାଳି ତିଆରିକୁ ଜୀବିକା ଭାବେ ବାଛିଛନ୍ତି। ନିକଟରେ ବିଶ୍ୱବ୍ୟାଙ୍କ ଏହାକୁ ପୋଷ୍ୟଭାବେ ଗ୍ରହଣ କରିବା ପରେ ରୁଷିଆ, ଆମେରିକା ଯାଏ ପହଞ୍ଚିଛି ତୁଳସୀମାଳି ବ୍ୟବସାୟ।**



**ମଥୁରା:** କରୋନା ସମୟରେ ଦେଖାଦେଇଥିବା ଆର୍ଥିକ ମାନ୍ଦାବସ୍ଥାର ମୁକାବିଲା କରିବା ଲାଗି ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦିଆଯାଉଛି। ହେଲେ ମଥୁରା ନିକଟବର୍ତ୍ତୀ 'ଜୈନ୍ତ' ଗ୍ରାମ ଦୀର୍ଘବର୍ଷ ହେଲା ନିଜକୁ ସ୍ୱାବଲମ୍ବୀ କରିପାରିଛି। ଗ୍ରାମର ଘର ଅଗଣା ତୁଳସୀର ମହକରେ ମହକି ଉଠିଛି। ଜମିରେ ମଧ୍ୟ ପ୍ରୟୋଗାତ୍ମକ ଭାବେ ତୁଳସୀ ଅରଣ୍ୟ ସୃଷ୍ଟି ହୋଇଛି। ରୋଜଗାର ପାଇଁ ସାଧାରଣତଃ ଲୋକମାନେ ଭିଟାମାଟି ଛାଡ଼ି ବାହାରକୁ ଦାଦନ ଖଟିବାକୁ ଯାଉଥିବାବେଳେ ଗ୍ରାମର ହଜାର ହଜାର ଲୋକଙ୍କ ପେଟପାଟଣା କଥା ବୁଝୁଛି 'ତୁଳସୀମାଳି'। ଖାଣ୍ଟି ତୁଳସୀ କାଠରେ ପ୍ରସ୍ତୁତ କରାଯାଉଥିବା ଏହି ମାଳିକୁ ବିଶ୍ୱବ୍ୟାପୀ ସ୍ୱୀକୃତି ମିଳିଛି। ଏହାକୁ ବ୍ୟବସାୟର ମାଧ୍ୟମ କରି ଗ୍ରାମବାସୀ ଘରେ ବସି ରୋଜଗାର କରୁଛନ୍ତି ଲକ୍ଷାଧିକ ଟଙ୍କା।

ବ୍ରଜଭୂମି ନାମରେ ପରିଚିତ ମଥୁରା ଭାରତର ଆଧ୍ୟାତ୍ମିକ ସହର ମଧ୍ୟରୁ ଗୋଟିଏ। ମଥୁରା ସହର ମୁଖ୍ୟାଳୟଠାରୁ ପ୍ରାୟ ୮ କିମି ଦୂରରେ ଅବସ୍ଥିତ 'ଜୈନ୍ତ' ଗ୍ରାମ। ବିଭିନ୍ନ ପ୍ରଜାତିର ତୁଳସୀ ଏବଂ ତୁଳସୀକାଠରୁ ତିଆରି ଉତ୍ପାଦ ପାଇଁ ଦେଶ ବିଦେଶରେ ଏହାର ସୁନାମ ରହିଛି। ୧୩ ଶହ ପରିବାର ବିଶିଷ୍ଟ ଏହି ଗ୍ରାମର ଜନସଂଖ୍ୟା ପ୍ରାୟ ୧୭,୦୦୦। ତନ୍ମଧ୍ୟରୁ ୭୦୦ ପରିବାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ତୁଳସୀ ଚାଷ ଏବଂ 'କଣ୍ଠମାଳି' ବ୍ୟବସାୟ ଉପରେ ନିର୍ଭରଶୀଳ। କହିବାକୁ ଗଲେ ଗ୍ରାମର ଅର୍ଥବ୍ୟବସ୍ଥା ତୁଳସୀ ଉପରେ ତିଷ୍ଠି ରହିଛି। ଜମି ଥିବା ପରିବାର ତୁଳସୀ ଚାଷ କରୁଥିବାବେଳେ ଭୂମିହୀନମାନେ 'କଣ୍ଠମାଳି' ତିଆରିକୁ ବୃତ୍ତି ଭାବେ ଗ୍ରହଣ କରିଛନ୍ତି।

ଗ୍ରାମରେ ପ୍ରାୟ ୧୦୦ ବର୍ଷ ତଳେ ପାରମ୍ପରିକ ଚାଷ ସହିତ ତୁଳସୀ ଚାଷ ଆରମ୍ଭ ହୋଇଥିଲା। ଧୀରେ ଧୀରେ ଏଥିରୁ ଭଲ ଦି ପଇସା ରୋଜଗାର କଲେ ଚାଷୀ। ଗ୍ରାମର ତୁଳସୀ ଚାଷ କରୁଥିବା ଜଣେ ଚାଷୀ ହେଲେ ରାମକରନ। ତାଙ୍କର ୬ ଏକର ଜମି ମଧ୍ୟରୁ ୩ ଏକରରେ ସେ ତୁଳସୀ ଚାଷ କରିଛନ୍ତି। ଏହି ଚାଷରେ ସେ ହେଉଛନ୍ତି ପରିବାରର ତୃତୀୟ ପିଢ଼ି। ସାଧାରଣତଃ ଫେବୃଆରୀରୁ ଏପ୍ରିଲରେ ତୁଳସୀ ଚାରା ରୋପଣ କରାଯାଏ। ଦେଢ଼ ମାସ ଭିତରେ ଗଛ ବଡ଼ ହୋଇଯାଇଥାଏ। ଗୋଟିଏ ବିଘା ଜମିରେ ୧୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ୨୫ ହଜାର ଟଙ୍କା ଯାଏ ଲାଭ ମିଳିଥାଏ। ରାମକରନ ଆହୁରି ମଧ୍ୟ କହିଛନ୍ତି, ତୁଳସୀ ଉତ୍ପାଦ ବିକ୍ରି କରିବାକୁ ଚାଷୀଙ୍କୁ ବାହାରକୁ ଯିବାକୁ ପଡ଼େନାହିଁ। ସ୍ଥାନୀୟ ମନ୍ଦିର, ବୃନ୍ଦାବନର ବ୍ୟବସାୟୀମାନେ ଏଠାକୁ ଆସି ସାମଗ୍ରୀ ନେଇଯାଇଥାନ୍ତି। ତୁଳସୀ ପତ୍ର ଏବଂ ମାଳିକୁ ଅଲଗା ଅଲଗା ବିକ୍ରି କରାଯାଇଥାଏ। ଶୁଖିଲା ପତ୍ର ବି ନଷ୍ଟ ହୁଏନାହିଁ। ଏହାକୁ ଆୟୁର୍ବେଦିକ କମ୍ପାନୀମାନେ ଆସି କିଣି ନେଇଥାନ୍ତି।

**ବିଶ୍ୱବ୍ୟାଙ୍କ ପ୍ରୋତ୍ସାହନ ପରେ ରୁଷିଆ, ଆମେରିକାକୁ ହେଉଛି ରପ୍ତାନି**

କଣ୍ଠମାଳି ବ୍ୟବସାୟୀ ଗୋବିନ୍ଦା କହିଛନ୍ତି, ଚାରି ପିଢ଼ି ଧରି ତାଙ୍କ ପରିବାର ଏହି ବ୍ୟବସାୟ କରି ଆସୁଛନ୍ତି। ସେ ଜମିରୁ ସିଧାସଳଖ କଞ୍ଚାମାଲ କିଣିଥାନ୍ତି। ସେଥିରୁ କିଛି ପରିମାଣର ମାଳି ସେ ନିଜେ ତିଆରି କରୁଥିବାବେଳେ ଗ୍ରାମର ଅନ୍ୟ କାରିଗରଙ୍କୁ ମଧ୍ୟ ସାମଗ୍ରୀ ଯୋଗାଇଥାନ୍ତି। ଗୋଟିଏ ପତଳା କଣ୍ଠମାଳି ପ୍ରସ୍ତୁତିରେ ଟଙ୍କାଏରୁ ୨ଟଙ୍କା ଖର୍ଚ୍ଚ ହେଉଥିବାବେଳେ ୧୦ରୁ ୧୫ ଟଙ୍କାରେ ବିକ୍ରି କରାଯାଏ। ଜଣେ କାରିଗର ଦିନକରେ ୨୦ଟି ଛୋଟ ମାଳି ପ୍ରସ୍ତୁତ କରିଥାଏ। ପ୍ରତି ପରିବାରରେ ୪-୫ଜଣ ଏହି କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ସେହିପରି ଗୋଟିଏ ଦିନରେ ଜଣେ ୧୦ ବଡ଼ମାଳି ପ୍ରସ୍ତୁତ କରିପାରିବେ। ଏହି ହିସାବରେ ଦେଖିଲେ ଗୋଟିଏ ପରିବାର ପ୍ରତିଦିନ ୮୦୦ରୁ ୧୦୦୦ ଟଙ୍କା ଯାଏ ରୋଜଗାର କରିଥାନ୍ତି। ହୋଲ୍‌ସେଲରେ କଣ୍ଠମାଳି ବ୍ୟବସାୟ କରୁଥିବା ଅଜୟ ଗୋୟଲ କୁହନ୍ତି, ଏଠାକାର କଣ୍ଠମାଳିର ଚାହିଦା ଆମେରିକା ଏବଂ ରୁଷିଆରେ ବେଶି। ସେଠାରେ ରହୁଥିବା ହିନ୍ଦୁ ଧର୍ମାବଲମ୍ବୀମାନେ ଏହି କଣ୍ଠମାଳି ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଏହାକୁ ବାଦ୍ ଦେଲେ ଦେଶର ଅଧିକାଂଶ ରାଜ୍ୟକୁ ଏଠାରୁ ମାଳି ଯାଇଥାଏ। ନାମୀଦାମୀ ବ୍ୟବସାୟୀମାନେ ମଧ୍ୟ ଏଠାକୁ ଆସି ଅଗ୍ରିମ ଦେଇ ମାଳି ଖରିଦ୍ କରିଥାନ୍ତି। ବିଶ୍ୱବ୍ୟାଙ୍କ ଗ୍ରାମକୁ ପୋଷ୍ୟ ଭାବେ ଗ୍ରହଣ କରିବା ପରେ ବ୍ୟବସାୟ ବଢ଼ିଛି। କ୍ଷେତକୁ ଯିବାକୁ ପକ୍କା ରାସ୍ତା ତିଆରି ହୋଇଛି। ଅତ୍ୟାଧୁନିକ ମେଶିନ ବସାଇବା ଲାଗି ପ୍ରସ୍ତାବ ଦିଆଯାଇଛି। ଏହା ହେଲେ କାରବାର ବିଶ୍ୱସ୍ତରୀୟ ହୋଇପାରିବ ବୋଲି ସେ କହିଛନ୍ତି।

## ରାମଲାଲାଙ୍କ ଲଡୁରେ ପୁଲଓ୍ୱାମା କେଶର, କେରଳ କାଜୁ

**ଅଯୋଧ୍ୟା:** ଅଗଷ୍ଟ ୫ରେ ଅଯୋଧ୍ୟାରେ ରାମମନ୍ଦିରର ଭୂମି ପୂଜନ ଉତ୍ସବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ସମ୍ପନ୍ନ ହେବ। ଏନେଇ ରାମଲଲାଙ୍କୁ ଲାଗିହେବାକୁ ଥିବା ଲଡୁ ପ୍ରସ୍ତୁତି ଜୋର୍ ସୋର୍‌ରେ ଜାରି ରହିଛି। ଲଡୁରେ ଜମ୍ମୁ-କଶ୍ମୀର ପୁଲଓ୍ୱାମାର କେଶର ବ୍ୟବହୃତ ହୋଇଛି। ଏଥିରେ କେରଳର କାଜୁ, କିସମିସ୍ ଏବଂ ଅଳେଇଚ ବ୍ୟବହାର କରାଯାଇଛି। ସେହିପରି ଲଡୁ ତିଆରିର ବେଙ୍ଗାଲୁରୁର ଗୁଆଘିଅ ବ୍ୟବହାର ହୋଇଛି। ଲଡୁ ତିଆରିରେ ଅଷ୍ଟ୍ରେଲିଆର ରାଜା ବ୍ରାଣ୍ଡ୍ ବେସନକୁ ବ୍ୟବହାର କରାଯାଇଥିବାବେଳେ ଚିନି ଉତ୍ତରପ୍ରଦେଶ ଚିନିକଳରୁ ଆସିଛି। ଲଡୁକୁ ରଖିବା ପାଇଁ ପ୍ୟାକେଟ ପାଟନାରୁ ଆସିଥିବା କୁହାଯାଉଛି। ଏହାକୁ ରଘୁପତି ଲଡୁ ଭାବେ ବିତରଣ କରାଯିବ ବୋଲି ମହାବୀର ମନ୍ଦିର ଟ୍ରଷ୍ଟର ସଚିବ ଆଚାର୍ଯ୍ୟ କିଶୋର କୃଣାଳ ସୂଚନା ଦେଇଛନ୍ତି।



## ଏମିତି ଗାଁ, ଯେଉଁଠି ରାଖୀ ବାନ୍ଧିବା ଅଶୁଭ

**ଲକ୍ଷ୍ନୌ:** ରକ୍ଷାବନ୍ଧନ ପର୍ବକୁ ନେଇ ସାରା ଦେଶରେ ଉତ୍ସାହ ଭରି ରହିଥିବା ବେଳେ ଏମିତି ଏକ ଗାଁ ରହିଛି ଯେଉଁଠି ଏହି ପର୍ବ ପାଳନକୁ ଅଶୁଭ ବୋଲି ଧରାଯାଏ। ଏଭଳି ଏକ ଗାଁ ହେଉଛି ଉତ୍ତରପ୍ରଦେଶର ଗୋଣ୍ଡା ଜିଲାର ଜଗତପୁରବା। ଏହି ଗାଁରେ ଭଉଣୀମାନେ କେବେହେଲେ ସେମାନଙ୍କ ଭାଇ ହାତରେ ରାଖୀ ବାନ୍ଧନ୍ତି ନାହିଁ। ଗାଁ ଲୋକଙ୍କର ବିଶ୍ୱାସ ରହିଛି କି ରାଖୀ ବାନ୍ଧିଲେ ଘରେ ଅଶୁଭ ଘଟଣା ଘଟିବ।

ଗାଁରେ ପୂର୍ବଜମାନେ ଏହି ଉତ୍ସବ ପାଳନ କରିବା ପାଇଁ କଟକଣା ଆରମ୍ଭ କରିଥିଲେ। କୁହାଯାଏ ବହୁ ବର୍ଷ ପୂର୍ବେ ଥରେ ରକ୍ଷାବନ୍ଧନ ଦିନ ଏହି ଗାଁରେ ଜଣେ ଯୁବକଙ୍କର ହଠାତ୍ ମୃତ୍ୟୁ ହୋଇଯାଇଥିଲା। ସଂଯୋଗବଶତଃ ସେଦିନ ରାଖୀପୂର୍ଣ୍ଣିମା ଥିଲା ଓ ଯୁବକଜଣକ ମଧ୍ୟ ରାଖୀ ବାନ୍ଧିଥିଲେ। ତେଣୁ ଏଭଳି ଦୁର୍ଘଟଣା ଘଟିବା ପରେ ଲୋକେ ରାଖୀପୂର୍ଣ୍ଣିମା ଦିନଟିକୁ ଅଶୁଭ ବୋଲି ଧରି ନେଇଥିଲେ। ସେହିଦିନ ଠାରୁ ଗାଁରେ ରାଖୀପୂର୍ଣ୍ଣିମା ଉତ୍ସବ ପାଳନ କରାଯାଏ ନାହିଁ। ବହୁ ବର୍ଷର ଏହି ବିଶ୍ୱାସ ପିଢ଼ି ପରେ ପିଢ଼ି ଶୁଣିବା ଫଳରେ ରାଖୀ ବାନ୍ଧିବାକୁ ଭୟ କରୁଛନ୍ତି। ଏମିତି କି ଏହି ଗାଁର ଯୁବତୀମାନେ ଅନ୍ୟ ଗାଁକୁ ବିବାହ କରିଯିବା ପରେ ବି ସେଠାରେ ଅନ୍ୟ କାହା ହାତରେ ରାଖୀ ବାନ୍ଧିବା ପାଇଁ ପସନ୍ଦ କରୁନାହାନ୍ତି।

## ଭାରତରେ ୨୭ କୋଟି ଶିଶୁଙ୍କ ରକ୍ତରେ ଜହର

**ଜେନେଭା:** ଭାରତରେ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଦେଶର ୨୭ କୋଟି ୫୦ ଲକ୍ଷରୁ ଅଧିକ ଶିଶୁଙ୍କ ରକ୍ତରେ ଜହର ରହିଛି। ରକ୍ତରେ ସୀସାର ମାତ୍ରା ବୃଦ୍ଧି ପାଇବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ରିପୋର୍ଟରେ ଦର୍ଶାଯାଇଛି। ପୃଥିବୀର ୮୦ କୋଟିରୁ ଅଧିକ ଶିଶୁଙ୍କଠାରେ ଏହି ସମସ୍ୟା ଦେଖାଯାଉଥିବା ୟୁନିସେଫ୍ ଏବଂ ପ୍ୟୁର ଆର୍ଥ ସଂସ୍ଥା ଦ୍ୱାରା ହୋଇଥିବା ଏହି ମିଳିତ ସର୍ଭେ ପୃଥିବୀର ବିଭିନ୍ନ ଦେଶରେ କରାଯାଇଛି। ଏଥିରେ ପ୍ରକାଶ ପାଇଛି ଯେ, ଦକ୍ଷିଣ ଏସିଆରେ ୪୦ କୋଟିରୁ ଅଧିକ ଶିଶୁଙ୍କଠାରେ ଲେଡ୍ ପଏଜନିଂ ସମସ୍ୟା ଦେଖାଦେଇଥାଏ। ଗରିବ ଏବଂ ଅଣବିକଶିତ ଦେଶଗୁଡ଼ିକରେ ଏଭଳି ସମସ୍ୟା ଅଧିକ ଦୃଷ୍ଟିଗୋଚର ହେଉଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ରିପୋର୍ଟକୁ ୱାଶିଂଟନ ବିଶ୍ୱବିଦ୍ୟାଳୟ ଦ୍ୱାରା ବିଶ୍ଳେଷଣ କରାଯାଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି, ସୀସାର ପ୍ରଭାବ ଶିଶୁଙ୍କ ମସ୍ତିଷ୍କ, ହୃଦୟ, ଫୁସ୍‌ଫୁସ୍, କିଡ୍‌ନୀ ଆଦି ଉପରେ ପଡ଼ିଥାଏ। ଲେଡ୍ ବ୍ୟାଟେରୀର ଅସୁରକ୍ଷିତ ରିସାଇକ୍ଲିଂ ଯୋଗୁ ମାଟିରେ ଅଧିକ ପରିମାଣର ସୀସା ରହୁଛି। ଏହା ପରବର୍ତ୍ତୀ ସମୟରେ ଫୁଡ୍ ଚେନ୍ ଦ୍ୱାରା ଶିଶୁଙ୍କ ଶରୀରରେ ପ୍ରବେଶ କରୁଛି। ଭାରତର ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଏବଂ ବିହାରରେ ଏଭଳି ରିସାଇକ୍ଲିଂ ଅଧିକ ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି।

## ୭ ଫୁଟ୍ ଲମ୍ବର ରାଖୀ



**ଚଣ୍ଡିଗଡ଼:** ରକ୍ଷାବନ୍ଧନ ପର୍ବକୁ ନେଇ ଏଥର ସବୁଆଡ଼େ ଉତ୍ସାହ ଫିକା ପଡ଼ିଯାଇଛି। କରୋନା ସଂକ୍ରମଣ ରୋକିବା ପାଇଁ ଏଥର ରାଖୀ ବଜାରରେ କଟକଣା ଜାରି କରାଯାଇଛି। ଏଥିପାଇଁ ଅଧିକାଂଶ ସ୍ଥାନରେ ପିଲାମାନେ ଘରେ ରାଖୀ ତିଆରି କରୁଛନ୍ତି। ଭାଇ ହାତରେ ସ୍ନେହର ଡୋରି ବାନ୍ଧି ପରମ୍ପରାକୁ ବଜାୟ ରଖିବେ। ଏମିତି ଏକ ଲକ୍ଷ୍ୟରେ ଏବେ ପଞ୍ଜାବ ଚଣ୍ଡିଗଡ଼ର ମହିଳାମାନେ ଏକ ଭିନ୍ନ ଧରଣର ରାଖୀ ତିଆରି କରିଛନ୍ତି, ଯାହାର ଲମ୍ବ ୭ଫୁଟ୍।

ଚଣ୍ଡିଗଡ଼ର ଏକ ମହିଳା ଗୋଷ୍ଠୀ ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କ ପାଇଁ ରାଖୀ ତିଆରି କରି ବିକ୍ରି କରୁଥିଲେ। ପାରମ୍ପରିକ ଶୈଳୀରେ ସେମାନେ ବିଭିନ୍ନ ପ୍ରକାର ରାଖୀ ତିଆରି କରିବା ସହିତ ଏକ ବିଶେଷ ଧରଣର ରାଖୀ କରି ଏବେ ଚର୍ଚ୍ଚାକୁ ଆସିଛନ୍ତି। ସମସ୍ତ ମହିଳା ମିଶି ୭ ଫୁଟ୍ ଲମ୍ବର ଏକ ରାଖୀ ତିଆରି କରି ହନୁମାନଙ୍କ ମନ୍ଦିରକୁ ଦାନ କରିଥିଲେ। ହନୁମାନଙ୍କୁ ଚଢ଼ାଇବା ପାଇଁ ତିଆରି ହୋଇଥିବା ଏହି ରାଖୀଟି ଇକୋ ଫ୍ରେଣ୍ଡ୍‌ଲି। ଏଥିରେ ଏକ ରୁଦ୍ରାକ୍ଷ ମଧ୍ୟ ଲଗାଯାଇଛି। ଏତେବଡ଼ ରାଖୀ ତିଆରି କରିବାକୁ ମହିଳାମାନେ ଦିନକୁ ପ୍ରାୟ ୨ରୁ ୩ ଘଣ୍ଟା ଲେଖାଏ ୧୫ ଦିନ ପର୍ଯ୍ୟନ୍ତ କାମ କରିଥିଲେ।

## ଚେନାବ ନଦୀରେ ବିଶ୍ୱର ସର୍ବୋଚ୍ଚ ରେଳ ପୋଲ

**ନୂଆଦିଲ୍ଲୀ:** ଜମ୍ମୁ-କଶ୍ମୀରର ଚେନାବ ନଦୀରେ ନିର୍ମାଣ ହେଉଥିବା ବିଶ୍ୱର ସର୍ବୋଚ୍ଚ ରେଲୱେ ବ୍ରିଜ୍ ଆସନ୍ତାବର୍ଷ ସୁଦ୍ଧା ପ୍ରସ୍ତୁତ ହୋଇଯିବ। ଏହି ବ୍ରିଜ୍ କାର୍ଯ୍ୟକ୍ଷମ ହେଲେ ୨୦୨୨ ସୁଦ୍ଧା ପ୍ରଥମ ଥର ଉପତ୍ୟକାକୁ ରେଳ ଯୋଗେ ଅବଶିଷ୍ଟ ଭାରତ ସହ ଯୋଡ଼ାଯାଇପାରିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଭୂପୃଷ୍ଠରୁ ୩୫୯ ମିଟର ଉଚ୍ଚରେ ନିର୍ମାଣ ହେଉଥିବା ଏହି ବ୍ରିଜ୍‌ର ଦୈର୍ଘ୍ୟ ୪୬୭ ମିଟର। ଦିଲ୍ଲୀ କୁତବ ମିନରର ଉଚ୍ଚତା ୭୨ ମିଟର ହୋଇଥିବାବେଳେ ପ୍ୟାରିସ୍‌ର ଇଫେଲ୍ ଟାୱାରର ଉଚ୍ଚତା ୩୨୪ ମିଟର। ବିଶ୍ୱର ଏହି ସର୍ବୋଚ୍ଚ ରେଲୱେ ବ୍ରିଜ୍ ଏଭଳି ତିଆରି ହୋଇଛି ଯାହା ଘଣ୍ଟାପ୍ରତି ୨୬୬ କିଲୋମିଟର ପବନକୁ ସମ୍ଭାଳିପାରିବ ବୋଲି ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି।

**୨୦୨୨ରେ ସମ୍ପୂର୍ଣ୍ଣ ହେବ**



କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ଉଚ୍ଚ ପଦାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଷେ ପୂର୍ବରୁ ବ୍ରିଜ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ଉକ୍ତ ରେଳଲାଇନର ଉଧମପୁର-କଟ୍ରା (୨୫ କି.ମି.) ସେକ୍ସନ, ବନିହାଲ-କ୍ୱାଜିଗଣ୍ଡ (୧୮ କି.ମି.) ସେକ୍ସନ ଏବଂ କ୍ୱାଜିଗଣ୍ଡ-ବାରମୁଲ୍ଲା (୧୧୮ କି.ମି.) ସେକ୍ସନ କମିଶନ ହୋଇସାରିଛି। ଅବଶିଷ୍ଟ ୧୧୧ କି.ମି. କାଟ୍ରା ବନିହାଲ ସେକ୍ସନ କାର୍ଯ୍ୟ ଚାଲିଛି, ଯାହା ଆସନ୍ତା ବର୍ଷ ଡିସେମ୍ବର ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ୧୭୪ କିଲୋମିଟର ଟନେଲ ମଧ୍ୟରୁ ୧୨୬ କିଲୋମିଟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

ଜମ୍ମୁ-କଶ୍ମୀରରେ ସାମାଜିକ-ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସନ୍ତୁଳିତ ଆଞ୍ଚଳିକ ବିକାଶ ପାଇଁ ୨୦୧୫ ନଭେମ୍ବରରେ ୮୦,୦୬୮ କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ବିକାଶ ପ୍ୟାକେଜ୍ (ପିଏମ୍‌ଡିପି) ଘୋଷଣା କରାଯାଇଥିଲା। ମୌଳିକ ଭିତ୍ତିଭୂମି ବିକାଶରେ ଏହି ଅର୍ଥ ବିନିଯୋଗ କରାଯାଇଥିଲା। ଗତବର୍ଷ ଅଗଷ୍ଟରେ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ପିଏମ୍‌ଡିପି ଅର୍ଥରୁ ୫୮,୬୨୭ କୋଟିରେ ୫୪ଟି ପ୍ରକଳ୍ପ ଏବଂ ଲଦାଖରେ ୨୧,୪୪୧ କୋଟି ଟଙ୍କାରେ ୯ଟି ପ୍ରକଳ୍ପ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ୨୦୧୮ ଜୁନ୍‌ରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଗତ ବର୍ଷକ ମଧ୍ୟରେ ଏହା ବେଶ୍ ତ୍ୱରାନ୍ୱିତ ହୋଇଥିଲା।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଶ୍ରୀମତୀ ଶାନ୍ତିଲତା ପ୍ରଧାନ
ଖାସମହଲ କଲୋନୀ, ଜଟଣୀ
କରୋନା ସାମାଜିକ ଦୂରତାଠାରୁ ତୁମେ ବହୁ ଦୂରରେ ଅଛ, ସାରାବିଶ୍ୱ ଔଷଧ ଖୋଜିଲା ପରି ତୁମେ ଆମ ଭାବନାରେ ଅଛ। ଆଖିପତା ବୁଜିଲେ ଭାସି ଆସେ ପ୍ରତିଟି ମୁହୂର୍ତ୍ତର ସ୍ମୃତି, ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ବିନତି।
-:ଶୋକସନ୍ତପ୍ତ:-
ସ୍ୱା: ଭାସ୍କର, ପୁତ୍ର: ବାପି, ପପୁ ଓ ଟିକିଲା, ପୁତ୍ରବଧୂ: କୁଇ, ମିଲି, ନାତି, ନାତୁଣୀ, ତୁଡ଼ି, ଦିୟା ଓ ଧନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୭୮୬୭

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଡକ୍ଟର ରବିନାରାୟଣ ମିଶ୍ର
ତିରୋଧାନ - ରାକ୍ଷୀ ପୂର୍ଣ୍ଣିମା
(25.8.2018)
ନାନା, ... ଆଜିକୁ ୨ ବର୍ଷ ବିତିଗଲା,
ତୁମ ପଥକୁ ଚାହିଁ ଚାହିଁ। ତୁମେ ଜଗନ୍ନାଥଙ୍କ
ପାଖରେ ଭଲରେ ଥିବ ନିଶ୍ଚୟ।
କିନ୍ତୁ ଆମ ଆଖିରୁ ଲୁହ ଝରି ଚାଲିଛି,
ଆମର ଅତୀତର ଦିନ ଗୁଡ଼ିକ ସ୍ମରଣ କରି।
ଆଶୀର୍ବାଦ ଦେବ
ସୋନି - ମୁନୀ
ଧ-୬୯୭୧୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ କାଶିନାଥ ପ୍ରଧାନ
ଲକ୍ଷ୍ମୀନାରାୟଣ ନଗର, ଆଙ୍କୁଲି, ବ୍ରହ୍ମପୁର
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆଜି ରାକ୍ଷୀପୂର୍ଣ୍ଣିମା ତିଥିରେ ତୁମେ ଚାଲିଗଲ, ହେଲେ ତୁମର ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କ ହୃଦୟରେ ସବୁଦିନ ପାଇଁ ସ୍ମୃତିହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
ଇଚ୍ଛାରାଣୀ ନାୟକ, ସୁବାଷ ଚନ୍ଦ୍ର ନାୟକ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୬୬୬୪୩

# ଏକୁଟିଆପଣ ଦୂର କରିବ ରୋବୋ

ଆଜିକାଲି ରୋବୋର ବ୍ୟବହାର ବିଭିନ୍ନ କ୍ଷେତ୍ରରେ କରାଯାଉଛି। ଚିକିତ୍ସା ବିଜ୍ଞାନକୁ ବାଦ୍ ଦେଲେ ଜଣେ ବ୍ୟକ୍ତିଙ୍କ ଜୀବନର କେତେକ ଘଟଣାରେ ରୋବୋ ସହାୟତା କରିବା ସହ ଅନେକ ସମସ୍ୟାର ସମାଧାନ ମଧ୍ୟ କରିପାରୁଛି। ନିକଟରେ ଇଂଲଣ୍ଡର ବୈଜ୍ଞାନିକମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ଏକୁଟିଆପଣ ଦୂର କରିବାରେ ସହାୟକ ହେବ। ନିଜକୁ ବୋରିଂ ଲାଗୁଥିଲେ କିମ୍ବା ଏକୁଟିଆ ଅନୁଭବ କରୁଥିଲେ ଉକ୍ତ ହାଇଟେକ୍ ରୋବୋକୁ ନିଜର ନିଃସଙ୍ଗତାର ସାଥୀ ଭାବରେ ବାଛିପାରିବେ। ଏହି ସମୟରେ ସଂପୃକ୍ତ ବ୍ୟକ୍ତି ଏହି ରୋବୋ ମାଧ୍ୟମରେ ନିଜର ମନ ପସନ୍ଦର ଗୀତ ଶୁଣିପାରିବ। ତା'ସହ କ'ଣ କଲେ ଏକୁଟିଆପଣ ଦୂର ହୋଇପାରିବ ସେ ନେଇ ମଧ୍ୟ କିଛି ପରାମର୍ଶ ଦେଇପାରିବ। ବିଶେଷଭାବରେ ଏହି ରୋବୋ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଅଧିକ ସହାୟକ ହୋଇପାରିବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଆଲର୍ଜିରୁ ରକ୍ଷା କରେ ଭିଟାମିନ୍ 'ଇ'

ଭିଟାମିନ୍ 'ଇ' ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ବିଶେଷଭାବରେ ଏଥିରେ ଥିବା



ସ୍ୱାସ୍ଥ୍ୟୋପକାରୀ ଗୁଣ ଆଲର୍ଜି ପରି ସମସ୍ୟାରୁ ଅନେକାଂଶରେ ରକ୍ଷା କରିଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟିଅକ୍ସିଡେଣ୍ଟ ପରି କାମ କରେ। ଏପରି ଖାଦ୍ୟର ଆଉ ଏକ ଖାସ୍ ଗୁଣ ରହିଛି। ତାହା ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଶରୀରରେ ଲାଲ ରକ୍ତକୋଷିକା ନିର୍ମାଣରେ ସାହାଯ୍ୟ କରିଥାଏ। ଆମ ଶରୀରରେ ପିଟ୍ୟୁଟାରୀ ଗ୍ରନ୍ଥି ଏବଂ ଥାଇରଏଡ୍ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ଏହା ସହାୟକ ହୋଇଥାଏ। ଗଜାମୁଗ, ଗଜା ବୁଟ, ସୂର୍ଯ୍ୟମୁଖୀ ତେଲ, କରଡ଼ି ତେଲ, କପା ତେଲରେ ଭିଟାମିନ୍ 'ଇ' ଭରି ରହିଛି।

# ଷ୍ଟେମ୍ ସେଲ୍ ଓ ମସ୍ତିଷ୍କ ଟିସୁ



ଆଜିକାଲି କେତେକ କ୍ଷେତ୍ରରେ ଷ୍ଟେମ୍ ସେଲ୍ର ବ୍ୟବହାର କରାଯାଉଛି। ଏହାଦ୍ୱାରା ମସ୍ତିଷ୍କର ସେଲ୍ (ଟିସୁ)କୁ ବିକଶିତ କରାଯାଇପାରିବ ବୋଲି ପ୍ରକାଶ କରିଛନ୍ତି ସିଡ୍ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ। ସେମାନେ ନିକଟରେ ଏପରି ଏକ ଷ୍ଟେମ୍ ସେଲ୍ ପ୍ରସ୍ତୁତ କରିଛନ୍ତି। ପରୀକ୍ଷାମୂଳକ ଭାବରେ ଏହି ନୂଆ ଷ୍ଟେମ୍ ସେଲ୍କୁ ମୂଷାଙ୍କର ମସ୍ତିଷ୍କରେ ପ୍ରତିରୋପଣ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଏଥିରୁ ସଫଳତା ମିଳିବା ପରେ ଏହି ଷ୍ଟେମ୍ ସେଲ୍କୁ ମନୁଷ୍ୟମାନଙ୍କ ମସ୍ତିଷ୍କରେ ପ୍ରତିରୋପଣ କରି ସଫଳତା ମିଳିବ ବୋଲି ସେମାନେ ଆଶାବାଦୀ ଅଛନ୍ତି। ତେବେ ଏହା ପୂର୍ବରୁ ସେମାନେ ଉକ୍ତ ଷ୍ଟେମ୍ ସେଲ୍ ଉପରେ ଆହୁରି ଗବେଷଣା କରିବାକୁ ଯୋଜନା କରିଛନ୍ତି ବୋଲି ଏହି ଗବେଷଣାର ମୁଖ୍ୟ ଡା. ଜେରୁଜେନ୍ କ୍ଲୋବିଲିଚ୍ ପ୍ରକାଶ କରିଛନ୍ତି।

# ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ଉଷୁମ ପାଣି

ଉଷୁମ ପାଣି ନିୟମିତ ପିଇଲେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ଆଜିକାଲି ଅନେକ ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଖାଦ୍ୟପେୟ ପ୍ରତି ଦୃଷ୍ଟି ଦେବା



ସହ ଆଉ ଏକ ସରଳ ତଥା ସହଜ ଉପାୟ ଆପଣେଇ ପାରନ୍ତି। ନିୟମିତ ଉଷୁମ ପାଣି ପିଇଲେ ଓଜନ ସନ୍ତୁଳିତ ରହିଥାଏ। ପ୍ରତିଦିନ ସକାଳେ ଉଷୁମ ପାଣିରେ ଲେମ୍ବୁ ଚିପୁଡ଼ି ପିଇଲେ ତାହା ପେଟକୁ ପରିଷ୍କାର ରଖିଥାଏ। ଏହା ମଧ୍ୟ ଶରୀରରେ ଚର୍ବି ଅଂଶକୁ କମାଇ ଦିଏ। କେବଳ ସେତିକି ନୁହେଁ, ଉଷୁମ ପାଣି ପିଇବା ଦ୍ୱାରା ଭଲ ଭୋକ ହୁଏ। ଏହାଦ୍ୱାରା ଆଉ ଏକ ଉପକାର ମଧ୍ୟ ମିଳିଥାଏ। ପ୍ରତିଦିନ ଉଷୁମ ପାଣି ପିଇଲେ ରକ୍ତ ସଞ୍ଚାଳନ ପ୍ରକ୍ରିୟା ସନ୍ତୁଳିତ ରହିଥାଏ। ଏହା ମଧ୍ୟ ଚର୍ମରେ ନମନୀୟତା ଆଣିବାରେ ଅନେକାଂଶରେ ସାହାଯ୍ୟ କରେ। ନିୟମିତ ଉଷୁମ ପାଣି ପିଇବା ଦ୍ୱାରା ଶରୀର ପୂର୍ବ ଅପେକ୍ଷା ଆହୁରି ସକ୍ରିୟ ରହିଥାଏ ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପୁଷ୍ଟିବିଜ୍ଞାନୀମାନେ ମତପୋଷଣ କରିଛନ୍ତି।

# ନେଓୱାଇଜ୍ ଧୂମକେତୁ





ପ୍ର. ରମେଶ ଚନ୍ଦ୍ର ପରିଡ଼ା

"ଚଳିତବର୍ଷ ପ୍ରାରମ୍ଭରେ ଆମ ଆକାଶକୁ ଆସିଥିବା ଦୁଇଟି ଧୂମକେତୁ 'ଆଟଲାସ୍' ଏବଂ 'ଶ୍ୱାନ୍' ଆମର ଦୃଷ୍ଟିଗୋଚର ହୋଇପାରି ନ ଥିଲେ ହେଁ ବର୍ତ୍ତମାନର 'ନେଓୱାଇଜ୍'କୁ ଆମେ ଖାଲି ଆଖିରେ ଦେଖିପାରୁଛେ। ବୈଜ୍ଞାନିକମାନେ 'ସି-୨୦୨୦ ଏଫ-୩' ତାଲିକାଭୁକ୍ତ କରିଥିବା ଏହି ଧୂମକେତୁ ବିଗତ ମାର୍ଚ୍ଚ ୨୨ ତାରିଖ ଦିନ ସୂର୍ଯ୍ୟଙ୍କଠାରୁ ୩୧.୨ କୋଟି କିମି ଦୂରରେ ଅବସ୍ଥାନ କରିଥିବା ବେଳେ ପ୍ରଥମେ ଦୂରବୀକ୍ଷଣଯନ୍ତ୍ରରେ ଧରାପଡ଼ିଥିଲା। ତା'ପରେ ଜୁଲାଇ ୩ ତାରିଖ ବେଳକୁ ତାହାର ଅଧିକ ନିକଟବର୍ତ୍ତୀ ହେଲାପରେ ଏହାର ପୁଚ୍ଛଟି ଦୃଶ୍ୟମାନ ହେଲା।"

କାକତାଳିକ ନ୍ୟାୟରେ କୌଣସି ଘଟଣାକୁ ଚିରନ୍ତନ ସତ୍ୟ ବୋଲି ପ୍ରତିପାଦିତ କରୁଥିବା ଲୋକଙ୍କ ପାଇଁ ଏବେ ପୁଣି ଆସିଛି ଏକ ବିରଳ ସୁଯୋଗ। ସମଗ୍ର ବିଶ୍ୱ ମହାମାରୀ କୋଭିଡ୍-୧୯ ବା ନୂତନ କରୋନାର ପ୍ରକୋପରେ ତ୍ରାହି ତ୍ରାହି ଡାକ ଦେଲାବେଳେ ଆକାଶରେ ପ୍ରକଟିତ ହୋଇଛି ଚଳିତ ଶତାବ୍ଦୀର ପ୍ରଥମ ଦୃଶ୍ୟମାନ ଧୂମକେତୁ 'ନେଓୱାଇଜ୍'। ଯୁଗଯୁଗ ଧରି ଧୂମକେତୁର ଆବିର୍ଭାବ ବିପର୍ଯ୍ୟୟ ଆଣିଥାଏ ବୋଲି ବିଶ୍ୱାସ ସାରା ଦୁନିଆରେ ଚଳିଆସିଛି। ଅତଏବ ଏହାକୁ ନେଇ ସାଧାରଣ ଜନମାନସରେ ସୃଷ୍ଟି ହେଲାଣି ଆଶଙ୍କା ଓ ଆତଙ୍କ। ଅନ୍ୟପକ୍ଷରେ ଏପରି ବିଶ୍ୱାସ ଯେ କେତେଦୂର ବିଜ୍ଞାନସମ୍ମତ ତାହାକୁ ନେଇ ମଧ୍ୟ ଅନେକଙ୍କ ମନରେ ପ୍ରଶ୍ନ ଉଠୁଛି। ଏପରିସ୍ଥଳେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆଣିବାକୁ ହେଲେ ଧୂମକେତୁ କ'ଣ ଏବଂ ତାହା ପୃଥିବୀର ପୃଷ୍ଠଭାଗକୁ କିପରି ପ୍ରଭାବିତ କରିବାର ସମ୍ଭାବନା ରହିଛି ସେ ବିଷୟରେ ବିଶ୍ଳେଷଣ କରାଯିବା ଆବଶ୍ୟକ।

ଧୂମକେତୁଗୁଡ଼ିକ ହେଲେ ବିରାଟ ବିରାଟ ଉପବୃତ୍ତାକାର କକ୍ଷରେ ସୂର୍ଯ୍ୟଙ୍କୁ ପ୍ରଭାବିତ କରୁଥିବା ମହାକାଶ ପିଣ୍ଡ। ଏମାନଙ୍କ ସଂଖ୍ୟା ହଜାର ହଜାର। ତେବେ, ଆଜି ପର୍ଯ୍ୟନ୍ତ ତହିଁରୁ ୩୬୫୦ଟି ଚିହ୍ନଟ ହୋଇପାରିଛି। ସାଧାରଣତଃ ସେଗୁଡ଼ିକ ସୂର୍ଯ୍ୟ ଚତୁଃପାର୍ଶ୍ୱରେ ଥିବା 'କୁପିୟର ବେଲଟ୍' ନାମକ ଏକ ବଳୟ ଏବଂ ଆହୁରି ଦୂରେ ଥିବା 'ଓରଟ୍' ବାଦଲରେ ଅବସ୍ଥାନ କରୁଥାଆନ୍ତି। ତାଙ୍କର କକ୍ଷପଥ ଉପବୃତ୍ତାକାର ହୋଇଥିବାରୁ ସେମାନେ କେତେବେଳେ ସୂର୍ଯ୍ୟର ନିକଟତର ତ ଆଉ କେତେବେଳେ ଦୂରତର ହୋଇଥାଆନ୍ତି। ଦୂରରେ ଥିବାବେଳେ ଆମେ ସେଗୁଡ଼ିକୁ ଦେଖିପାରୁନା। ତେବେ ସୂର୍ଯ୍ୟ ନିକଟକୁ ଆସିଗଲେ ତାଙ୍କର ପୁଚ୍ଛ ସୃଷ୍ଟି ହୁଏ ଏବଂ ଆମେ ତାହାକୁ ଦେଖିବାକୁ ସକ୍ଷମ ହେଉ।

ଏହି ମହାକାଶପିଣ୍ଡଗୁଡ଼ିକ ଘନୀଭୂତ ବାଷ୍ପ, କଠିନ ଶିଳାଖଣ୍ଡ ଏବଂ ଧୂଳିରେ ଗଢ଼ା। ସୂର୍ଯ୍ୟ ନିକଟକୁ ଆସିଗଲେ ତହିଁରୁ ଘନୀଭୂତ ବାଷ୍ପଗୁଡ଼ିକ ବାଷ୍ପୀଭୂତ ହୋଇଯାଆନ୍ତି ଏବଂ ସୌରବାୟୁ ତାହାକୁ ଦୂରକୁ ଠେଲି ଦିଏ। ଫଳରେ ତାହା ପୁଚ୍ଛ ସୃଷ୍ଟି ହୁଏ। ଅନ୍ୟପକ୍ଷରେ, କଠିନ ଅଂଶଟି ଅପରିବର୍ତ୍ତିତ ରହି ପ୍ରତୀୟମାନ ହୁଏ ତାରକାଟିଏ ଭଳି (ମୁଣ୍ଡ)। ସେଥିପାଇଁ ଏହାକୁ 'ଲଞ୍ଜାତାରା' ବୋଲି ମଧ୍ୟ କୁହାଯାଏ।

ଧୂମକେତୁଗୁଡ଼ିକର ଆକାର ଭିନ୍ନଭିନ୍ନ। ତହିଁରୁ ଅନେକ ଏତେ ଛୋଟ ଯେ ତାହା ଆମେ ଆଦୌ ଦେଖିପାରୁନା। ତେବେ, ବଡ଼ଗୁଡିକ ସୂର୍ଯ୍ୟ ନିକଟତର ହୋଇ ପୁଚ୍ଛଯୁକ୍ତ ହେଲେ ତାହା ଚିହ୍ନଟ ହୁଏ। ଉଦାହରଣସ୍ୱରୂପ ଚଳିତବର୍ଷ ପ୍ରାରମ୍ଭରେ ଆମ ଆକାଶକୁ ଆସିଥିବା ଦୁଇଟି ଧୂମକେତୁ 'ଆଟଲାସ୍' ଏବଂ 'ଶ୍ୱାନ୍' ଆମର ଦୃଷ୍ଟିଗୋଚର ହୋଇପାରି ନ ଥିଲେ ହେଁ ବର୍ତ୍ତମାନର 'ନେଓୱାଇଜ୍'କୁ ଆମେ ଖାଲି ଆଖିରେ ଦେଖିପାରୁଛେ। ବୈଜ୍ଞାନିକମାନେ 'ସି-୨୦୨୦ ଏଫ-୩' ତାଲିକାଭୁକ୍ତ କରିଥିବା ଏହି ଧୂମକେତୁ ବିଗତ ମାର୍ଚ୍ଚ ୨୨ ତାରିଖ ଦିନ ସୂର୍ଯ୍ୟଙ୍କଠାରୁ ୩୧.୨ କୋଟି କିମି ଦୂରରେ ଅବସ୍ଥାନ କରିଥିବା ବେଳେ ପ୍ରଥମେ ଦୂରବୀକ୍ଷଣଯନ୍ତ୍ରରେ ଧରାପଡ଼ିଥିଲା। ତା'ପରେ ଜୁଲାଇ ୩ ତାରିଖ ବେଳକୁ ତାହାର ଅଧିକ ନିକଟବର୍ତ୍ତୀ ହେଲାପରେ ଏହାର ପୁଚ୍ଛଟି ଦୃଶ୍ୟମାନ ହେଲା। ଅତଏବ ଜୁଲାଇ ୧୨ରୁ ୨୨ ତାରିଖ ମଧ୍ୟରେ ସୂର୍ଯ୍ୟାସ୍ତ ସମୟରେ ଉତ୍ତର-ପଶ୍ଚିମ ଦିଗ୍ବଳୟରେ ସପ୍ତର୍ଷିମଣ୍ଡଳ ନିକଟରେ ଖାଲି ଆଖିକୁ ତାହା ଦେଖାଗଲା। କ୍ରମେ ଏହି ମହାକାଶପିଣ୍ଡଟି ପୃଥିବୀର ପ୍ରାୟ ୧୦.୩ କୋଟି କିମି ନିକଟକୁ ଆସି ଜୁଲାଇ ୩୦ ତାରିଖ ବେଳକୁ ଅଦୃଶ୍ୟ ହୋଇଯାଇଛି।

ବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ କୁପରନିକସ ଧୂମକେତୁକୁ ପୃଥିବୀର ବାୟୁମଣ୍ଡଳରେ ସୃଷ୍ଟି ହେଉଥିବା ଏକ ଅସ୍ଥାୟୀ ଡାଞ୍ଚା, ଯାହା କି ଅଶୁଭ ହୋଇ ନ ପାରେ ବୋଲି ମତ ଦେଇଥିଲେ। ତଥାପି ତାହା ଜନମାନସରୁ ଧୂମକେତୁ ପ୍ରତି ଭୟ ଦୂର କରିବାକୁ ସମର୍ଥ ହୋଇ ନ ଥିଲା। କାରଣ ଏହି ମହାକାଶପିଣ୍ଡଗୁଡ଼ିକର ଆବିର୍ଭାବ ସମୟରେ ବିବିଧ ପ୍ରାକୃତିକ ବିପର୍ଯ୍ୟୟ-ମହାମାରୀ, ଯୁଦ୍ଧ ଏବଂ ମହାନ୍ ବ୍ୟକ୍ତିଙ୍କ ମୃତ୍ୟୁ ଆଦି ଘଟଣା ଘଟିବାର ଅନେକ ଦୃଷ୍ଟାନ୍ତ ଥିଲା।

କେତେକେ ଯୁକ୍ତି ବାଢ଼ୁଛନ୍ତି ଯେ ଚନ୍ଦ୍ର ଓ ସୂର୍ଯ୍ୟ ଭଳି ନିକଟତର ମହାକାଶପିଣ୍ଡଗୁଡ଼ିକର ପୃଥିବୀର ପରିବେଶ ତଥା ଜୀବଜଗତ ଉପରେ ଅଳ୍ପ ବହୁତ ପ୍ରଭାବ ରହିଛି। ଏଣୁ ଧୂମକେତୁଟିଏ ନିକଟତର ହୋଇଗଲେ ଏ ସବୁକୁ ପ୍ରଭାବିତ ନ କରିବ କାହିଁକି? ବିଶେଷତଃ ତାହାର ପୁଚ୍ଛ ଗଠିତ ହୋଇଥିବା ବାଷ୍ପୀୟ ବିଷାକ୍ତ ପଦାର୍ଥକୁ ସୌରବାୟୁ ଏହା ଦିଗକୁ ଚଳିତ କରିପାରେ। ଅତଏବ ଏହାର ପ୍ରଭାବ ବିପଜ୍ଜନକ ହୋଇପାରେ। ଅନ୍ୟପକ୍ଷରେ ବିଗତ ଶତାବ୍ଦୀରେ ରୁଷିଆର ମହାକାଶ ବିଜ୍ଞାନୀ ଆଲେକ୍ଜାଣ୍ଡାର ଚିଜେଭୋସକି ପୃଥିବୀ ଉପରେ ଧୂମକେତୁର ପ୍ରଭାବ କଥା ଗଭୀର ଭାବରେ ଅନୁଧ୍ୟାନ କରିଥିଲେ।

ଆଜକୁ ପ୍ରାୟ ୪୦୦୦ ବର୍ଷ ପୂର୍ବେ ପୃଥିବୀ ପୃଷ୍ଠରେ ଘଟୁଥିବା ଘନ ଘନ ଧୂମକେତୁ ପତନ ଜୀବନର ସୃଷ୍ଟି ଓ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା ବୋଲି ମନେକରାଯାଏ। ଏବେ ଏହାର ସାଗର ଏବଂ ମହାସାଗରମାନଙ୍କରେ ଥିବା ଅଧିକାଂଶ ଭାଗ ଜଳ ସମ୍ଭବତଃ ସେହିଗୁଡ଼ିକରୁ ହିଁ ଆସିଥିଲା। ପୁନଶ୍ଚ ଏଥିରେ ଥିବା ଜୀବନର ପୁରୋଗାମୀ ରୂପେ ପରିଗଣିତ ବିବିଧ ଜୈବଅଣୁ ପୃଥିବୀ ପୃଷ୍ଠରେ ଜୀବନ ପ୍ରକ୍ରିୟା ଆରମ୍ଭର ମୂଳଦୁଆ ସ୍ଥାପନ କରିବାର ପ୍ରମାଣ ଏବେ ମିଳିଲାଣି। ସେହିପରି ଏହାର ଆଘାତ ଆମିନୋ ଅମ୍ଳ ଏବଂ ତହିଁରୁ ପ୍ରୋଟିନ୍ ସୃଷ୍ଟିରେ ସହାୟକ ହୋଇଥିବାର ମଧ୍ୟ କୁହାଗଲାଣି। ଅବଶ୍ୟ ଧୂମକେତୁର ପୁଚ୍ଛରେ 'ସାଇନୋଜେନ୍' ପଲିସାଇକ୍ଲିକ୍ ଏରୋମେଟିକ ହାଇଡ୍ରୋକାର୍ବୋନସ ଆଦି ବିଷାକ୍ତ ବାଷ୍ପ ଥାଏ। ତେବେ ଅନେକ ବର୍ଷର ବ୍ୟବଧାନରେ ଆସି ଆକାଶରେ ନିୟୁତ ନିୟୁତ କିମି ଉଚ୍ଚତାରେ ଅବସ୍ଥାନ କରୁଥିବା ଏହି ପିଣ୍ଡଗୁଡ଼ିକରୁ ତାହା ପୃଥିବୀ ପୃଷ୍ଠରେ ପହଞ୍ଚିବାର ସମ୍ଭାବନା ପ୍ରାୟତଃ ନାହିଁ।

-ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୯୮୫୭୬୭





## ସ୍ୱାସ୍ଥ୍ୟ ସୂଚନା

➤କେତେକ ଲୋକ ଅଧିକ ଖାଇବା ଲାଳସାରେ ପ୍ୟାଣ୍ଟ ବେଲ୍ଟକୁ ଢିଲା କରିଦେଇଥାଆନ୍ତି। ତେଣୁ ଏହି ସମୟରେ ସେମାନେ ଆବଶ୍ୟକତାଠାରୁ ଢେର୍ ଅଧିକ ଖାଦ୍ୟ ଖାଇଥାଆନ୍ତି ଏବଂ ପରବର୍ତ୍ତୀ ସମୟରେ ସେମାନେ ଅଜୀର୍ଣ୍ଣ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଏଭଳି ଅଭ୍ୟାସରୁ ବିରତ ରହିବା ଆବଶ୍ୟକ।

➤ରାତ୍ର ଭୋଜନ ପରେ କିଛି ସମୟ ଚଲାବୁଲା କରନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ। ଅପରପକ୍ଷରେ ରାତ୍ର ଭୋଜନରେ ସବୁବେଳେ ହାଲକା ଖାଦ୍ୟ ହିଁ ଖାଆନ୍ତୁ, କାରଣ ଏହା ସହଜରେ ହଜମ ହୋଇଥାଏ।

➤ଖାଇସାରିବା ପରେ ଆଦୌ ଧୂମପାନ କରନ୍ତୁ ନାହିଁ। ଏହାଦ୍ୱାରା ଗ୍ୟାଷ୍ଟ୍ରିକ ସମସ୍ୟା ସୃଷ୍ଟି ହୋଇଥାଏ।

➤ଖାଇବା ପରେ ସାଙ୍ଗେ ସାଙ୍ଗେ ଗାଧାନ୍ତୁ ନାହିଁ। ଏହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡ଼ିଥାଏ।

➤ଖାଇବା ପରେ ଚା', କଫି ଆଦି ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ।

➤ମଧୁମେହ ବା ଡାଇବେଟିସ୍ ରୋଗୀ ଖାଇବା ପରେ ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ମେଦ ବୃଦ୍ଧି ହୋଇଥାଏ।



# ସ୍ୱଭାବକୁ ପ୍ରଭାବିତ କରେ ସୋସିଆଲ ସାଇଟ୍

ଏବେ ତ ହାଇଟେକ୍ ଯୁଗ। ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ବ୍ୟବହାର ଆଜିକାଲି ସାଧାରଣ କଥା ହୋଇଗଲାଣି। କେବଳ ଯୁବପିଢ଼ି ନୁହଁନ୍ତି, ଅନେକ ବର୍ତ୍ତମାନ ସୋସିଆଲ ସାଇଟ୍ ସହ ଜଡ଼ିତ। ସେଗୁଡ଼ିକରେ ନିଜର ଆକାଉଣ୍ଟ ଖୋଲି ସେଥିରୁ ଅନେକ କଥା ଜାଣିବା ଏବଂ ନିଜ ଅନୁଭୂତି ଏବଂ ଫଟୋଗୁଡ଼ିକୁ ସେୟାର କରିବାରେ ଅନେକ ବ୍ୟସ୍ତ। କିନ୍ତୁ ସୋସିଆଲ ସାଇଟ୍ ସହ ଆବଶ୍ୟକତାଠାରୁ ଅଧିକ ସମୟ ଜଡ଼ିତ ରହିଲେ ତାହା ସଂପୃକ୍ତ ବ୍ୟକ୍ତିଙ୍କର ସ୍ୱଭାବକୁ ପ୍ରଭାବିତ କରିଥାଏ। କିଛି କାରଣ ନ ଥାଇ ସେହି ବ୍ୟକ୍ତି ଚିଡ଼ିଚିଡ଼ା ହୋଇଯାଇଥାଆନ୍ତି ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। 'ବ୍ୟକ୍ତିଙ୍କ ମାନସିକ ସ୍ଥିତି ଏବଂ ସୋସିଆଲ ସାଇଟ୍' ଶୀର୍ଷକ ବିଷୟ ଉପରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ



ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ସମୟ ନିଜ ନିଜ ସୋସିଆଲ ସାଇଟ୍ ସହ ଜଡ଼ିତ ରହୁଥିଲେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କ ସ୍ୱଭାବ ଚିଡ଼ିଚିଡ଼ା ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥିଲା। ତେବେ ନିଜନିଜ ସୋସିଆଲ ସାଇଟ୍ ସହ ଜଡ଼ିତ ରହୁଥିଲେ ସମୟ ଅବଧି ପ୍ରତି ନଜର ଦେବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ପରାମର୍ଶ ଦେଇଛନ୍ତି।

## ବଜ୍ରପାତରେ ଜଳିଗଲା ୨ ନଡ଼ିଆ ଗଛ

ଅସ୍ତରଙ୍ଗ, (ଡି.ଏନ୍.ଏ.): ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଡେରୁଣିଆଁ ଗ୍ରାମରେ ରବିବାର ସନ୍ଧ୍ୟାରେ ବଜ୍ରପାତ ହେବାରୁ ରମେଶ ଚନ୍ଦ୍ର ବରାଳଙ୍କ ଦୁଇଟି ନଡ଼ିଆ ଗଛ ଜଳିଯାଇଛି। ପ୍ରାୟ ୩୦ ମିନିଟ୍ ପର୍ଯ୍ୟନ୍ତ ଏହି ନଡ଼ିଆ ଗଛର ଅଗ୍ରଭାଗ ଜଳୁଥିବା ଦେଖିବାକୁ ମିଳିଥିଲା। ବର୍ଷା ହେବା ପରେ ନିଆଁ ଲିଭି ଯାଇଥିଲା। ସୂଚନାଥାଉ କି, ଏହି ଅଞ୍ଚଳରେ ସନ୍ଧ୍ୟାରେ ପ୍ରାୟ ଏକ ଘଣ୍ଟା ଧରି ଘଡ଼ଘଡ଼ି ସହ ବର୍ଷା ହୋଇଥିଲା।

### ସଂକ୍ଷେପରେ

## ନ୍ୟାୟ ପାଇଁ ଏସ୍‌ପିଙ୍କୁ ଗୁହାରି କଲେ ମହିଳା

ପୁରୀ ଅଫିସ, ୨।୮: ଜଣେ ମହିଳାଙ୍କୁ ଦୁଇଜଣ ମାଡ଼ ମାରିବା ସହ ଅଶାଳୀନ ଭାଷାରେ ଗାଳିଗୁଲଜ କଲେ। କେବଳ ଏତିକି ନୁହେଁ ତାଙ୍କ ଘରର ଆସବାବପତ୍ର ମଧ ବାହାରକୁ ଫିଙ୍ଗିଦେଲେ। ଏମିତି ଅଭିଯୋଗ ନେଇ ମହିଳା ଜଣଙ୍କ ବଳିଆପଣ୍ଡା ଥାନାରେ ପହଞ୍ଚି ଏତଲା ଦେଲେ। ହେଲେ ତାଙ୍କ ଏତଲା ରଖା ନ ଯିବାରୁ ସେ ନ୍ୟାୟ ପାଇବା ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମ୍ପୃକ୍ତା ମହିଳା ହେଲେ ଗୌଡ଼ବାଡ ସାହି ମହେଶ୍ୱର ନଗରର ରୀନା ରାଓ। ରବିବାର ଏସ୍‌ପିଙ୍କୁ ଦେଇଥିବା ଅଭିଯୋଗପତ୍ରରେ ରୀନା ଦର୍ଶାଇଛନ୍ତି ଯେ, ଶନିବାର ନୀଳଚକ୍ର ନଗରର ଦୁଇଭାଇ ତାଙ୍କ ଘରେ ପଶି ମାଡ଼ ମାରିବା ସହ ଖରାପ ଭାଷାରେ ଗାଳିମନ୍ଦ କରିଥିଲେ। ଅପରାହ୍ନରେ ସେ ଥାନାରେ ଏତଲା ଦେଇଥିଲେ। ସନ୍ଧ୍ୟାରେ ଆସିବା ପାଇଁ ତାଙ୍କୁ କୁହାଯାଇଥିଲା। ସନ୍ଧ୍ୟାରେ ପହଞ୍ଚିବା ପରେ ଇନ୍‌ସପେକ୍ଟର ତାଙ୍କ ଏତଲା ନ ରଖି ଫେରାଇ ଦେଇଥିଲେ ବୋଲି ରୀନା ଅଭିଯୋଗ କରିଛନ୍ତି। ଏ ନେଇ ଏସ୍‌ପି ଅଖିଳେଶ୍ୱର ସିଂ କହିଛନ୍ତି, ଅଭିଯୋଗର ଯଦି ଯଥାର୍ଥତା ଥିବ ତେବେ ନିଶ୍ଚିତ ଗ୍ରହଣ କରାଯିବ।

## ନାମ ପଞ୍ଜୀକରଣ ନିୟମ କୋହଳ ପାଇଁ ଦାବି

କଟକ ସଦର, ୨।୮ (ଡି.ଏନ୍.ଏ.): ଧାନ ବିକ୍ରି ପାଇଁ ଅଗଷ୍ଟ ମାସରୁ ଚାଷୀଙ୍କ ନାମ ପଞ୍ଜୀକରଣ ଆରମ୍ଭ ହୋଇଛି। ଏନେଇ କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ସମବାୟ ସମିତିରେ ଚାଷୀମାନେ ଭିଡ଼ ଜମାଉଛନ୍ତି। ରାଜ୍ୟ ଖାଦ୍ୟ, ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗ ଏହି ପଞ୍ଜୀକରଣ ନିୟମରେ କୋହଳ କରିବା ପାଇଁ ଉତ୍କଳ ବିକାଶ ପରିଷଦର ସଭାପତି ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଦାବି କରିଛନ୍ତି। ୨୦୨୦-୨୧ ବର୍ଷରେ ଯେଉଁ ଚାଷୀ ନାମ ପଞ୍ଜୀକରଣ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ସେମାନଙ୍କର ଗତ ବର୍ଷର ରେକର୍ଡ ଯାଞ୍ଚ କରି ନବୀକରଣ କରାଗଲେ ସୁବିଧା ହେବ ବୋଲି ଇଂ.ସେଠୀ ଏକ ପ୍ରେସ୍ ବିବୃତିରେ କହିଛନ୍ତି। କେବଳ ନୂଆ ଚାଷୀ ଓ ୨୦୧୯-୨୦ରେ ତ୍ରୁଟି ବିଚ୍ୟୁତି ଥିବା ବ୍ୟକ୍ତିଙ୍କ ଜମିଜମା କାଗଜପତ୍ର ଆଉଥରେ ଯାଞ୍ଚ କରାଯାଇପାରେ ବୋଲି ସେ କହିଛନ୍ତି।

## ୩ ୱାର୍ଡ ନିଷିଦ୍ଧାଞ୍ଚଳ

ବାଲିଅନ୍ତା, ୨।୮ (ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଅଧୀନ ବେଣ୍ଟପୁର ପଞ୍ଚାୟତ ୭ନଂ. ୱାର୍ଡରେ ଜଣେ ବୃଦ୍ଧା ପଜିଟିଭ ଚିହ୍ନଟ ହେବା ପରେ ଏହି ୱାର୍ଡକୁ ସରପଞ୍ଚ ମୁରଲିଧର ସାହୁ କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ଆସନ୍ତା ୫ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ସେହିପରି କାକରୁଦ୍ରପୁର ପଞ୍ଚାୟତର ଜଣେ ଯୁବକ ପଜିଟିଭ୍ ଚିହ୍ନଟ ହେବା ପରେ ସରପଞ୍ଚ ରମେଶ ଚନ୍ଦ୍ର ପାଲ ୯ନଂ. ୱାର୍ଡକୁ ସମ୍ପୂର୍ଣ୍ଣ ଓ ୧୨ନଂ. ୱାର୍ଡକୁ ଆଂଶିକ ଭାବେ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ରବିବାର ସନ୍ଧ୍ୟାରୁ ୪ ଦିନ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ସରପଞ୍ଚ ପାଲ କହିଛନ୍ତି।

## ରୋଟାରୀ କ୍ଲବ ପକ୍ଷରୁ ଚାରାରୋପଣ

କଟକ ଅଫିସ, ୨।୮: ରୋଟାରୀ କ୍ଲବ କଟକ ସେଣ୍ଟ୍ରାଲ ଆନୁକୂଲ୍ୟରେ ବଙ୍ଗାଳୀ ସାହିସ୍ଥିତ ରାମକୃଷ୍ଣ କୁଟୀର ପରିସରରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଲବ୍‌ର ସଭାପତି ଶିବାଶିଷ ସୁରଙ୍କ ନେତୃତ୍ୱରେ ବିଭିନ୍ନ ପ୍ରକାର ଔଷଧୀୟ ଓ ଫୁଲ ଚାରା ଲଗାଯାଇଥିଲା। ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସାମାଜିକ ଦୂରତ୍ୱ ରକ୍ଷା ସହ ମାସ୍କ ପିନ୍ଧିଥିଲେ। ବିଦ୍ୟୁତ୍ କୁମାରୀ ଲାଲା, ସୁବାସ ଚନ୍ଦ୍ର ପ୍ରଧାନ, ଧନଞ୍ଜୟ ମୁଣ୍ଡ, ସତ୍ୟଗୋପାଳ ପରିଜା, କୁଟୀରର ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ଗୋକୁଳାନନ୍ଦ ପଟ୍ଟନାୟକ, ପ୍ରଫୁଲ୍ଲ ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବନ ମହୋତ୍ସବ ପାଳିତ

ପୁରୁଣା ଭୁବନେଶ୍ୱର, ୨।୮ (ଡି.ଏନ୍.ଏ.): ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଘାଟିକିଆ ଗ୍ରାମ ମନ୍ଦିର ଉଦ୍ୟାନ ଠାରେ ରବିବାର ପୂର୍ବାହ୍ନରେ ୭୨ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଭୁବନେଶ୍ୱର ବନାଞ୍ଚଳ ନଗର ଉପଖଣ୍ଡ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମୋ ପରିବାରର ଆବାହକ ଅରୂପ୍ ପଟ୍ଟନାୟକ, ଡିଏଫ୍‌ଓ ଅଶୋକ ମିଶ୍ର, ପୂର୍ବତନ କର୍ପୋରେଟର ଦିଲ୍ଲୀପ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଦିନରେ ୧୩୬ ଆକ୍ରାନ୍ତ ଚିହ୍ନଟ ହେଲେଣି

## ମାଲଗୋଦାମ ବେହେରା ସାହି ସ୍ଥିତି ସଙ୍ଗିନ

କଟକ ଅଫିସ, ୨।୮

କଟକ ସହରରେ କରୋନା ସଂକ୍ରମଣ ପରିଚାଳନା ଜିଲା ପ୍ରଶାସନ ହାତରୁ ଖସିବାରେ ଲାଗିଲାଣି। ରବିବାର ଗୋଟିଏ ଦିନରେ ସହରରୁ ୭୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ମାଲଗୋଦାମ ବେହେରା ସାହି କଣ୍ଟେନମେଣ୍ଟ ଅଞ୍ଚଳରୁ ୫୭ ଆକ୍ରାନ୍ତ ରହିଛନ୍ତି। ଏହାକୁ ମିଶାଇ ୪ ଦିନ ମଧ୍ୟରେ ବେହେରା ସାହି ଅଞ୍ଚଳରୁ ୧୩୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। ଉକ୍ତ ଅଞ୍ଚଳରେ ଗୋଷ୍ଠୀ ସଂକ୍ରମଣ ହୋଇଥିବା ସନ୍ଦେହ ବଢ଼ିବାରେ ଲାଗିଛି। ସେହିପରି ପୁରୁଣା ରାଉସାପାଟଣା ମଧ କରୋନା ସଂକ୍ରମଣର କେନ୍ଦ୍ର ପାଲଟିଛି। ଉକ୍ତ ଅଞ୍ଚଳରୁ ମଧ ନୂଆ ୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ୧୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇସାରିଲେଣି। କିନ୍ତୁ ପୁରୁଣା ରାଉସପାଟଣା କଣ୍ଟେନମେଣ୍ଟ ଜୋନର ପରିସୀମାକୁ ସିଏମ୍‌ସି ରବିବାର କମାଇ ଦେଇଛି। ଫଳରେ ଚିହ୍ନଟ ହୋଇଥିବା ସଂକ୍ରମିତ ପୂର୍ବ କଣ୍ଟେନମେଣ୍ଟ ଅଞ୍ଚଳର କି ନୂଆ ଅଞ୍ଚଳରୁ, ତାହାର ସ୍ପଷ୍ଟ ସୂଚନା ମିଳୁନାହିଁ। ଲାଲବାଗ ଅଞ୍ଚଳରୁ ୨, କୂଳ ଶିଖରପଡ଼ା, ସାଆନ୍ତ ସାହି, ସିଡିଏ ସେକ୍ଟର-୧୧ ଅଞ୍ଚଳରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗୋପାଳପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଜଣେ ରୋଗୀ ସଂକ୍ରମିତ ହୋଇଛନ୍ତି। ଅନ୍ୟ ଜଣେ ଆକ୍ରାନ୍ତ ଭୁବନେଶ୍ୱର ବାସିନ୍ଦା ଅଟନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ବାରଙ୍ଗରୁ ୭, ଆଠଗଡରୁ ୨ ଓ କଟକ ସଦର ଅଞ୍ଚଳରୁ ଜଣେ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି।



## ରାତି ୮ରେ ବଜାର ବନ୍ଦ, ବାହାରେ ବୁଲିଲେ ଗିରଫ

କଟକଣା କଡ଼ାକଡ଼ି ସହ ସୋମବାରଠାରୁ ଅନଲକ-୩ ଆରମ୍ଭ ହେବ। ଏ ନେଇ କଟକ ଡିସିପିଙ୍କ କାର୍ଯ୍ୟାଳୟରେ ବଜାର କମିଟି ଓ କଟକ ମହାନଗର ନିଗମ (ସିଏମ୍‌ସି) ଅଧିକାରୀଙ୍କୁ ନେଇ ରବିବାର ସନ୍ଧ୍ୟାରେ ଏକ ବୈଠକ ବସିଛି। ପୂର୍ବାପେକ୍ଷା ଆଇନ ଅଧିକ କଡ଼ାକଡ଼ି କରାଯିବ। ରାତି ୮ଟାରେ ବଜାର ବନ୍ଦ ଓ ୯ଟା ପରେ ଯାଞ୍ଚ ଆରମ୍ଭ ହେବ। ବିନା କାରଣରେ ବାହାରେ ବୁଲୁଥିବା ବ୍ୟକ୍ତିବିଶେଷଙ୍କୁ ଗିରଫ କରାଯିବ। ଗଳିକନ୍ଦିରେ ପୋଲିସ କଡ଼ା ପହରା ଦେବ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୋକାନ ଖୋଲିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁ ଦୋକାନରେ ସାମାଜିକ ଦୂରତ୍ୱ ରକ୍ଷା ଉଲ୍ଲଂଘନ ହେବ, ସେହି ଦୋକାନୀଙ୍କଠାରୁ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ବିନା ମାସ୍କରେ ଗ୍ରାହକଙ୍କୁ ସାମଗ୍ରୀ ନ ଦେବା ପାଇଁ କୁହାଯାଇଛି। ଯେଉଁ ରାସ୍ତାଘାଟରେ ଅଧିକ ଭିଡ଼ ହେବ, ସେ ସବୁ ସ୍ଥାନରେ ୱାନ୍ ୱେ ଟ୍ରାଫିକ ଲାଗୁ କରାଯିବ ବୋଲି ଡିସିପି ପ୍ରତୀକ ସିଂ ପ୍ରେସ୍ ବିବୃତ୍ତିରେ କହିଛନ୍ତି।

# ୧୪ ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରୁହନ୍ତୁ ସୁସ୍ଥ ହେଉଥିବା ଆକ୍ରାନ୍ତ

## କରୋନା: ପୁଣି ୧୧୮ ଆକ୍ରାନ୍ତ, ୧୨୫ ସୁସ୍ଥ

ଭୁବନେଶ୍ୱର, ୧।୮ (ବ୍ୟୁରୋ)

ଭୁବନେଶ୍ୱରରେ ସଂକ୍ରମଣ ୩ହଜାର ମୁହାଁ ହୋଇଛି। ଗତ ସପ୍ତାହକ ମଧ୍ୟରେ ସହରରେ ୯।୮ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଶେଷ ୨୪ ଘଣ୍ଟାରେ ପୁଣି ୧୧୮ ଆକ୍ରାନ୍ତ ହୋଇଛନ୍ତି। ଫଳରେ ଏବେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୨୯୭୯ରେ ପହଞ୍ଚିଛି। ସେହିଭଳି ଆଉଜଣେ କରୋନାରେ ଆଖି ବୁଜିଥିବାରୁ ମୃତ୍ୟୁ ଘଟିଥିବାରୁ ସଂଖ୍ୟା ୧୮ରେ ପହଞ୍ଚିଛି। ତେବେ ବଢୁଥିବା ସଂକ୍ରମଣ ଓ ମୃତ୍ୟୁ ରୋକିବାକୁ ସବୁ ପ୍ରକାର ଚେଷ୍ଟା ଚାଲିଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ସେ କହିଛନ୍ତି, ସ୍ଥିତି ଧିରେ ଧିରେ ହାତକୁ ଆସୁଛି। ପୂର୍ବ ଦିନଗୁଡ଼ିକ ଅପେକ୍ଷା ଏବେ ପଜିଟିଭ୍‌ଙ୍କ ସଂଖ୍ୟା ସମୟାନୁକ୍ରମେ ହ୍ରାସ ପାଉଛି। ଗତ ୨୭ ତାରିଖରେ ବିଏମ୍‌ସି ଅଞ୍ଚଳରୁ ୧୫୯ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୮ରେ ୨୧୫ ଜଣ, ୨୯ରେ ୧୩୭ ଜଣ, ୩୦ରେ ସପ୍ତାହର ସର୍ବନିମ୍ନ ୧୦୫ ଜଣ, ୩୧ରେ ୧୨୮ ଜଣ, ୧ରେ ୧୨୬ ଜଣ ଓ ରବିବାର ୨ ତାରିଖରେ ୧୧୮କୁ ଖସି ଆସିଛି। ଏଥିସହ ସହରରେ ବର୍ତ୍ତମାନ ସୁଦ୍ଧା ୧୬୯୧ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ଏହି ସପ୍ତାହକ ମଧ୍ୟରେ ରେକର୍ଡ ସଂଖ୍ୟକ ୭୮୨ଜଣ ସୁସ୍ଥ ହୋଇଛନ୍ତି। ରବିବାର ମଧ ଆଉ ୧୨୫ ଜଣ ଆରୋଗ୍ୟଲାଭ କରି ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଆଗକୁ ସ୍ଥିତି ନିୟନ୍ତ୍ରଣକୁ ଆସିବ। ସୁସ୍ଥ ହେଉଥିବା ସମସ୍ତ ଆକ୍ରାନ୍ତ ଘରେ ଆଉ ୨ସପ୍ତାହ ଅର୍ଥାତ୍ ୧୪ଦିନ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେବା ସହ ଲୋକେ ସମସ୍ତ ନିୟମ ମାନନ୍ତୁ ଓ ବିଏମ୍‌ସିକୁ ସହଯୋଗ କରନ୍ତୁ ବୋଲି ଚୌଧାରୀ କହିଛନ୍ତି।

ଅନ୍ୟପକ୍ଷରେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଏକ ଘରୋଇ ହସ୍ପିଟାଲରୁ ୭ଜଣ ଥିବାବେଳେ ବିମାନବନ୍ଦର ନିକଟ ପଲାସପଲ୍ଲୀରୁ ଗୋଟିଏ ପରିବାରରୁ ୫ଜଣ ଓ ପାଣ୍ଡରାରୁ ୩ଜଣ ପୋଲିସ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଛନ୍ତି। ସେହିପରି ଡୁମୁଡୁମା, ଭୋଇ ନଗର, ନ୍ୟୁ ଫରେଷ୍ଟ ପାର୍କ, ପଳାଶୁଣୀ, ପୁରୁଣା ଭୁବନେଶ୍ୱର, ମା' ତାରିଣୀ ବସ୍ତି, ଏକ ଘରୋଇ ହସ୍ପିଟାଲ, ଶୈଳଶ୍ରୀ ବିହାର, ବଡ଼ଗଡ଼, ଆଇଗିଣିଆ ଓ ୭ମ ବାଟାଲିଅନରୁ ୨ଜଣ ଲେଖାଏ, ବୁଦ୍ଧେଶ୍ୱରୀ କଲୋନୀ, ଡମଣା, ଝାରପଡ଼ା, ଏକ ଘରୋଇ କମ୍ପାନୀ, ଅଶୋକନଗର, ନୟାପଲ୍ଲୀ ବ୍ରିଟ୍ କଲୋନୀ, ନହରକଣ୍ଟା, ବରମୁଣ୍ଡା କଲୋନୀ ଲକ୍ଷ୍ମୀସାଗର, ରସୁଲଗଡ଼, ଓମଫେଡ୍ ଛକ, ୟୁନିଟ-୮, ରିଜର୍ଭ ପୁଲିସ କଲୋନୀରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆ ନିକଟ ଏକ ଷ୍ଟଲ୍‌ରେ ରବିବାର ଲୋକେ ରାଖୀ କିଣୁଛନ୍ତି।

## ଖବରଦାତାଙ୍କ ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

ଭୁବନେଶ୍ୱର, ୨।୮ (ବ୍ୟୁରୋ) – କିଛିଦିନ ହେବ ରାଜଧାନୀରେ ଉତ୍ପାତ କରୁଥିବା ଲୁଟେରାଙ୍କୁ ଧରିବା ପାଇଁ କମିଶନରେଟ ପୋଲିସର ୩ଟି ସ୍କ୍ୱାଡ୍ ଉଦ୍ୟମ ଚଳାଇଛି। ହେଲେ ଲୁଟେରାମାନେ ସହରର ଭିଆଇପି ଏରିଆରୁ ବାରମ୍ବାର ଲୁଟ୍ ଓ ଚୋରି କରୁଛନ୍ତି। ଖାରବେଳ ଥାନାଞ୍ଚଳରୁ ମହିଳା ଭିଜିଲାନ୍ସ ଡିଏସ୍‌ପି ତନୁଜା ମହାନ୍ତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଓ ନୟାପଲ୍ଲୀରେ ବୃଦ୍ଧାଙ୍କୁ ଛୁରୀ ଭୁଷି ସୁନାଗହଣା ଲୁଟି ନେବା ପରେ ଏବେ ଆଉଏକ ଘଟଣା ଘଟାଇଛନ୍ତି ଦୁର୍ବୃତ୍ତ। ରବିବାର ତନୁଜାଙ୍କ ଘର ନିକଟ ତଥା ୟୁନିଟ-୩ସ୍ଥିତ କ୍ୱାର୍ଟର୍ସ ନଂ.ଆଇଭିବି ୨୪/୧ରେ ରହୁଥିବା ବରିଷ୍ଠ ଖବରଦାତା ଲିଙ୍ଗରାଜ ମହାନ୍ତିଙ୍କ ଘରୁ କଳାକନା ବୁଲାଇଛନ୍ତି। ୨ଟି ଏସି, ଆଲୁମିନିୟମ ଡୋର, ପ୍ରିଣ୍ଟର ମେଶିନ ଓ ବହୁ ଆସବାବପତ୍ର ସମେତ ୧୫ଲକ୍ଷ ଟଙ୍କା ଜିନିଷପତ୍ର ଚୋରି କରି ନେଇଛନ୍ତି। ଅଭିଯୋଗ ପରେ ପୋଲିସ କେସ୍ ନଂ.୧୬୮/୨୦ ରୁଜୁକରି ତଦନ୍ତ ଚଳାଇଛି।

## ଖବରଦାତାଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତଙ୍କ ଗିରଫ ଦାବି

କଣ୍ଟାପଡ଼ା, ୨।୮ (ଡି.ଏନ୍.ଏ.): କଣ୍ଟାପଡ଼ା ଅଞ୍ଚଳର ଖବରଦାତା ଆର୍ତ୍ତ ଦାସଙ୍କୁ ଗତ ୩୧ତାରିଖ ରାତିରେ ନୂଆଗାଁର ଜଣେ ବ୍ୟକ୍ତି ଆକ୍ରମଣ କରିଥିବା ନେଇ ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୭୪/୨୦) ରୁଜୁ ହୋଇଛି। ତେବେ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ଏହାର ପ୍ରତିବାଦରେ ରବିବାର ବାଗଲପୁରଠାରେ କଣ୍ଟାପଡ଼ା ଓ କଟକସଦର ପ୍ରେସ କ୍ଲବର ସଦସ୍ୟମାନେ ଏକତ୍ରିତ ହୋଇ ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲେ। ୨୪ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଥାନା ଆଗରେ ଧାରଣା ଦେବା ପାଇଁ ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

## ଗିରଫ ହେଲେ ଜେଲ୍ ଫେରନ୍ତା

କଟକ ଅଫିସ, ୨।୮

ଯୋବ୍ରା ତଳସାହି ଅଞ୍ଚଳରେ ଜଣେ ଜେଲ ଫେରନ୍ତା ଅଭିଯୁକ୍ତ ରାଜା ଓରଫ ଜିତେନ୍ଦ୍ର ବସ୍ତିଆ (୨୯) ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। ତାଙ୍କୁ ପୋଲିସ ହାତରେ ଧରାଇବାରେ ଜଣେ ଯୁବକଙ୍କ ହାତ ଥିବା ସନ୍ଦେହ କରି ସେ ତାଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ଏହି ସମୟରେ ପୁଅକୁ ବଞ୍ଚାଇବାକୁ ଯାଇ ଯୁବକଙ୍କ ମା' ସାମ୍ନାକୁ ଆସି ଆହତ ହୋଇଛନ୍ତି। ସୂଚନା ମୁତାବକ, ରାଜା ଜେଲରୁ ଫେରିଥିବା ବେଳେ ଅନେକ ଆପରାଧିକ ମାମଲାରେ ତାଙ୍କର ସମ୍ପୃକ୍ତ ରହିଛି। ତାଙ୍କୁ ଜେଲ୍ ପଠାଇବା ପଛରେ ଯୋବ୍ରା ତଳସାହିର ଗୀତାଞ୍ଜଳି ବେହେରାଙ୍କ ପୁଅ ଜିତେନ୍ଦ୍ର ବେହେରା ଓରଫ ଖନାଙ୍କ ହାତ ଥିବା ସେ ସନ୍ଦେହ କରି ତାଙ୍କୁ ଖୋଜୁଥିଲେ। ମାଟିଆମଙ୍ଗଳା ଛକରୁ ଗୀତାଞ୍ଜଳି ପୁଅକୁ ଧରି ଫେରୁଥିବା ବେଳେ ବାଟରେ ରାଜା ତାଙ୍କୁ ଛୁରିରେ ଆକ୍ରମଣ ଉଦ୍ୟମ କରିଥିଲେ। ପୁଅକୁ ବଞ୍ଚାଇବାକୁ ଯାଇ ମା' ଗୀତାଞ୍ଜଳି ସାମ୍ନାକୁ ଆସିଯିବାରୁ ତାଙ୍କ ଦୁଇ ହାତରେ ଛୁରି ମାଡ଼ ହୋଇଥିଲା। ଏହି ଘଟଣାରେ ମାଲଗୋଦାମ ଥାନା ପୋଲିସ କେସ୍ ନଂ-୧୨୮ରେ ରାଜାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କରୋନା ରିପୋର୍ଟରେ ରହୁନି ତାଳମେଳ

ଖୋର୍ଦ୍ଧା ଅଫିସ, ୨।୮

ସରକାରଙ୍କ ପକ୍ଷରୁ ଦୈନିକ କରୋନା ସଂକ୍ରାନ୍ତ ରିପୋର୍ଟ ଟୁଇଟ ମାଧ୍ୟମରେ ସୂଚନା ଦିଆଯାଉଛି। ତେବେ ଏହି ରିପୋର୍ଟରେ ତାଳମେଳ ରହୁ ନ ଥିବା ଦେଖିବାକୁ ମିଳିଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟୁଇଟରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ଜିଲାରେ ୨୧୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟରେ ଦର୍ଶାଯାଇଛି ଭୁବନେଶ୍ୱରରେ ୧୧୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ଜିଲାପାଳ ଟୁଇଟରେ ଦର୍ଶାଇଛନ୍ତି ରବିବାର ଜିଲାରେ (ବିଏମ୍‌ସିକୁ ବାଦ୍ ଦେଇ) ୯୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେଣୁ ଏଭଳି ରିପୋର୍ଟକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅଧିକାଂଶ ଦିନ ଏଭଳି ଭାବେ ରିପୋର୍ଟରେ ତାଳମେଳ ରହୁନାହିଁ ବୋଲି ସାମାଜିକ କର୍ମୀ ଧନେଶ୍ୱର ବିଧାର କହିଛନ୍ତି।

## ଆନ୍ଦୋଳନକୁ ଓହ୍ଲାଇବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ

ଭୁବନେଶ୍ୱର, ୨।୮ (ବ୍ୟୁରୋ)

କୋଭିଡ୍-୧୯ ସଂକ୍ରମଣ ପରିସ୍ଥିତିର ସୁଯୋଗ ନେଇ କେନ୍ଦ୍ର ସରକାର ବିଭିନ୍ନ ଶ୍ରମିକ ବିରୋଧୀ ନୀତି ଆପଣାଇଛନ୍ତି। ଏହା ବିରୋଧରେ ଆସନ୍ତା ୯ ତାରିଖରେ ସାରା ଦେଶରେ ଆନ୍ଦୋଳନ ହେବ। ସେହିଭଳି ୧୮ ତାରିଖରେ ଧର୍ମଘଟ କରାଯିବ। ପ୍ରସ୍ତାବିତ ରେଲୱେ, ପ୍ରତିରକ୍ଷା ଓ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସମସ୍ତ ୟୁନିଅନ ଯୋଗଦେବ ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ସଭାପତି ଡ. ସଞ୍ଜୀବା ରେଡ୍ଡୀ କହିଛନ୍ତି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ୩୦୨ତମ ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ସଭାପତିତ୍ୱ କରି ସେ ଏହା କହିଛନ୍ତି। ଏହି ବୈଠକରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖାର ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ନ ପାଇ ଘରକୁ ଫେରିବା ବାଟରେ ବିଭିନ୍ନ ଦୁର୍ଘଟଣାରେ ୬୮ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ଦେବାକୁ ଖୁଣ୍ଟିଆ ଦାବି କରିଥିଲେ।

## ଦାରୁଦିଅଁଙ୍କ ପାଇଁ ଗଛଟିଏ

ପୁରୀ ଅଫିସ, ୨।୮

ଦାରୁଦିଅଁଙ୍କ ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ 'ଆମେ ଶ୍ରୀକ୍ଷେତ୍ରବାସୀ' ସଙ୍ଗଠନ ପକ୍ଷରୁ ଏକକାଳୀନ ପୁରୀ ଜିଲାର ୫ଟି ସ୍ଥାନରେ ୨୫୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ପ୍ରତ୍ୟେକ ଜଗନ୍ନାଥପ୍ରେମୀ ନିଜ ସୁବିଧା ଅନୁସାରେ ଗଛଟିଏ ବଞ୍ଚାଇ ଦାରୁଦେବତାଙ୍କ ପ୍ରତି ଭକ୍ତି ଅର୍ଘ୍ୟ ଅର୍ପଣ କରିବାକୁ ନିବେଦନ କରାଯାଇଛି। ସଙ୍ଗଠନ ପକ୍ଷରୁ ସତ୍ୟବାଦୀର ବିଭୂତି ବାଟିକା ଓ ବଳିଆପଣ୍ଡାସ୍ଥିତ ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଚାରାରୋପଣ କରାଯାଇଥିଲା। ସେହିପରି ରବିବାର ମାର୍କଣ୍ଡେଶ୍ୱର ସାହିର ଝାଟି ଜାଗା, ବୀରହରେକୃଷ୍ଣପୁରସ୍ଥିତ ଜୟୀ ରାଜଗୁରୁ ୟୁଥ୍ କ୍ଲବ ଓ ରାହାଙ୍ଗାରିଆସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ଚତୁଃପାର୍ଶ୍ୱରେ ଚାରା ଲଗାଯାଇଥିଲା। ଏହି ଅବସରରେ ଆମେ ଶ୍ରୀକ୍ଷେତ୍ରବାସୀ ଅନୁଷ୍ଠାନ ପକ୍ଷରୁ ବିଭୂତି ବାଟିକା ସୁରକ୍ଷା ପରିଷଦ, ଝାଟି ଜାଗା ସମ୍ପାଦକ ମାଧବ ଚନ୍ଦ୍ର ପଣ୍ଡା, ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ଫାଦର ସାଇମନ୍ ଲାକ୍ରା, ଜୟୀ ରାଜଗୁରୁ ୟୁଥ୍ କ୍ଲବ ଏବଂ ରାହାଙ୍ଗାରିଆର ରତ୍ନାକର ପଲେଇଙ୍କୁ ସବୁଜ ସଂଗ୍ରାମୀ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମଗୁଡ଼ିକରେ ଅତିଥି ଭାବେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ, ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟ ନିର୍ଦ୍ଦେଶକ ଦୁର୍ଗାମାଧବ କର, ସାହିଭାଇ ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର ଯୋଗଦେଇଥିଲେ। ଆଇନଜୀବୀ ଦୀପକ କୁମାର ପଣ୍ଡା, ସତ୍ୟନାରାୟଣ ସାହୁ, ବ୍ରଜକିଶୋର ସାହୁ, ଶ୍ରୀପଦା ସାମନ୍ତରାୟ ଅମର ବାରିକ, ପ୍ରୀତମ ରଞ୍ଜନ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

## ଖବରକାଗଜ ସଂସ୍ଥା କର୍ମଚାରୀଙ୍କୁ ଅପହରଣ ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨।୮ (ବ୍ୟୁରୋ)– ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଖବରକାଗଜ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀ ରବିନ ବିଶ୍ୱାଳଙ୍କୁ ଲୁଟରେ ବିଫଳ ହେବାରୁ ଆକ୍ରମଣ ସହ ଅପହରଣ ଉଦ୍ୟମ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣୀ ଅଞ୍ଚଳର ଲକି ଓରଫ ରାକେଶ କୁମାର ରାଉତ। ତାଙ୍କ ନାମରେ ବିଭିନ୍ନ ଥାନାରେ ୧୫ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଥିବାବେଳେ ପୂର୍ବରୁ ୧୧୦ରେ ବୁକ୍ ହୋଇଥବା ପୋଲିସ ସୂଚନା ଦେଇଛି। ଗତ ୩୦ ତାରିଖ ରାତି ପ୍ରାୟ ୨ଟାରେ ଏହି ଘଟଣା ଘଟିଥିଲା।

## ସରକାରୀ ଗାଡ଼ିରୁ ବାହାରି ନାକ ଫଟାଇଲେ

ଭୁବନେଶ୍ୱର, ୨।୮ (ବ୍ୟୁରୋ)

- ସୁନାଚେନ୍ ଛଡ଼ାଇ ନେଲେ
- ଅଭିଯୋଗ ପରେ ପୋଲିସର ତଦନ୍ତ

କାର୍‌ରେ ଲାଗିଥିଲା ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ଡିଆଣ୍ଡବ୍ଲ୍ୟୁ ବିଭାଗର ନମ୍ବରପ୍ଲେଟ। ସେଥିରୁ ବାହାରିଥିଲେ ୨ଜଣ ବ୍ୟକ୍ତି। କିଛି ବୁଝିବା ପୂର୍ବରୁ ସେମାନେ ଜଣେ ବ୍ୟବସାୟୀଙ୍କୁ ମାଡ଼ମାରି ନାକ ଫଟାଇବା ପରେ ସୁନା ଚେନ୍ ଲୁଟି ନେଇଛନ୍ତି। ଏଭଳି ଏକ ଘଟଣା ରବିବାର ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆ ଅଞ୍ଚଳରେ ଦେଖିବାକୁ ମିଳିଛି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଛନ୍ତି। ଦୁଇ ଆକ୍ରମଣକାରୀ ଓ ଉକ୍ତ ଗାଡ଼ିକୁ ଜବତ କରି ଥାନାକୁ ନେଇଥିଲେ ମଧ ପରେ ଛାଡ଼ି ଦେଇଥିବା ଜଣାପଡିଛି। ଆକ୍ରମଣ ଓ ଲୁଟ୍‌ର ଶିକାର ହୋଇଥିବା ବ୍ୟବସାୟୀ ଜଣକ ହେଲେ କୋଳଥିଆ ହାଉସିଂବୋର୍ଡ କଲୋନୀରେ ରହୁଥିବା ସୁବ୍ରତ କୁମାର ବିଶ୍ୱାଳ। ତାଙ୍କ ଅଭିଯୋଗ ମୁତାବକ, ସେ ପୂର୍ବାହ୍ନ ୧୧ଟରେ ବଜାର ସଉଦା କରିବାକୁ ଯାଇ କୋଳଥିଆ ମାଛ ମାର୍କେଟ ନିକଟ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିଲେ। ଏହି ସମୟରେ ସରକାରୀ ନମ୍ବର ପ୍ଲେଟ୍ ଲାଗିଥିବା ଓଡି୩୩ଜେଡ୍‌୭୫୦ ନମ୍ବର ବିଶିଷ୍ଟ ଉକ୍ତ କାର୍‌ଟି ରଙ୍ଗ୍ ରୁଟ୍‌ରେ ଆସି ତାଙ୍କ ନିକଟରେ ହର୍ନ ମାରିଥିଲା। ହେଲେ ସେ କିଛି ବୁଝି ନ ପାରି ବିଳମ୍ବ କରିବାରୁ ସେମାନେ ନାଲିଆଖି ଦେଖାଇଥିଲେ। ଭୁଲ୍ ରାସ୍ତା ଆସି ନାଲିଆଖି ଦେଖାଉଛ ବୋଲି କହିବାରୁ ସେମାନେ ଗାଡ଼ିରୁ ବାହାରି ଆସି ସରକାରୀ ଲୋକ ଜାଣିପାରୁନୁ କି କହି ନିସ୍ତୁକ ମାଡ଼ ମାରି ରକ୍ତାକ୍ତ କରିଦେଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ବ୍ୟବସାୟୀଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ପିସିଆର ଭ୍ୟାନ୍ ପହଞ୍ଚି ସୁବ୍ରତଙ୍କୁ ରକ୍ତାକ୍ତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରିବା ସହ ଉକ୍ତ ଗାଡ଼ି ସହ ଦୁଇ ଯୁବକଙ୍କୁ ଥାନାକୁ ନେଇଥିଲା।

## ଚାଇନା ନୁହେଁ, ଦେଶୀ ରାଖୀ

ଭୁବନେଶ୍ୱର, ୨।୮ (ବ୍ୟୁରୋ)

ଏଥର ରାଖୀ ପୂର୍ଣ୍ଣିମା ହେବ ଭିନ୍ନ ଓ ନିଆରା। କୋଭିଡ୍ ମହାମାରୀ ପରିସ୍ଥିତିରେ ଭାଇ ଓ ଭଉଣୀର ପବିତ୍ର ବନ୍ଧନର ପର୍ବକୁ ପାଳନ କରିବା ଚ୍ୟାଲେଞ୍ଜ ହୋଇଥିଲେ ମଧ ଭଉଣୀମାନେ ହାର୍ ମାନିନାହାନ୍ତି। କେବଳ ନିଜ ଭାଇ ପାଇଁ ନୁହେଁ, କରୋନା ଯୁଦ୍ଧରେ ନିଜ ଜୀବନକୁ ବାଜି ଲଗାଇ ଦେଇଥିବା କୋଭିଡ୍ ଯୋଦ୍ଧାଙ୍କ ପାଇଁ ମଧ ତିଆରି କରିଛନ୍ତି ଭଳିକି ଭଳି ରାଖୀ। ସେଭଳି ଜଣେ ଭଉଣୀ ହେଲେ ଭୁବନେଶ୍ୱର ଘାଟିକିଆର ଲକ୍ଷ୍ମୀପ୍ରିୟା ସାହୁ। ଘରେ ଥିବା ଅଦରକାରୀ ସାମଗ୍ରୀକୁ ନେଇ ଲକ୍ଷ୍ମୀପ୍ରିୟା ପ୍ରସ୍ତୁତ କରିଛନ୍ତି କୋଭିଡ୍ ରାଖୀ। ଏ ନେଇ ଲୋକଙ୍କୁ ସଚେତନ କରିବାକୁ ସେ କୋଭିଡ୍ ସଚେତନ ରାଖୀ ପ୍ରସ୍ତୁତ କରିଥିଲେ। ଘରେ ଥିବା ଅଦରକାରୀ ସୋଲ, କାର୍ଡବୋର୍ଡ, ଝାଲେରୀ ଓ ଟୁଥ୍ ପିକ୍‌ର ବ୍ୟବହାର କରି ସେ ଏହି ରାଖୀ ପ୍ରସ୍ତୁତ କରିଛନ୍ତି। ଏହାବ୍ୟତୀତ ଚାଉଳ ଓ ସୂତାର ମଧ ବ୍ୟବହାର କରିଛନ୍ତି। ଏଥିପାଇଁ ସେ ବୃତ୍ତିଗତଭାବେ କୌଣସି ପ୍ରକାର ପ୍ରଶିକ୍ଷଣ ନେଇନାହାନ୍ତି।




ସେହିଭଳି ଚଳିତବର୍ଷ ବଜାରରେ ଚାଇନା ସାମଗ୍ରୀ ଉପରେ ପ୍ରତିବନ୍ଧକ ଲାଗିଥିବାରୁ ହାତ ତିଆରି ରାଖୀକୁ ଗୁରୁତ୍ୱ ଦେଇଛନ୍ତି ବିଜେବି କଲେଜରେ ପଢୁଥିବା ଶାନ୍ତିଲତା ମିଶ୍ର। ସେ କାଗଜ ସମେତ ଷ୍ଟୋନ୍ ରାଖୀ, କୁନ୍ଦନ ରାଖୀ, ରୋଜ୍ ଓ ପର୍ଲ ରାଖୀ ଆଦି ପ୍ରସ୍ତୁତ କରିଛନ୍ତି। ବଜାର ଦରଠାରୁ ଏହି ସବୁ ରାଖୀର ଦାମ୍ ଅପେକ୍ଷାକୃତ କମ୍ ରହୁଛି। ତାଙ୍କ ଦ୍ୱାରା ତିଆରି ରାଖୀର ଦାମ୍ ୪୦ ଟଙ୍କାରୁ ଆରମ୍ଭକରି ୧୦୦ ଟଙ୍କା ମଧ୍ୟରେ ରହୁଛି। ସେହିପରି ଆଉଜଣେ କଳାକାର ଆଶିଷ ଦାସ ସ୍ୱତନ୍ତ୍ର ଶୈଳୀର ପଟ୍ଟଚିତ୍ର ରାଖୀ ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଛନ୍ତି। ପ୍ରଥମେ ଶ୍ରୀଜଗନ୍ନାଥଙ୍କ ଏକ ପଟ୍ଟଚାତ୍ର ରାଖୀ ତିଆରି କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରିବା ପରେ ତାହା ପ୍ରଶଂସିତ ହୋଇଥିଲା। ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ ସାମଗ୍ରୀର ବ୍ୟବହାର କରି ସେ ଏହି ରାଖୀ ପ୍ରସ୍ତୁତ କରିଥିବା ବେଳେ ଏଥିରେ ସେ କାଗଜ, ଅଠା, ରଙ୍ଗ ଇତ୍ୟାଦି ବ୍ୟବହାର କରିଛନ୍ତି। ସେହିଭଳି ନିବେଦିତା ମିଶ୍ର ନଡ଼ିଆ ଷଢେଇରେ ନିଆରା ରାଖୀ ତିଆରି କରିଛନ୍ତି। ପ୍ରଥମେ ଅଦରକାରୀ ଷଢେଇକୁ ନେଇ ତାହାର ଦୁଇପାର୍ଶ୍ୱରେ ସୂତା ବାନ୍ଧିବା ପରେ ତାହାକୁ ରାଖୀ ରୂପ ଦେଇଛନ୍ତି। ଏହାପରେ ଷଢେଇକୁ ପଲିସ୍ କରି ସେଥିରେ ରଙ୍ଗ ମାରି ବିଭିନ୍ନ ପ୍ରକାର ଚିତ୍ର ଆଙ୍କିଛନ୍ତି। କେବଳ ଭୁବନେଶ୍ୱରରେ ନୁହେଁ, ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଇନା ରାଖୀକୁ ବିରୋଧ କରିବାକୁ ଯାଇ ଦେଶୀ ଷ୍ଟାଇଲରେ ରାଖୀ ତିଆରି କରାଯାଇଛି। ବାଲେଶ୍ୱରରେ ଫୁଲରେ ପ୍ରସ୍ତୁତ ରାଖୀ ଏବେ ଇଣ୍ଟରନେଟ୍‌ରେ ବେଶ୍ ଲୋକପ୍ରିୟ ହୋଇଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଅଗଷ୍ଟ ୩/୨୦୨୦ Monday, August 3/2020

# ଆଇପିଏଲକୁ ସରକାରଙ୍କ ଅନୁମତି

**ନୂଆଦିଲ୍ଲୀ,୨।୮(ପି.ଟି.)**

ରବିବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଗଭର୍ନିଂ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଚାଇନା ମୋବାଇଲ କମ୍ପାନୀ ଭିଭୋ ସହିତ ଅନ୍ୟ ପ୍ରାୟୋଜକମାନଙ୍କୁ ବଜାୟ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଏଥି ସହିତ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଏଥର ଆୟୋଜନ ହେବାକୁ ଥିବା ଆଇପିଏଲ୍‌ରେ କୋଭିଡ୍-୧୯ ରିପ୍ଲେସମେଣ୍ଟ ପାଇଁ ମଧ୍ୟ ଅନୁମତି ପ୍ରଦାନ କରାଯାଇଛି। ଟୁର୍ନାମେଣ୍ଟ ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ନଭେମ୍ବର ୧୦ ତାରିଖରେ ଶେଷ ହେବ ବୋଲି ଗଭର୍ନିଂ କାଉନସିଲର ଏହି ଭର୍ଚୁଆଲ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ପୂର୍ବ ଲଦାଖରେ ଭାରତ ଓ ଚାଇନା ମଧ୍ୟରେ ଦେଖା ଦେଇଥିବା ମୁକାବିଲାମୂଳକ ପରିସ୍ଥିତି ସତ୍ତ୍ୱେ ଚାଇନା ପ୍ରାୟୋଜକକୁ ବଜାୟ ରଖିବାକୁ ନିଷ୍ପତ୍ତି ନେଇଛୁ ବୋଲି କାଉନସିଲର ଜଣେ ସଦସ୍ୟ କହିଛନ୍ତି। ଏ ସଂକ୍ରାନ୍ତରେ ପରେ ଆଲୋଚନା କରାଯିବ ଓ ନିଷ୍ପତ୍ତିର ପୁନର୍ବିଚାର କରାଯିବ। ବର୍ତ୍ତମାନ ହାତରେ ସମୟ ନାହିଁ ଓ ବିଶ୍ୱ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାରୁ ନୂଆ ପ୍ରାୟୋଜକ ମିଳିବା ସମ୍ଭବ ନୁହେଁ। ମହିଳା ଆଇପିଏଲ ଆୟୋଜନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି। କୋଭିଡ୍-୧୯ ମହାମାରୀ କାରଣରୁ ଆଇପିଏଲ୍‌କୁ ଏଥର ୟୁଏଇରେ ଆୟୋଜନ କରାଯିବ। ଆଇପିଏଲ୍ ଫାଇନାଲ ନଭେମ୍ବର ୧୦ ତାରିଖରେ ଖେଳାଯିବ। ଦୀପାବଳି ସପ୍ତାହକୁ ଦୃଷ୍ଟିରେ ରଖି ଟୁର୍ନାମେଣ୍ଟକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ସଦସ୍ୟ ଜଣକ କହିଛନ୍ତି।

ପ୍ରତ୍ୟେକ ଦଳରେ ୨୪ଜଣ ଖେଳାଳି ରହିପାରିବେ। ମହାମାରୀ ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଜିଓର (ଏସ୍‌ଓପି) ପ୍ରସ୍ତୁତ କରାଯାଉଛି। ଏହା ସତ୍ତ୍ୱେ ଆବଶ୍ୟକ ଅନୁସାରେ କୋଭିଡ୍ ରିପ୍ଲେସମେଣ୍ଟ ହୋଇପାରିବ। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦୁବାଇସ୍ଥିତ ଏକ ବଡ଼ କମ୍ପାନୀ ସହ କଥା ହୋଇଛି। ଜୈବ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ବୋର୍ଡ ଟାଟା ଗ୍ରୁପ୍ ସହିତ ମଧ୍ୟ ଆଲୋଚନା ଜାରି ରଖିଛି।




## ୟୁଏଇରେ ଆଇପିଏଲ

- ସେପ୍ଟେମ୍ବର ୧୯ରୁ ନଭେମ୍ବର ୧୦
- ପ୍ରତି ଦଳରେ ୨୪ ଖେଳାଳି ରହିବେ
- କୋଭିଡ-୧୯ କ୍ଷେତ୍ରରେ ବଦଳ ଖେଳାଳି
- ଚାଇନିଜ୍ ମୋବାଇଲ କମ୍ପାନୀ ଭିଭୋ ସମେତ ସମସ୍ତ ପ୍ରାୟୋଜକ ଅପରିବର୍ତ୍ତିତ
- ମହିଳା ଆଇପିଏଲକୁ ଅନୁମୋଦନ
- ସନ୍ଧ୍ୟା ମ୍ୟାଚ ଗୁଡ଼ିକ ୭ଟା ୩୦ରେ ଆରମ୍ଭ ହେବ


ତୁରିନର ଆଲିଆଞ୍ଜ୍ ଷ୍ଟାଡିୟମରେ ରୋମାକୁ ପରାସ୍ତ କରି କ୍ରମାଗତ ୯ମ ଇଟାଲିଆନ୍ ସିରି 'ଏ' ଟାଇଟଲ ହାସଲ ପରେ ଟ୍ରଫି ସହ ଜୁଭେଣ୍ଟସର କ୍ରିଷ୍ଟିଆନୋ ରୋନାଲ୍‌ଡୋ।

## ସଂକ୍ଷେପରେ

### ଘରୋଇ କ୍ରିକେଟ ସିଜନ ୨୦୨୧ ଜୁନ୍ ପର୍ଯ୍ୟନ୍ତ ହୋଇପାରେ

**ନୂଆଦିଲ୍ଲୀ, ୨।୮:** କରୋନା ଭାଇରସ ସଂକ୍ରମଣ ପାଇଁ ଭାରତରେ ସବୁ କ୍ରୀଡ଼ା ପ୍ରତିଯୋଗିତା ବନ୍ଦ ହୋଇ ଯାଇଛି। ଆରମ୍ଭ ପାଇଁ ଯୋଜନା ହେଉଥିଲେ ହେଁ ଦିନକୁ ଦିନ ସଂକ୍ରମଣ ବଢୁଥିବା ଚିନ୍ତା ବଢ଼ାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଘରୋଇ କ୍ରିକେଟ ସିଜନ ଏପର୍ଯ୍ୟନ୍ତ ଆରମ୍ଭ ହୋଇ ପାରିନାହିଁ। ବିସିସିଆଇ ରଣଜୀ ଟ୍ରଫି ଏବଂ ମହିଳା ବିଭାଗରେ ଅତିକମ୍‌ରେ ଗୋଟିଏ ବଡ଼ ଟୁର୍ନାମେଣ୍ଟ ଆୟୋଜନ ଲକ୍ଷ୍ୟ ରଖିଛି। ବିଳମ୍ବରେ ଘରୋଇ କ୍ରିକେଟ ଆରମ୍ଭ ହେଲେ ତାହା ୨୦୨୧ ଜୁନ୍ ପର୍ଯ୍ୟନ୍ତ ଲମ୍ବିବା ସମ୍ଭାବନା ରହିଛି। "ଯଥା ସମ୍ଭବ ଘରୋଇ କ୍ରିକେଟ ଆରମ୍ଭ ପାଇଁ ଉଦ୍ୟମ ହେଉଛି। ଆଇପିଏଲ ୟୁଏଇରେ ଆୟୋଜନ ହେବ। ଅନ୍ୟ ଟୁର୍ନାମେଣ୍ଟ ସେପରି ଆୟୋଜନ ଅସମ୍ଭବ। ରଣଜୀ ଟ୍ରଫି ଆୟୋଜନକୁ ପ୍ରାଥମିକତା ଦିଆଯାଉଛି। ଆସନ୍ତା ବର୍ଷର ଘରୋଇ ସିଜନକୁ ମଧ୍ୟ ଧ୍ୟାନରେ ରଖାଯାଉଛି। ଚଳିତ ବର୍ଷ ଘରୋଇ କ୍ରିକେଟ ଆରମ୍ଭ ବେଳକୁ ସମ୍ଭବତଃ ନଭେମ୍ବର ହୋଇଯିବ" ବୋଲି ବୋର୍ଡର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ୨୦୧୯-୨୦ ସିଜନରେ ମହିଳା ଓ ପୁରୁଷ ଟୁର୍ନାମେଣ୍ଟ ଏବଂ ବିଭିନ୍ନ ଏଜ୍ ଗ୍ରୁପ ପ୍ରତିଯୋଗିତାକୁ ମିଶାଇ ମୋଟ ୨୦୩୬ ମ୍ୟାଚ ଖେଳାଯାଇଥିଲା। ସାଧାରଣତଃ ସିଜନ ଜୁଲାଇ-ଅଗଷ୍ଟରେ ଆରମ୍ଭ ହୋଇ ପରବର୍ଷ ମାର୍ଚ୍ଚରେ ଶେଷ ହୋଇଥାଏ। ଚଳିତ ବର୍ଷ ତାହା ହୋଇନାହିଁ। ତେଣୁ ବିସିସିଆଇ ରଣଜୀ ଟ୍ରଫି ଆୟୋଜନକୁ ପ୍ରାଥମିକତା ଦେଉଛି। ଆବଶ୍ୟକସ୍ଥଳେ ଜୋନାଲ ଫର୍ମାଟରେ ଏହା ଖେଳାଯିବ। ଫଳରେ ଗୋଟିଏ ଜୋନ୍‌ର ମ୍ୟାଚ ଗୋଟିଏ ସହରରେ ଖେଳାଯାଇ ପାରିବ।

### ଆଣ୍ଟୱେର୍ପ ଜିତିଲା ବେଲଜିଆନ କପ୍



**ବ୍ରସେଲ୍ସ,୨।୮(ଏପି):** ୟୁରୋପିଆନ୍ ଫୁଟବଲ ପାୱାର ହାଉସ୍ ରୂପେ ଜଣାଶୁଣା ଥିବା ବେଲଜିୟମରେ ଫୁଟବଲ ପ୍ରତ୍ୟାବର୍ତ୍ତନ କରିଛି। ମାର୍ଚ୍ଚ ପରେ ପ୍ରଥମଥର ପାଇଁ ବେଲଜିୟମ୍‌ରେ ପ୍ରତିଯୋଗିତାମୂଳକ ଫୁଟବଲ ମ୍ୟାଚ୍ ଖେଳାଯାଇଛି। ଶନିବାର ଦର୍ଶକଙ୍କ ଅନୁପସ୍ଥିତିରେ ବଉଡୌଇନ୍ ଷ୍ଟାଡିୟମରେ ବେଲଜିଆନ୍ କପ୍ ଫାଇନାଲ ମ୍ୟାଚ୍ ଖେଳାଯିବା ସହ ଫୁଟବଲର ପ୍ରତ୍ୟାବର୍ତ୍ତନ ହୋଇଥିଲା। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ରୟାଲ ଆଣ୍ଟୱେର୍ପ ୧-୦ ଗୋଲରେ କ୍ଲବ୍ ବ୍ରଗ୍‌କୁ ହରାଇ ବେଲଜିଆନ କପ୍ ହାସଲ କରିଛି। ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ ଆଣ୍ଟୱେର୍ପ ୱିଙ୍ଗର ଲିଓର ରେଫାଏଲୋଭ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ରେଫାଏଲୋଭ ୨୫ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଏଥିସହିତ ଆଣ୍ଟୱେର୍ପ ତୃତୀୟ ବେଲଜିଆନ କପ୍ ହାସଲ କରିଛି। ଉଲ୍ଲେଖଥାଉ କି, ଏହି ଫାଇନାଲ ମ୍ୟାଚ୍ ଗତ ମାର୍ଚ୍ଚରେ ଆୟୋଜନ ହେବାର ଥିଲା। ତେବେ କୋଭିଡ୍-୧୯ ମହାମାରୀ କାରଣରୁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ବେଲଜିୟମରେ ୧.୫ ମିଲିୟନ ଲୋକ ରୁହନ୍ତି।

# ରିଣ୍ଟୁ ସମ୍ପାଦକ, କହ୍ନେୟା ସଭାପତି

**ଭୁବନେଶ୍ୱର, ୨।୮ (କ୍ରୀଡ଼ା ପ୍ରତିନିଧି)**


ରିଣ୍ଟୁ ମିତ୍ର


କହ୍ନେୟା ଗୁର୍ଜର

## ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ନିର୍ବାଚନ

କରୋନା ଭାଇରସ ସଂକ୍ରମଣ ଜନିତ କଠିନ ପରିସ୍ଥିତି ଜାରି ରହିଥିବାବେଳେ ଓଡ଼ିଶା ଟେନିସ କ୍ରିକେଟ ପାଇଁ ଆସିଛି ଏକ ଖୁସି ଖବର। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ନିର୍ବାଚନ ରବିବାର ଅନୁଷ୍ଠିତ ହୋଇ ଯାଇଛି। କରୋନା ସଂକ୍ରମଣ ଯୋଗୁ ଏହି ନିର୍ବାଚନ ସ୍ଥଗିତ ରହିଥିଲା। ରବିବାର ଅନ୍‌ଲାଇନ୍‌ରେ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହେବା ସହ ଆସନ୍ତା ୪ ବର୍ଷ ପାଇଁ ନିର୍ବାଚନ ହୋଇଥିଲା। ଏଥିରେ କହ୍ନେୟା ଗୁର୍ଜର ସଭାପତି ଓ ଓଡ଼ିଶାର ରିଣ୍ଟୁ ମିତ୍ର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ଟେନିସ କ୍ରିକେଟ ଆସୋସିଏଶନର ମୁଖ୍ୟ ରିଣ୍ଟୁ ଏବେ ଜାତୀୟ ଆସୋସିଏଶନର ସମ୍ପାଦକ ହୋଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି। ଏହା ବ୍ୟତୀତ ଆସୋସିଏଶନ ପକ୍ଷରୁ ଅମ୍ପାୟର ପରୀକ୍ଷା ମଧ୍ୟ ଅନ୍‌ଲାଇନ୍‌ରେ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ରାଜ୍ୟରୁ ୫୧ ଜଣ ଜାତୀୟ ଅମ୍ପାୟରଭାବେ କୃତକାର୍ଯ୍ୟ ହୋଇଛନ୍ତି।

# ବ୍ୟାଡ୍‌ମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର ଭୂମିପୂଜା

**ଭୁବନେଶ୍ୱର, ୨।୮(କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମ ପରିସରରେ ରବିବାର ବ୍ୟାଡ୍‌ମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟରର ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୪୫ କୋଟି ଟଙ୍କା ବିନିଯୋଗରେ ହେବାକୁଥିବା ଏହି ସେଣ୍ଟରରେ ୮ଟି କୋର୍ଟ ରହିବ। ଏଥିରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ହେବ। ୪୦ କ୍ରୀଡ଼ାବିତ୍ ଓ ୮ କୋଚ୍‌ଙ୍କ ପାଇଁ ଲଜିଂ ଓ ବୋର୍ଡିଂ ସୁବିଧା ରହିବ। ସେଣ୍ଟର ପରିସରରେ ୫୦୦ ଦର୍ଶକ ବସିବାର କ୍ଷମତା ରହିବାର ଥିବାରୁ ଭବିଷ୍ୟତରେ ଏଠାରେ ଜାତୀୟ କିମ୍ବା ଅନ୍ତର୍ଜାତୀୟ କ୍ରୀଡ଼ା ହୋଇପାରିବ। ପ୍ରକାଶ ଯୋଗ୍ୟ ଯେ, ବିଭିନ୍ନ କ୍ରୀଡ଼ାକୁ ଗୁରୁତ୍ୱ ଦେଇ ଆସୁଥିବା ଓଡ଼ିଶା ସରକାର ବ୍ୟାଡ୍‌ମିଣ୍ଟନକୁ ମଧ୍ୟ ପ୍ରୋତ୍ସାହନ ଦେବା ପାଇଁ ମଧ୍ୟ ଆଗଭର ହୋଇଛନ୍ତି। ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର, ଭାରତର ଅଗ୍ରଣୀ ସିମେଣ୍ଟ କମ୍ପାନୀ ଡାଲମିଆ ଏବଂ ଭାରତୀୟ ବ୍ୟାଡ୍‌ମିଣ୍ଟନ କୋଚ୍ ପଦ୍ମଭୂଷଣ ପୁଲେଲା ଗୋପୀଚାନ୍ଦ କଳିଙ୍ଗ ଷ୍ଟାଡିୟମରେ ଏହି କ୍ରୀଡ଼ାର ଏକ ହାଇ ପରଫରମାନ୍ସ ସେଣ୍ଟର ସ୍ଥାପନ ଲାଗି ଏକତ୍ରିତ ହୋଇଛନ୍ତି। ଭାରତକୁ ବ୍ୟାଡ୍‌ମିଣ୍ଟନର ଏକ ସୁପର ପାୱାରରେ ପରିଣତ କରିବା ମୁଖ୍ୟ ଉଦ୍ଦେଶ୍ୟ। ଏକାଡେମୀର ବାହ୍ୟ ସ୍ୱରୂପ ଏକ ଭାସମାନ କର୍କଭଳି ଦେଖାଯିବ। ରାତି ସମୟରେ ଆଲୋକରେ ଏହା ଏକ ସଟଲ୍ କକ୍ ଭଳି ଦେଖାଯିବ। ଏସପିଡି କନ୍‌ଷ୍ଟ୍ରକ୍ସନକୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଏହାର ସ୍ଥାପତ୍ୟ ମାଷ୍ଟରପିସ୍‌କୁ ଆର୍କୋହମ୍ କନ୍‌ସଲ୍‌ଟ ଡିଜାଇନ୍ କରିଛି।

# ହାମିଲଟନଙ୍କୁ ବ୍ରିଟିଶ ଗ୍ରାଁ ପ୍ରି ଟାଇଟଲ

**ସିଲଭରଷ୍ଟୋନ୍, ୨।୮:** ଅନ୍ତିମ ଲାପ୍‌ରେ ଟାୟାର ପଙ୍କଚର ସତ୍ତ୍ୱେ ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ରବିବାର ଅନୁଷ୍ଠିତ ବ୍ରିଟିଶ ଫର୍ମୁଲା ୱାନ ଗ୍ରାଁ ପ୍ରି ଟାଇଟଲ ଜିତିଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ୮୭ତମ ଟାଇଟଲ। କିମ୍ବଦନ୍ତୀ ମାଇକେଲ ସୁମାକରଙ୍କ ରେକର୍ଡଠାରୁ ସେ ଆଉ ମାତ୍ର ୪ ବିଜୟ ପଛରେ ରହିଛନ୍ତି। ସିଲଭରଷ୍ଟୋନ୍‌ଠାରେ ଏହି ଚାମ୍ପିୟନଶିପ୍ ଲିଡର ତାଙ୍କ ବିଜୟ ରେକର୍ଡ ମଧ୍ୟ ୭କୁ ବୃଦ୍ଧି ପାଇଛି। ରବିବାର ରେସ୍‌ରେ ହାମିଲଟନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କଠାରୁ ୬ସେକେଣ୍ଡ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରେସ୍ ଶେଷ ହେବାକୁ ଆହୁରି ୩ ଲାପ୍ ବାକି ରହିଥିବାବେଳେ ହାମିଲଟନଙ୍କ ଟିମ୍‌ମେଟ ଭାଲ୍‌ଟେରି ବୋଟାସଙ୍କ ଚକା ପଙ୍କଚର ହୋଇଯାଇଥିଲା। ଫଳରେ ସେ ୧୧ତମ ସ୍ଥାନ ଅଧିକାର କରିଥିଲେ। ଟାଇଟଲ ରେସ୍‌ରେ ସେ ହାମିଲଟନଙ୍କଠାରୁ ୩୦ ପଏଣ୍ଟ ପଛରେ ରହିଛନ୍ତି। ଭର୍ଷ୍ଟାପେନ୍‌ଙ୍କ ପଛକୁ ତୃତୀୟ ସ୍ଥାନରେ ରହିଥିଲେ ଫେରାରିର ଚାର୍ଲ୍ସ ଲେକ୍‌ରେକ୍। ୪ଥର ଫର୍ମୁଲା ୱାନ ଚାମ୍ପିୟନ ସେବାଷ୍ଟିଆନ ଭେଟେଲ ଶ୍ରେଷ୍ଠ ୫ ଭିତରେ ରହିବାରେ ବିଫଳ ହୋଇଛନ୍ତି। ସେ ୧୦ମ ସ୍ଥାନରେ ରହିଥିଲେ। ମ୍ୟାକଲରେନର କାର୍ଲୋସ ସେଞ୍ଜ୍ ଜୁନିୟରଙ୍କ ମଧ୍ୟ ଶେଷ ଲାପ୍‌ରେ ପଙ୍କଚର ହୋଇଥିଲା। ସେ ୧୩ ତମ ସ୍ଥାନରେ ରହିଥିଲେ। ଆସନ୍ତା ରବିବାର ସିଲଭରଷ୍ଟୋନ୍‌ରେ ଆଉ ଏକ ରେସ୍ ଅନୁଷ୍ଠିତ ହେବ। ବ୍ରିଟିଶ ଗ୍ରାଁରେ ରବିବାର ଘଟିଥିବା ମୁଖ୍ୟ ଘଟଣାଗୁଡ଼ିକ ମଧ୍ୟରେ ରେସିଂ ପଏଣ୍ଟ ତରଫରୁ ସର୍ଗିଓ ପେରେଜଙ୍କ ସ୍ଥାନରେ ରେସ୍‌ରେ ଭାଗ ନେବାକୁ ଥିବା ନିକୋ ହଲ୍କେନବର୍ଗଙ୍କ କାର୍‌ରେ ସମସ୍ୟା ଦେଖା ଦେବାରୁ ସେ ରେସ୍‌ରେ ସାମିଲ ହୋଇ ପାରି ନ ଥିଲେ। ରେଡ୍‌ବୁଲ୍‌ର ଆଲେକ୍‌ଜାଣ୍ଡର ଆଲବନଙ୍କ କାର୍ ସହିତ କଣ୍ଟାକ୍ଟ ଯୋଗୁ ହାସ୍ ଫର୍ମୁଲା ୱାନ ଟିମ୍‌ର କେଭିନ ମାଗ୍ନସେନ୍ ରେସ୍‌ରୁ ଆଉଟ୍ ହୋଇଯାଇଥିଲେ। ଏହି ଦୁର୍ଘଟଣା ପାଇଁ ଆଲବନ୍‌ଙ୍କୁ ୫ ସେକେଣ୍ଡ ପେନାଲ୍ଟି ହୋଇଥିଲା। ଆଲ୍‌ଫା ଟାଉରିର ଡାନିଲ କ୍ୟାଭ୍‌ଙ୍କ ଚକା ପଙ୍କଚର ହୋଇଯିବାରୁ ତାଙ୍କ କାର୍ କାନ୍ଥରେ ଧକ୍କା ହୋଇଯାଇଥିଲା। ତାଙ୍କ ଗାଡ଼ି ଭାଙ୍ଗିରୁଜି ଯାଇଥିବା ବେଳେ ସସ୍‌ପେନସନ କାମ କରି ନ ଥିଲା। ଫଳରେ ତାଙ୍କୁ ମଧ୍ୟ ରେସ୍‌ରୁ ଆଉଟ ହୋଇଯିବାକୁ ପଡ଼ିଥିଲା।


ଟ୍ରଫି ସହ ଲୁଇସ୍ ହାମିଲ୍‌ଟନ୍।

# ଦିନିକିଆ ସିରିଜ ଜିତିଲା ଇଂଲଣ୍ଡ

**ସାଉଥାମ୍ପଟନ,୨।୮(ଏପି)**

ଓପନର ଜନି ବେୟାରଷ୍ଟୋଙ୍କ ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ (୮୨ ରନ, ୪୧ ବଲ, ୧୪ ଚୌକା, ୨ ଛକା) ବଳରେ ଇଂଲଣ୍ଡ ରବିବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୪ ଉଇକେଟରେ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ଇଂଲଣ୍ଡ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଟସ୍ ଜିତି ଆୟର୍ଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲା। ଜବାବରେ ମିଡିଲ ଅର୍ଡରର ବିପର୍ଯ୍ୟୟ ସତ୍ତ୍ୱେ ଇଂଲଣ୍ଡ ୩୨.୨ ଓଭରରେ ୬ ଉଇକେଟ ହରାଇ ୨୧୬ ରନ କରି ବିଜୟ ହାସଲ କରିଥିଲା। ବେୟାଷ୍ଟୋ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୨୧୩ ରନ ଟାର୍ଗେଟର ପିଛା କରି ଇଂଲଣ୍ଡ ବିନା ସ୍କୋରରେ ଜାସନ ରଏଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଉଇକେଟକିପର ବ୍ୟାଟ୍ସମ୍ୟାନ ତଥା ଓପନର ବେୟାରଷ୍ଟୋଙ୍କୁ ବାଦ୍ ଦେଲେ ମିଡିଲଅର୍ଡର ବ୍ୟାଟ୍ସମ୍ୟାନ ସାମ ବିଲିଙ୍ଗ୍ସ ଓ ଡେଭିଡ ୱିଲି ଦମ୍‌ଦାର ବ୍ୟାଟିଂ କରି ଦଳକୁ ଜିତାଇଥିଲେ। ଅନ୍ୟମାନଙ୍କ ମଧ୍ୟ ଜେମ୍ସ ଭିନ୍ସ ୧୬, ଟମ୍ ବାଣ୍ଟନ ୧୫ ରନ କରି ଆଉଟ ହୋଇଥିବା ବେଳେ ଅଧିନାୟକ ଇଅନ ମୋର୍ଗାନ ଓ ଅଲରାଉଣ୍ଡର ମୋଇନ ଅଲି ଖାତା ଖୋଲିପାରି ନ ଥିଲେ।


ୱେମ୍ବ୍ଲି ଷ୍ଟାଡିୟମ (ଲଣ୍ଡନ)ଠାରେ ଏଫ୍ଏ କପ୍ ଫାଇନାଲ ଫୁଟ୍‌ବଲ ମ୍ୟାଚରେ ଚେଲ୍‌ସିକୁ ପରାସ୍ତ କରିବା ପରେ ଟ୍ରଫି ସହ ଖୁସି ମୁହୂର୍ତ୍ତରେ ଆର୍ସେନାଲର ଖେଳାଳିମାନେ।

# ମହିଳା ଆଇପିଏଲ୍ ହେବ: ଗାଙ୍ଗୁଲି

**ନୂଆଦିଲ୍ଲୀ,୨।୮(ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମହିଳା ସଂସ୍କରଣ ଆୟୋଜନ ହେବା ସ୍ପଷ୍ଟ ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଏ ନେଇ ଘୋଷଣା କରିଛନ୍ତି। ମହିଳା ଆଇପିଏଲ ବା ଚ୍ୟାଲେଞ୍ଜର୍ସ ସିରିଜ୍ ନେଇ ଚାଲିଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି।

ପୁରୁଷ ଆଇପିଏଲ୍ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ସେପ୍ଟେମ୍ବର ୧୯ରୁ ନଭେମ୍ବର ୮ କିମ୍ବା ୧୦ ମଧ୍ୟରେ ଆୟୋଜନ ହେବ। ଫାଇନାଲ ତାରିଖ ଏପର୍ଯ୍ୟନ୍ତ ଅବଶ୍ୟ ଘୋଷଣା କରାଯାଇ ନାହିଁ। ମହିଳା ଆଇପିଏଲ୍ ମଧ୍ୟ ଏହି କାର୍ଯ୍ୟସୂଚୀ ସହ ମେଳ ଖାଇବ ବୋଲି ଗାଙ୍ଗୁଲି କହିଛନ୍ତି। ମହିଳା ଆଇପିଏଲ୍ ଆୟୋଜନ ନେଇ ଆମେ କାର୍ଯ୍ୟ କରୁଛୁ ଓ ଜାତୀୟ ମହିଳା ଦଳ ନେଇ ମଧ୍ୟ ଆମର ଯୋଜନା ରହିଛି ବୋଲି ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ ବୈଠକ ପୂର୍ବରୁ ସେ କହିଛନ୍ତି। ମହିଳା ଚ୍ୟାଲେଞ୍ଜର ଟ୍ରଫି ଗତବର୍ଷ ଭଳି ଆଇପିଏଲ୍‌ର ଅନ୍ତିମ ପର୍ଯ୍ୟାୟରେ ଆୟୋଜନ ହେବ ବୋଲି ବୋର୍ଡର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ନଭେମ୍ବର ୧ରୁ ୧୦ ମଧ୍ୟରେ ମହିଳା ଚ୍ୟାଲେଞ୍ଜର ସିରିଜ ଆୟୋଜନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ପୂର୍ବରୁ ଏକ କ୍ୟାମ୍ପର ମଧ୍ୟ ଆୟୋଜନ ହେବ। ଚୁକ୍ତିବଦ୍ଧ ମହିଳା ଖେଳାଳିଙ୍କ ପାଇଁ କ୍ୟାମ୍ପ ଆୟୋଜନ ହେବ। ଦେଶରେ ଦେଖାଦେଇଥିବା କରୋନ ସ୍ଥିତି ଯୋଗୁ ଏଥିରେ ବିଳମ୍ବ ହୋଇଛି ବୋଲି ଗାଙ୍ଗୁଲି କହିଛନ୍ତି। କୋଭିଡ୍-୧୯ କାରଣରୁ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମଧ୍ୟ ବନ୍ଦ ରହିବ। ଏହା ସତ୍ତ୍ୱେ ମହିଳା କ୍ରିକେଟରଙ୍କ ପାଇଁ କ୍ୟାମ୍ପ ଆୟୋଜନ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୁଣି ନ୍ୟୁଜିଲାଣ୍ଡରେ ଦିନିକିଆ ବିଶ୍ୱକପ୍ ଖେଳିବା ପୂର୍ବରୁ ଭାରତୀୟ ମହିଳା ଦଳ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଏକ ପୂରା ସୀମିତ ଓଭର ସିରିଜ ଖେଳିବା ନେଇ ବିସିସିଆଇ କ୍ରିକେଟ ଅପରେଶନ ଟିମ୍ କାର୍ଯ୍ୟସୂଚୀ ସ୍ଥିର କରିବାକୁ ପ୍ରୟାସ ଆରମ୍ଭ କରୁଛି।



## ମିଥାଲି ରାଜ୍‌ଙ୍କ ସ୍ୱାଗତ

**ନୂଆଦିଲ୍ଲୀ,୨।୮(ପି.ଟି.):** ମହିଳା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆ) ସଭାପତି ସୌରଭ ଗାଙ୍ଗୁଲିଙ୍କ ଘୋଷଣାକୁ ମିଥାଲି ରାଜଙ୍କ ସମେତ ଅନ୍ୟ ଭାରତୀୟ ମହିଳା କ୍ରିକେଟର ସ୍ୱାଗତ କରିଛନ୍ତି। ମାର୍ଚ୍ଚରେ ଟି୨୦ ବିଶ୍ୱକପ୍ ଫାଇନାଲ ଖେଳିବା ପରେ ମହିଳା ଦଳ ଏପର୍ଯ୍ୟନ୍ତ କୌଣସି ମ୍ୟାଚ୍ ଖେଳିନାହିଁ। ନଭେମ୍ବରରେ ମିଥାଲି ଶେଷଥର ପାଇଁ ଦିନିକିଆ ଖେଳିଥିଲେ। ଇଂଲଣ୍ଡ ଗସ୍ତ ବାତିଲ ହେବା ପରେ ଭାରତୀୟ ଦଳ ଏପର୍ଯ୍ୟନ୍ତ ଖେଳିବାର ସୁଯୋଗ ପାଇନାହିଁ। ଫେବୃୟାରୀ- ମାର୍ଚ୍ଚରେ ଦିନିକିଆ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଅଭିଜ୍ଞ ମହିଳା କ୍ରିକେଟର ପୁନମ୍ ଯାଦବ ମଧ୍ୟ ଟୁଇଟ୍ କରି ମହିଳା ଆଇପିଏଲ୍ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏହା ଏକ ଭଲ ଖବର ବୋଲି ସେ ଉଲ୍ଲେଖ କରିଛନ୍ତି। ମିଥାଲି ମଧ୍ୟ ଏହାକୁ ଏକ ଅତି ଶୁଭ ଖବର ବୋଲି କହିଛନ୍ତି। ବିଶ୍ୱକପ୍ ପ୍ରସ୍ତୁତିରେ ମହିଳା ଆଇପିଏଲ୍ ବେଶ୍ ସହାୟ ହେବ। ମହିଳା କ୍ରିକେଟକୁ ସମର୍ଥନ ପାଇଁ ସେ ଗାଙ୍ଗୁଲି, ବିସିସିଆଇ ଓ ଅନ୍ୟମାନଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।


ମିଥାଲି ରାଜ

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ